

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-32 ♦SUNDAY ♦26 JULY 2026 ♦PAGE-12+4 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୩୨ ♦ରବିବାର ♦୨୬ ଜୁଲାଇ ୨୦୨୬ ♦ପୃଷ୍ଠା-୧୨+୪ ♦ଟ.୭.୦୦ (ସିନ୍ଦୂରା ସହ)


# ମହଣମହଣ ସ୍ୱର୍ଣ୍ଣାଳଙ୍କାରରେ ଝଟକିଲେ ଦାରୁବ୍ରହ୍ମ

■ ପୁରୀ, ୨୫।୭ (ସମିସ): ସରି ସରି ଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ଦିନକ ପରେ ନୀଳକନ୍ଦରକୁ ବାହୁଡ଼ିଯିବେ ନୀଳାଦ୍ରିନାଥ। ଏହାର ଅବ୍ୟବହିତ ପୂର୍ବରୁ ଶନିବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କର ଅନୁଷ୍ଠିତ ହୋଇଛି ସୁନାବେଶ। ମହଣମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ଦାରୁବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ବା ବଡ଼ତଢ଼ାଉ ବେଶ ଦର୍ଶନ କରିଛନ୍ତି ଅଗଣିତ ଭକ୍ତ। ପ୍ରାୟ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବିଶ୍ୱନିୟନ୍ତାଙ୍କ ଦିବ୍ୟ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ରବିବାର ରଥ ଉପରେ ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ସେଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ନୀଳାଦ୍ରି ବିଜେରେ ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାରଠାରୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା।

ଦୁଇଦିନ ପରେ ଘୋଷଯାତ୍ରା ପରିସମାପ୍ତି ଘଟିବ। ଦିନ ଯେତିକି ପାଖେଇ ଆସୁଛି ରଥାରୂଢ଼ ଠାକୁରଙ୍କ ଦର୍ଶନ କରିବା ଲାଗି ଭକ୍ତଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ବଢ଼ିବାରେ ଲାଗିଛି। ତେବେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ଶନିବାର ସକାଳୁ ପୁରୀକୁ ଭକ୍ତଙ୍କ ସୁଅ ଛୁଟିଥିଲା। ସଅଳ ନୀତିକାନ୍ତି ସାଙ୍ଗକୁ ପାଗ ବି ବେଶ୍ ଅନୁକୂଳ ରହିଥିଲା। ସକାଳୁ ଆକାଶ ଥିଲା ମୋଘାଛନ୍ନ। ମଝିରେ ଯଦିଓ ଝିପିଝିପି ବର୍ଷା ହେଉଥିଲା ତାହା କିନ୍ତୁ ବାଧକ ସାଜି ନ ଥିଲା। ତେଣୁ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ପୂର୍ବାହ୍ନ ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥିଲା। ଅନେକ ସୁନାବେଶ ପୂର୍ବରୁ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ଫେରିଥିଲେ।

**ଆଜି ରଥ ଉପରେ ଲାଗିହେବ ଅଧରପଣା**

ତେବେ ସୁନାବେଶ ଲାଗି ସକାଳୁ ବେଶ୍ ତତ୍ପର ହୋଇପଡ଼ିଥିଲେ ସେବାୟତ ଓ ଅଧିକାରୀ। ସକାଳ ୭ଟା ୫୫ରୁ ୮ଟା ୨୦ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢ଼ିଥିଲା। ଏହାପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ଣ ୧୦ଟା ୪୫ରେ ଗୋପାଳବଲ୍ଲଭ ଭୋଗ ବଢ଼ିଥିବାବେଳେ ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ସରିଥିଲା। ଅପରାହ୍ଣ ୧ଟା ୫୦ରୁ ୨ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ୪ଟା ୪୫ରୁ ୪ଟା ୫୫ ମଧ୍ୟରେ ମଇଲମ, ୪ଟା ୫୫ରୁ ୫ଟା ୦୫ ମଧ୍ୟରେ ଶାଢ଼ି, ଖଣ୍ଟୁଆ ଲାଗିହୋଇ ସନ୍ଧ୍ୟା ଆଳତି ହୋଇଥିଲା। ଏହାପରେ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ତିନିରଥରେ ଏକାଦଶୀ ସର୍ବାଙ୍ଗ ▶ପୃଷ୍ଠା-୭







# ନଇଁଲେ ସରକାର ଯୁବଶକ୍ତିର ବିଜୟ

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା; ସିଜେପି ଆନ୍ଦୋଳନ ପ୍ରତ୍ୟାହୃତ

■ ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପ୍ରଦାନ ସହିତ କେନ୍ଦ୍ର ସରକାର କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସମସ୍ତ ଦାବି ଗ୍ରହଣ କରିବା ପରେ ଯନ୍ତରମନ୍ତରରେ ଦୀର୍ଘ ୩୬ ଦିନ ଧରି ଚାଲିଥିବା ଆନ୍ଦୋଳନ ଆଜି ପ୍ରତ୍ୟାହାର ହୋଇଛି। ଆନ୍ଦୋଳନରେ ସାମିଲ ହୋଇଥିବା ସମସ୍ତ ସଂଗଠନ ଓ ବ୍ୟକ୍ତିଙ୍କ ବିରୋଧରେ ଏଫ୍ଆଇଆର୍ ପ୍ରତ୍ୟାହାର ଏବଂ ନିଟ୍ ପରୀକ୍ଷା ବିଭ୍ରାଟ ଯୋଗୁଁ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ ପରିମାଣର

### ସବୁ ଦାବି ପୂରଣ ପାଇଁ ପ୍ରତିଶ୍ରୁତି

କ୍ଷତିପୂରଣ ଦେବା ଲାଗି କେନ୍ଦ୍ର ସରକାର ରାଜି ହୋଇଛନ୍ତି। ଶିକ୍ଷାରେ ସଂସ୍କାର ଲାଗି ଆନ୍ଦୋଳନକାରୀ ଦେଇଥିବା ୫-ଦଫା ପ୍ରସ୍ତାବ ଉପରେ ବିଚାର କରିବା ଲାଗି ମଧ୍ୟ ରାଜି ହୋଇଛନ୍ତି। ଆଜି ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ଆଲୋଚନା ବେଳେ ସରକାର ଏହି ସମସ୍ତ ସର୍ତ୍ତ ଓ ଦାବି ପୂରଣ କରିବାକୁ ରାଜି ହେବାପରେ ଆନ୍ଦୋଳନ ପ୍ରତ୍ୟାର କରିବାକୁ ଘୋଷଣା କରିଛି କକ୍ରୋଚ୍ ଜନତା ପାର୍ଟି। ଏହିସବୁ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି କି ନାହିଁ ଏବଂ ଏହାର ଅଗ୍ରଗତି ସଂପର୍କରେ ସମୀକ୍ଷା ପାଇଁ ୪ ସପ୍ତାହ ପରେ ପୁଣି ସରକାର ଏବଂ କକ୍ରୋଚ୍ ପାର୍ଟି ପ୍ରତିନିଧି ମଧ୍ୟରେ ଆଲୋଚନା ହେବ ବୋଲି ସୂଚନା ଦିଆଯାଇଛି।


କେନ୍ଦ୍ର ସରକାର ଏବଂ କକ୍ରୋଚ୍ ପାର୍ଟି ପ୍ରତିନିଧି ଦଳ ମଧ୍ୟରେ ତିନିଟି ପର୍ଯ୍ୟାୟରେ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହାର କଥା ଘୋଷଣା କରାଯାଇଛି। ଆଜି ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କକ୍ରୋଚ୍ ପାର୍ଟିର ମୁଖ୍ୟ ମୁଖପାତ୍ର ସୌରଭ ଦାସ କହିଲେ ଯେ ସଂଗଠନର ସମସ୍ତ ଦାବି ପୂରଣ କରିବାକୁ ସରକାର ▶ପୃଷ୍ଠା-୭





## ଜେନ୍-ଜୀଙ୍କୁ ନବୀନଙ୍କ ଶୁଭେଚ୍ଛା

■ ଭୁବନେଶ୍ୱର, ୨୫।୭ (ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଯନ୍ତରମନ୍ତରରେ ଚାଲିଥିବା ଛାତ୍ର ଆନ୍ଦୋଳନର ବଡ଼ ବିଜୟ ହୋଇଛି। ଏହାକୁ ନେଇ ଜେନ-ଜୀଙ୍କୁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ନବୀନ ଏକ ରିଲ୍‌ସରେ କହିଛନ୍ତି, ଜେନ୍-ଜୀଙ୍କ ପାଇଁ ମୁଁ ଗର୍ବିତ। ଯୁବପିଢ଼ି ହିଁ ଆମ ଗଣତନ୍ତ୍ରର ପ୍ରକୃତ ଶକ୍ତି। ଏହାସହ ନବୀନ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି, ମୁଁ ଏହି ବିଜୟ ପାଇଁ ଭାରତର ଯୁବପିଢ଼ିଙ୍କୁ, ବିଶେଷକରି ଜେନ୍-ଜୀ ପିଢ଼ିକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏକ



### ଜନତାଙ୍କ ଇଚ୍ଛାଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି

ସଶକ୍ତ ଗଣତନ୍ତ୍ରର ମୂଳ ଆଧାର ହେଉଛି ଉତ୍ତରଦାୟିତ୍ୱ ଓ ଜନମତ ପ୍ରତି ସମ୍ବେଦନଶୀଳ ▶ପୃଷ୍ଠା-୭

## ଯୁବଶକ୍ତି ହିଁ ଦେଶର ପ୍ରକୃତ ଶକ୍ତି

■ ନୂଆଦିଲ୍ଲୀ, ୨୫।୭: ନିଟ୍ ପରୀକ୍ଷାରେ ବିଭ୍ରାଟ ଏବଂ ଏହା ପ୍ରତିବାଦରେ ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଆଜି ଇସ୍ତଫା ଦେଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ଇସ୍ତଫାପତ୍ର ପ୍ରଦାନ କରିବା ପରେ ବିବୃତି ଦେଇ କହିଛନ୍ତି, ସେ ଦେଶର ଯୁବକମାନଙ୍କ ଆକାଂକ୍ଷା, ଭାବନା ଏବଂ ସେମାନଙ୍କର ନ୍ୟାୟସଙ୍ଗତ ଅପେକ୍ଷାଗୁଡ଼ିକର ଗଭୀର ସମ୍ମାନ କରନ୍ତି। ସେମାନେ କେବଳ ଭାରତର ଭବିଷ୍ୟତ ନୁହନ୍ତି, ବରଂ ଏକ ନୂତନ ଓ ବିକଶିତ ଭାରତର ବାହକ ଓ ନିର୍ମାତା। ଭାରତର ▶ପୃଷ୍ଠା-୭



## ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ଦାୟିତ୍ୱ

■ ନୂଆଦିଲ୍ଲୀ, ୨୫।୭: ରାଷ୍ଟ୍ରପତି ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ଗ୍ରହଣ କରିନେଇଛନ୍ତି। ତାଙ୍କ ସ୍ଥାନରେ ଅନ୍ୟତମ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ଏବେ ଶ୍ରୀ ଯୋଶୀ ଖାଦ୍ୟ ଓ ଖାଉଟୀ ବ୍ୟାପାର ମନ୍ତ୍ରୀ ଅଛନ୍ତି। ପୂର୍ବରୁ ସେ କେନ୍ଦ୍ର ସରକାରରେ ସଂସଦୀୟ ବ୍ୟାପାର ସହିତ କୋଇଲା ଓ ଖଣି ମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଛନ୍ତି।



## ଧର୍ମେନ୍ଦ୍ରଙ୍କ ନିଷ୍ପତ୍ତି ଉଚ୍ଚ ନୀତିଆଦର୍ଶର ପରିଚୟ

■ ଭୁବନେଶ୍ୱର, ୨୫।୭ (ସମିସ): ଶିକ୍ଷାମନ୍ତ୍ରୀ ପଦବୀରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କୁ ପ୍ରଶଂସା କରିଛନ୍ତି। ବୃହତ୍ତର ସାମାଜିକ ହିତ ଓ ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ପଦବୀରୁ ଇସ୍ତଫା ଦେବା ପାଇଁ ସେ ଗ୍ରହଣ କରିଥିବା ନିଷ୍ପତ୍ତି ତାଙ୍କ ଉଚ୍ଚ ନୀତିଆଦର୍ଶର ପରିଚାୟକ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ 'ଜାତୀୟ ଶିକ୍ଷା ନୀତି' ଭଳି ଐତିହାସିକ ନୀତି କାର୍ଯ୍ୟକାରୀ କରି ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶିକ୍ଷାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି।



### ପୁଣି ଲଘୁଚାପ, ଦୁଇ ଦିନରେ ଆହୁରି ଘନୀଭୂତ

## ସାରା ରାଜ୍ୟରେ ୩ ଦିନ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୨୫।୭ (ସମିସ): ରାଜ୍ୟରେ ଆଉ ଗୋଟିଏ ପର୍ଯ୍ୟାୟ ବର୍ଷା ଆରମ୍ଭ ହୋଇଛି। ଜୁଲାଇ ମାସରେ ଏହା ତୃତୀୟ ପର୍ଯ୍ୟାୟ ବର୍ଷା ହୋଇଥିବା ବେଳେ ଏହି ବର୍ଷା ଆଗାମୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। କାରଣ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ଯୋଗୁଁ ମୌସୁମୀ ଏବେ ସମ୍ପୂର୍ଣ୍ଣ ସକ୍ରିୟ ରହିଛି। ଏହି ଲଘୁଚାପଟି ଆଗକୁ ଆହୁରି ଘନୀଭୂତ ହେବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବ୍ୟାପକ ଅଞ୍ଚଳରେ ବର୍ଷା ସହ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଇଛି।

**ଫୁଲିବ ଉତ୍ତର ଓଡ଼ିଶାର ନଦୀସମୂହ**

ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳ ୫ଟା ୩୦ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତତ୍‌ସଂଲଗ୍ନ ପଶ୍ଚିମବଙ୍ଗ-ଓଡିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହିତ ବର୍ତ୍ତମାନ ଆରବ ସାଗରରେ ମଧ୍ୟ ଏକ ଲଘୁଚାପ ରହିଛି। ଏହାପ୍ରଭାବରେ ବଙ୍ଗୋପସାଗରରେ ରହିଥିବା ଲଘୁଚାପ କ୍ଷେତ୍ର ଆଗାମୀ ୨-୩ ଦିନ ଯାଏଁ ସମାନ ଅଞ୍ଚଳରେ ବିଚରଣ କରିବ। ତେଣୁ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ଥିବାରୁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଲଘୁଚାପ ପ୍ରଭାବରେ ଶୁକ୍ରବାର ରାତିଠାରୁ ରାଜ୍ୟର ଅନେକ ସ୍ଥାନରେ ▶ପୃଷ୍ଠା-୭

**ଶିକ୍ଷକ ନିଯୁକ୍ତି ଦୁର୍ନୀତି**

## ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ବିଭାଗ ତତ୍ପର


■ ଭୁବନେଶ୍ୱର, ୨୫।୭ (ବିଶ୍ୱଜିତ ଗାଇଗରିଆ): ରାଜ୍ୟର ସମସ୍ତ ବିଇଡି କଲେଜରେ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଅଧ୍ୟାପକ ରାଜ୍ୟ ସରକାରଙ୍କ ନିଦ ହଜିଯାଇଛି। ଫଳରେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

### ଯୋଗ୍ୟତା ନ ଥାଇ ନିଯୁକ୍ତିକୁ ସରକାରଙ୍କ ପରୋକ୍ଷ ସ୍ୱୀକାର

### କାର୍ଯ୍ୟାନୁଷ୍ଠାନ ବଦଳରେ ଏମ୍ଇଡି ପଢ଼ାଇବ ଉଚ୍ଚଶିକ୍ଷା ବିଭାଗ

### ଅନିୟମିତତାର ମାଷ୍ଟରମାଇଣ୍ଡଙ୍କୁ କିଏ ଓ କାହିଁକି ଦେଉଛି ସୁରକ୍ଷା?

ଭାବେ ନିଯୁକ୍ତି ଘଟଣାରେ ବାଜିଛି ଏନ୍‌ସିଟିଇ ଛାଟ। ଚଳିତମାସ ଶେଷ ସୁଦ୍ଧା ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ରିପୋର୍ଟ ଦାଖଲ କରିବାକୁ ଏନ୍‌ସିଟିଇ ତାଗିଦ କରିବା ପରେ ଏମ୍ଇଡି ଯୋଗ୍ୟତା ନ ଥାଇ ଚାକିରି ପାଇଥିବା ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ବଢ଼ାଇବା ଆଳରେ ସେମାନଙ୍କୁ ଯୋଗ୍ୟ କରିବା ପାଇଁ ଏମ୍ଇଡି ପଢ଼ିବାକୁ ଇଚ୍ଛାପତ୍ର ମାଗିଛି। ଅର୍ଥାତ୍



ଅଯୋଗ୍ୟଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାର ସ୍ୱୀକାର କରିବା ସହ ନିଯୁକ୍ତି ଦୁର୍ନୀତି ଉପରେ ପରଦା ଢାଙ୍କିବାକୁ ପ୍ରୟାସ ଆରମ୍ଭ କରିଛନ୍ତି।

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଅଯୋଗ୍ୟ ଅଧ୍ୟାପକଙ୍କୁ ଯୋଗ୍ୟ କରିବା ପାଇଁ ଗତ ୨୧ ତାରିଖରେ ଏକ ତଞ୍ଚକତା ପୂର୍ଣ୍ଣ ଚିଠି କରାଯାଇଛି। ଯେଉଁ ଅଧ୍ୟାପକମାନଙ୍କ ପାଖରେ ଏମ୍ଇଡି ଯୋଗ୍ୟତା ନାହିଁ, ସେମାନଙ୍କୁ ଦୁଇ ବର୍ଷିଆ ଏମ୍ଇଡି ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ଏହି ଇଚ୍ଛାପତ୍ର ଦେବାକୁ କୁହାଯାଇଛି। ଅର୍ଥାତ୍ ଏମ୍ଇଡି ଯୋଗ୍ୟତା ନ ଥାଇ ମଧ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ସ୍ୱୀକାର କରିଛି। ସେହି ସମାନ ଚିଠିରେ ଆହୁରି ଉଲ୍ଲେଖ ରହିଛି ଯେ, ଏନ୍‌ସିଟିଇ ▶ପୃଷ୍ଠା-୭





## ପୂରଣ ହେଲା ସବୁ ଦାବି

# ଉତ୍ସବରେ ଉଚ୍ଛୁଳିଲା ଯନ୍ତର-ମନ୍ତର

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ସରକାରଙ୍କ ସହ ସଫଳ ଆଲୋଚନା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ଦୀର୍ଘଦିନିଆ ଅନ୍ଦୋଳନ ପ୍ରତ୍ୟାହୃତ କରିବାକୁ ଘୋଷଣା କରିଛି। ଦଳର ଜାତୀୟ ମୁଖପାତ୍ର ଆଶୁତୋଷରଙ୍କା ଯନ୍ତରମନ୍ତରଠାରେ ଆନ୍ଦୋଳନରତ ଛାତ୍ରଛାତ୍ରୀ ଓ ସମର୍ଥକମାନଙ୍କୁ ଆବେଦନ କରିଛନ୍ତି ଯେ ଦଳର ସମସ୍ତ ମୁଖ୍ୟ ଦାବିକୁ ସରକାର ଗ୍ରହଣ କରିନେଇଥିବାରୁ ସମସ୍ତେ ଶାନ୍ତିପୂର୍ଣ୍ଣ ଭାବେ ନିଜ

■ ୩୬ ଦିନର ଆନ୍ଦୋଳନ ଶେଷ
■ ଶାନ୍ତିପୂର୍ଣ୍ଣ ଭାବେ ଘରକୁ ଫେରିଯିବାକୁ ଅପିଲ

ନିଜ ଘରକୁ ଫେରିଯାଆନ୍ତୁ। ସାମ୍ବାଦିକ ସମ୍ମିଳନୀ ଓ ଯନ୍ତର ମନ୍ତର ମଞ୍ଚରୁ ସୂଚନା ଦେଇ ଆଶୁତୋଷ ରଙ୍କା କହିଛନ୍ତି ଯେ, 'ଆମର ମୁଖ୍ୟ ଦାବିଗୁଡ଼ିକୁ ସରକାର ସ୍ୱୀକାର କରିଛନ୍ତି। ଶିକ୍ଷାମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେଇସାରିଛନ୍ତି, ଆନ୍ଦୋଳନକାରୀ ଛାତ୍ରମାନଙ୍କ ଉପରେ କୌଣସି ପୁଲିସ ମାମଲା (ଏଫ୍ଆଇଆର) କରାଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ମିଳିଛି, ଏବଂ ପରୀକ୍ଷା ପ୍ରଣାଳୀର ସଂସ୍କାର ପାଇଁ ସଂସଦରେ ଆଲୋଚନା ହେବ। ତେଣୁ ଆମେ ସମସ୍ତ ଆନ୍ଦୋଳନକାରୀଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଶାନ୍ତିଶୃଙ୍ଖଳା ରକ୍ଷା କରି ନିଜ ଘରକୁ ଫେରିଯାଆନ୍ତୁ। ପାର୍ଟିର ଆଗାମୀ କାର୍ଯ୍ୟପନ୍ଥା ଓ ରଣନୀତି ସମ୍ପର୍କରେ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ।' ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ସିଜେପି ମୁଖାପାତ୍ରଙ୍କ ଏହି ଘୋଷଣା ପରେ ଯନ୍ତର ମନ୍ତର ପ୍ରତିବାଦ ସ୍ଥଳରେ ଖୁସିର ଲହରୀ ଖେଳିଯାଇଛି। ଉପସ୍ଥିତ ହଜାର ହଜାର ଛାତ୍ରଛାତ୍ରୀ ଜାତୀୟ ପତାକା ଉଡ଼ାଇ 'ଗଣତନ୍ତ୍ରର ବିଜୟ' ବୋଲି ନାରାବାଜି କରିବା ସହ ଉତ୍ସବ ପାଳନ କରିଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଏବଂ ଅନ୍ୟ ନେତାମାନେ ମଧ୍ୟ ଏହି ବିଜୟକୁ ଦେଶର ଯୁବଶକ୍ତିର ବିଜୟ ବୋଲି ଅଭିହିତ କରିଛନ୍ତି। ଏହି ଆନ୍ଦୋଳନ ତଥା ବିକ୍ଷୋଭର ପ୍ରମୁଖ ସଫଳତାଗୁଡ଼ିକ ହେଲା, ପରୀକ୍ଷା ଅନିୟମିତତାର ନୈତିକ ଦାୟିତ୍ୱ ନେଇ ଧର୍ମେନ୍ଦ୍ର ପ୍ରଧାନଙ୍କ ପଦତ୍ୟାଗ, ଶାନ୍ତିପୂର୍ଣ୍ଣ ଅନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସରକାରୀ ପ୍ରତିଶ୍ରୁତି। କେନ୍ଦ୍ରୀୟ ପରୀକ୍ଷାଗୁଡ଼ିକରେ କଡ଼ା ନିୟମ ଏବଂ ସ୍ୱଚ୍ଛତା ଆଣିବା ପାଇଁ ସଂସଦରେ ନୂଆ ବିଲ୍ ଆଗତ କରିବାକୁ ପ୍ରତିଶ୍ରୁତି। ୨୬ ଦିନର ଆମରଣ ଅନଶନ ପରେ ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍ ନିଜର ଆନ୍ଦୋଳନ ସମାପ୍ତ କରିଛନ୍ତି। ସିଜେପି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବର୍ତ୍ତମାନ ପାଇଁ ଧାରଣା ସ୍ଥଳ ଖାଲି କରାଯାଉଥିଲେ ହେଁ, ସରକାର ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ କେତେ ଦ୍ରୁତ ଗତିରେ କାର୍ଯ୍ୟକାରୀ ହେଉଛି ତାହା ଉପରେ ଦଳ କଡ଼ା ନଜର ରଖିବ।

## ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ ୫-ଦଫା ଚାର୍ଟର

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ବିବାଦକୁ କେନ୍ଦ୍ର କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେଇଛନ୍ତି। ତେବେ କେବଳ ମନ୍ତ୍ରୀ ବଦଳିଲେ ସମସ୍ୟାର ସମାଧାନ ହେବ ନାହିଁ। ପରୀକ୍ଷା ବ୍ୟବସ୍ଥାରେ ବିଶ୍ୱାସ ଫେରାଇବା ପାଇଁ ବ୍ୟାପକ ସଂସ୍କାର ଆବଶ୍ୟକ ବୋଲି ବିଶେଷଜ୍ଞ ଓ ଛାତ୍ରଛାତ୍ରୀଙ୍କ ମତ। ପରୀକ୍ଷା ବ୍ୟବସ୍ଥାରେ ଆବଶ୍ୟକ ହେଉଥିବା ୫ଟି ପ୍ରମୁଖ ସଂସ୍କାର ପାଇଁ କକ୍ରୋଚ୍ ପାର୍ଟି ଦେଇଥିବା ପ୍ରସ୍ତାବ।



**୧. ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପୁନର୍ଗଠନ:** ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନା ତ୍ରୁଟିକୁ ନେଇ ଏନ୍‌ଟିଏର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି। ସଂସ୍କାର ପୂର୍ଣ୍ଣ ପୁନର୍ଗଠନ କିମ୍ବା ବ୍ୟାପକ ସୁଧାର ପାଇଁ ପ୍ରସ୍ତାବ।

**୨. ପ୍ରଶ୍ନପତ୍ର ବିତରଣ ବ୍ୟବସ୍ଥାକୁ ସୁରକ୍ଷିତ କରିବା:** ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ, ପରିବହନ ଓ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଅତ୍ୟାଧୁନିକ ବ୍ୟବସ୍ଥା ଅଧୀନରେ ଆଣିବା ଜରୁରୀ।

**୩. ସ୍ୱଚ୍ଛ ଓ ଦ୍ରୁତ ମୂଲ୍ୟାଙ୍କନ ପ୍ରଣାଳୀ:** ସିବିଏସଇର ଅନ୍‌ସ୍କ୍ରିନ୍ ମୂଲ୍ୟାଙ୍କନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ମୂଲ୍ୟାଙ୍କନ ଓ ପୁନଃମୂଲ୍ୟାଙ୍କନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା।

**୪. ଉଚ୍ଚସ୍ତରୀୟ ସ୍ୱାଧୀନ ନିରୀକ୍ଷଣ କମିଟି:** ଅବସରପ୍ରାପ୍ତ ବିଚାରପତି, ସାଇବର ସୁରକ୍ଷା ବିଶେଷଜ୍ଞ ଓ ଫରେନ୍ସିକ୍ ବିଶେଷଜ୍ଞଙ୍କୁ ନେଇ ଏକ ସ୍ଥାୟୀ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମ୍ବେଦନଶୀଳ ପରୀକ୍ଷାଗୁଡ଼ିକର ତଦାରଖ କରିବାକୁ ପ୍ରସ୍ତାବ ଦିଆଯାଉଛି।

**୫. କେବଳ ପରୀକ୍ଷା ନୁହେଁ, ରୋଜଗାର ଉପରେ ମଧ୍ୟ ଗୁରୁତ୍ୱ:** ପ୍ରଶ୍ନପତ୍ର ଲିକ୍ ଘଟଣା ପଛରେ ଥିବା ବଡ଼ ସମସ୍ୟା ହେଉଛି ଚାକିରିର ଅଭାବ। ତେଣୁ ପରୀକ୍ଷା ସଂସ୍କାର ସହ ଯୁବକଯୁବତୀଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସରକାରଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ।

ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ପରେ ଦେଶବ୍ୟାପୀ ବିରୋଧ ଆରମ୍ଭ ହୋଇଥିଲା। ପରେ ସିବିଏସଇର ଅନ୍‌ସ୍କ୍ରିନ୍ ମୂଲ୍ୟାଙ୍କନକୁ ନେଇ ମଧ୍ୟ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ବଢ଼ିଥିଲା। ଏହା ପରେ ବିଭିନ୍ନ ଛାତ୍ର ସଂଗଠନ ଓ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଯନ୍ତର-ମନ୍ତରରେ ଦୀର୍ଘ ଆନ୍ଦୋଳନ ଆରମ୍ଭ କରିଥିଲେ। ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ନୂଆ ଶିକ୍ଷା ନେତୃତ୍ୱ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ପୁଣିଥରେ ସ୍ଥାପନ କରିବା। ପରବର୍ତ୍ତୀ ଦିନରେ ସରକାର କେଉଁ ସଂସ୍କାର କାର୍ଯ୍ୟକାରୀ କରୁଛନ୍ତି, ତାହା ଉପରେ ଦେଶର ଲକ୍ଷଲକ୍ଷ ପରୀକ୍ଷାର୍ଥୀଙ୍କ ନଜର ରହିଛି।



## ଗୋଟିଏ ପୋଷ୍ଟ, ୬ଟି ଶବ୍ଦ ୩୭ ଦିନର ଆନ୍ଦୋଳନ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ଏକ ବ୍ୟଙ୍ଗାତ୍ମକ ୬ ଶବ୍ଦ ସମ୍ବଳିତ ସାମାଜିକ ଗଣମାଧ୍ୟମ ପୋଷ୍ଟ ଭାରତୀୟ ରାଜନୀତିରେ ଘୂର୍ଣ୍ଣିଝଡ଼ ସୃଷ୍ଟି କରିଛି। ଅଭିଜିତ ଦୀପକେଙ୍କ ନେତୃତ୍ୱରେ ଗଠିତ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ୩୭ ଦିନର ଅନଶନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି ଘଟଣା ଗତ ମେ ୧୬ରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରୁ ତୀବ୍ର ହୋଇଥିଲା। ବେକାର ଯୁବକମାନଙ୍କୁ 'ଅସରପା' (କକ୍ରୋଚ୍) ସହ ତୁଳନା କରାଯାଇଥିବା ଦେଶର ମୁଖ୍ୟ ବିଚାରରତିଙ୍କ ଏକ ବିବାଦୀୟ ମନ୍ତବ୍ୟର ଦୀପକେ ପ୍ରତିକ୍ରିୟା ରଖିଥିଲେ। 'ସବୁ ଅସରପା ଏକାଠି ହେଲେ କଣ ହେବ' ବୋଲି ସେ ପ୍ରଶ୍ନ କରିଥିଲେ। ପରେ ଏହି ଅନ୍‌ଲାଇନ୍ କଟାକ୍ଷ ବିଜୁଳି ବେଗରେ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନର ରୂପ ନେଇଥିଲା। ଦୀପକେ ଏକ ୱେବସାଇଟ୍ ଗଠନ କରି 'ଅଳସୁଆ ଏବଂ ବେକାରମାନଙ୍କ ସ୍ୱର' ବୋଲି ସ୍ଲୋଗାନ ଦେଇଥିଲେ। ତାଙ୍କ ଦ୍ୱାରା ଗଠିତ ସିଜେପି ଦଳ ସାମାଜିକ ଗଣମାଧ୍ୟମରେ ରାତାରାତି ଭାଇରାଲ ହୋଇଥିଲା। ନିଟ୍-ୟୁଜି ପେପର ଲିକ୍ ଏବଂ ବେକାରୀ ସମସ୍ୟାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଥିବା ଅସନ୍ତୋଷ ଏହାକୁ ହାୱା ଦେଇଥିଲା। ଏହି ଅନ୍‌ଲାଇନ୍ ଆନ୍ଦୋଳନ ସାମାଜିକ ଗଣମାଧ୍ୟମରେ ବିଜେପି ଏବଂ କଂଗ୍ରେସଠାରୁ ମଧ୍ୟ ଅଧିକ ଲୋକପ୍ରିୟ ହୋଇଥିଲା। ଜୁନ୍ ୬ରେ ଦୀପକେ ଆମେରିକାରୁ ଫେରି ଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦୀର୍ଘ ୩୭ ଦିନର ଆନ୍ଦୋଳନ, ପୁଲିସ ସହ ସଂଘର୍ଷ ଏବଂ ବଢ଼ୁଥିବା ଜନସାଧାରଣଙ୍କ ଚାପ ଫଳରେ ଶେଷରେ ସରକାର ନଇଁବାକୁ ବାଧ ହୋଇଥିଲେ। ଶନିବାର ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ, ସିଜେପି ପକ୍ଷରୁ ସେମାନଙ୍କର ପ୍ରତିବାଦ ପ୍ରତ୍ୟାହାର କରାଯାଇଛି। ସରକାର ଛାତ୍ରମଛାତ୍ରୀଙ୍କର ଅନେକ ପ୍ରମୁଖ ଦାବି ପୂରଣ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାକୁ ଭାରତୀୟ ଗଣତନ୍ତ୍ରରେ ଡିଜିଟାଲ୍ ସଚେତନତା ଏବଂ ଯୁବଶକ୍ତିର ଏକ ଅସାଧାରଣ ଉଦାହରଣ ଭାବେ ଗ୍ରହଣ କରାଯାଉଛି।

## ଘଟଣାକ୍ରମ

**୩ ମେ ୨୦୨୬ :** ସାରା ଦେଶରେ ନିଟ୍-ୟୁଜି ୨୦୨୬ ପରୀକ୍ଷା। ଏଥିରେ ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

**୧୨ ମେ:** ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ପରୀକ୍ଷା ବାତିଲ

**୧୫ ମେ:** ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ବେକାର ଯୁବକମାନେ 'କକ୍ରୋଚ' ପରି

**୧୬ ମେ:** ଅଭିଜିତ ଦୀପକଙ୍କ ଦ୍ୱାରା 'କକ୍ରୋଚ୍ ଜନତା ପାର୍ଟି' ନାମରେ ସୋସିଆଲ ମିଡିଆ ଆନ୍ଦୋଳନ ଆରମ୍ଭ

**୬ ଜୁନ୍:** 'କକ୍ରୋଚ' ପକ୍ଷରୁ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ

**୨୦ ଜୁନ୍:** ଯନ୍ତର-ମନ୍ତରରେ କକ୍ରୋଚ ପାର୍ଟିର ଦ୍ୱିତୀୟ ବିକ୍ଷୋଭ

**୨୧ ଜୁନ୍:** ଶାନ୍ତି ଶୃଙ୍ଖଳା ସହ ନିଟ୍ ପୁନଃ ପରୀକ୍ଷା ଶେଷ। ପରୀକ୍ଷା ଦେଲେ ୨୦ ଲକ୍ଷ ଶିକ୍ଷାର୍ଥୀ।

**୨୮ ଜୁନ୍:** କକ୍ରୋଚ ଆନ୍ଦୋଳନକୁ ସମର୍ଥନ କରି ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ

**୧୬ ଜୁଲାଇ:** ନିଟ୍ ପୁନଃ ପରୀକ୍ଷାଫଳ ପ୍ରକାଶିତ। ୧୧.୨ ଲକ୍ଷ ପରୀକ୍ଷାର୍ଥୀଙ୍କୁ ସଫଳତା।

**୨୦ ଜୁଲାଇ:** କକ୍ରୋଚ ଆହ୍ୱାନରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ସଂସଦ ଅଭିଯାନ। ପ୍ରଦର୍ଶନକାରୀଙ୍କ ଉପରେ ବର୍ବରତାପୂର୍ଣ୍ଣ ଲାଠି ମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ।

**୨୧ ଜୁଲାଇ:** ପ୍ରଧାନମନ୍ତ୍ରୀ ଆବାସ ବାହାରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ଅଖିଳେଶ ଯାଦବଙ୍କ ବିକ୍ଷୋଭ ଓ ଧାରଣା।

**୨୧/୨୨ ଜୁଲାଇ:** ସଂସଦର ମୌସୁମୀ ଅଧିବେଶନରେ ବିରୋଧୀ ଉଠାଇଲେ ନିଟ୍ ପ୍ରଶ୍ନପତ୍ର ଲିକ୍, ଲାଠିଚାର୍ଜ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗ।

**୨୩ ଜୁଲାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପେପର ଲିକ୍ ମାମଲାର ଶୀଘ୍ର ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାର ଘୋଷଣା କରିଥିଲେ।

**୨୩ ଜୁଲାଇ:** ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ ଭଙ୍ଗ। ଶିକ୍ଷା ସଚିବ ଭିନିତ ଯୋଶୀଙ୍କୁ ଦାୟିତ୍ୱରୁ ହଟାଗଲା।

**୨୩ ଜୁଲାଇ:** ମଧ୍ୟରାତିରେ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦବୋଧନ

**୨୪ ଜୁଲାଇ:** ଫାଷ୍ଟଟ୍ରାକ୍ କୋର୍ଟରେ ବିଚାରପତି ନିଯୁକ୍ତ, ପ୍ରଶ୍ନପତ୍ର ଲିକ୍ ପାଇଁ ୧୦ ବର୍ଷ ଜେଲ ଓ ୧୦ କୋଟି ଜରିମାନା ବ୍ୟବସ୍ଥା ଧାର୍ଯ୍ୟ

**୨୪ ଜୁଲାଇ:** ସରକାରଙ୍କ ସହ 'କକ୍ରୋଚ' ପ୍ରତିନିଧିଙ୍କ ଆଲୋଚନା। ଏନ୍‌ଟିଏର ୪୭ ଅଧିକରୀଙ୍କୁ ହଟାଗଲା।

**୨୫ ଜୁଲାଇ:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା

**୨୫ ଜୁଲାଇ:** ଆନ୍ଦୋଳନରୁ ଓହରିଲା ସିଜେପି

## ପ୍ରଚଣ୍ଡ ଗହଳି ଯୋଗୁଁ ଯନ୍ତରମନ୍ତରରେ ସଂକ୍ରମଣ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା 'କକ୍ରୋଚ୍ ଜନତା ପାର୍ଟି'ର ଆନ୍ଦୋଳନ ସ୍ଥଳରେ ଏବେ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଅତ୍ୟାଧିକ ଆର୍ଦ୍ରତା ଏବଂ ପ୍ରବଳ ଗହଳି ଯୋଗୁଁ ଅନେକ ଆନ୍ଦୋଳନକାରୀ ଭୂତାଣୁଜନିତ ସଂକ୍ରମଣ, ଜ୍ୱର, ଗଳା ବ୍ୟଥା ଏବଂ ନିର୍ଜଳନାର ଶିକାର ହେଉଥିଲେ। ଖୋଲା ଆକାଶ ତଳେ ଶୋଇବା ଏବଂ ନିୟମିତ ଖାଦ୍ୟପେୟର ଅଭାବ ଯୋଗୁଁ ବିଶେଷକରି ବୃଦ୍ଧବୃଦ୍ଧା ଓ ଯୁବବର୍ଗ ଅସୁସ୍ଥ ହୋଇପଡୁଥିଲେ। ଆନ୍ଦୋଳନ ସ୍ଥଳରେ ସ୍ୱେଚ୍ଛାସେବୀ ଡାକ୍ତରମାନଙ୍କ ଟିମ୍ ଶିବିର ପକାଇ ମାଗଣାରେ ଔଷଧ, ଓଆରଏସ୍ ଏବଂ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଉଥିଲେ। ଏହା ବ୍ୟତୀତ ପୁଲିସର ଲାଠିଚାଳନା ଏବଂ ଠେଲାପେଲା ସମୟରେ ଆହାତ ହୋଇଥିବା ଲୋକଙ୍କୁ ମଧ୍ୟ ଜରୁରୀ ସେବା ଦିଆଯାଇଥିଲା। ଡାକ୍ତରମାନେ ଗହଳି ଯୋଗୁଁ ସଂକ୍ରମଣ ଆହୁରି ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ କରିଥିଲେ। କକ୍ରୋଚ୍ ଜନତା ପାର୍ଟିର ସଂସ୍ଥାପକ ଅଭିଜିତ୍ ଦୀପକେ ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହୋଇଥିବା ସତ୍ତ୍ୱେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନକୁ ଜାରି ରଖିବାକୁ ଦୃଢ଼ ସଂକଳ୍ପ ପ୍ରକାଶ କରିଥିଲେ। ସୋସିଆଲ ମିଡିଆରେ ଏକ ଭିଡିଓ ସନ୍ଦେଶ ଜାରି କରି ଦୀପକେ କହିଛନ୍ତି ଯେ ବିଗତ କିଛି ଦିନ ହେବ ସେ ଅସୁସ୍ଥ ଥିଲେ ଏବଂ ତାଙ୍କର ଡାକ୍ତରୀ ପରୀକ୍ଷା ରିପୋର୍ଟରୁ ଟାଇଫଏଡ୍ ଚିହ୍ନଟ ହୋଇଛି। ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି ଏବଂ ପ୍ରତିଦିନ ସକାଳେ ଔଷଧ ସେବନ ଓ ସାଲାଇନ୍ ଗ୍ରହଣ କରୁଛନ୍ତି। ଏପରି ସ୍ୱାସ୍ଥ୍ୟାବସ୍ଥା ସତ୍ତ୍ୱେ, ଦେଶସାରା ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଆନ୍ଦୋଳନକାରୀଙ୍କୁ ସେ କୃତଜ୍ଞତା ଜଣାଇବା ସହ ସେମାନଙ୍କର ଏହି ନିରବଚ୍ଛିନ୍ନ ସଂଗ୍ରାମ ଦ୍ୱାରା ଦାବି ପୂରଣ ହେବ ବୋଲି ଆଶା ପ୍ରକାଶ କରିଥିଲେ।

■ ଅସୁସ୍ଥ ହେଲେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀ
■ ଟାଇଫଏଡ୍‌ରେ ଆକ୍ରାନ୍ତ ଅଭିଜିତ୍



## ଖାଦ୍ୟ ଅଟକାଇଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ଯନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଖାଦ୍ୟଯୋଗାଣରେ ଦିଲ୍ଲୀ ପୁଲିସ ବାଧା ସୃଷ୍ଟି କରୁଥିବା ନେଇ 'କକ୍ରୋଚ୍ ଜନତା ପାର୍ଟି' ଅଭିଯୋଗ ଆଣିବା ପରେ ନୂଆ ବିବାଦ ଦେଖାଦେଇଥିଲା। ଦଳର ପ୍ରବକ୍ତା ଆଶୁତୋଷ ରଙ୍କା ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତା ସେୟାର କରି ଦିଲ୍ଲୀ ପୁଲିସ ପାଞ୍ଚ କିଲୋମିଟର ଦୂରରୁ ରାସ୍ତା ବନ୍ଦ କରି ଖାଦ୍ୟ ଏବଂ ଆନ୍ଦୋଳନକାରୀଙ୍କୁ ଅଟକାଉଥିବା ଦାବି କରିଥିଲେ। ବିଭିନ୍ନ ଅନଲାଇନ୍ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଉପରେ କଟକଣା ଲଗାଯାଇଥିବା ଚର୍ଚ୍ଚା ହେବା ପରେ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଦିଲ୍ଲୀ ପୁଲିସ ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ଏବଂ ଭ୍ରମାତ୍ମକ ବୋଲି ସ୍ପଷ୍ଟ କରିଛି। ସାଧାରଣ ନାଗରିକ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେବଳ ଯାତାୟାତ ସମ୍ବନ୍ଧୀୟ ସୂଚନା ଦିଆଯାଇଛି ଏବଂ କୌଣସି ଖାଦ୍ୟ ଯୋଗାଣ ଉପରେ କଟକଣା ଲଗାଯାଇ ନାହିଁ ବୋଲି ପୁଲିସ ସ୍ପଷ୍ଟୀକରଣ ଦେଇଛି। ଗୁଜବରେ ବିଶ୍ୱାସ ନକରିବାକୁ ପୁଲିସ ସାଧାରଣ ଜନତାଙ୍କୁ ଅନୁରୋଧ କରିଥିବା ବେଳେ ପ୍ରତିବାଦ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ତରଳୁଛି ବରଫ, ସୃଷ୍ଟି ହେବ ୫୦ ହଜାରରୁ ଅଧିକ ନୂଆ ହ୍ରଦ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱସାରା ବରଫର ଚାଦର ଓ ହିମବାହ (ଗ୍ଲେସିଅର୍) ତରଳିବାରେ ଲାଗିଛି। ବର୍ତ୍ତମାନ ବୈଜ୍ଞାନିକମାନେ ଏକ ଆଶଙ୍କାଜନକ ଚିତ୍ର ସାମ୍ନାକୁ ଆଣିଛନ୍ତି। ବରଫ ତଳେ ଲୁଚି ରହିଥିବା ଭୂମିର ଅନୁଧ୍ୟାନ କରି ଗବେଷକମାନେ ଦାବି କରିଛନ୍ତି ଯେ ହିମବାହଗୁଡ଼ିକ ତରଳିବା ପରେ ପୃଥିବୀ ପୃଷ୍ଠରେ ୫୬, ୦୦୦ରୁ ଅଧିକ ନୂଆ ହ୍ରଦ ସୃଷ୍ଟି ହୋଇପାରେ। ଏହା ଏସିଆ, ଆଣ୍ଡିଜ୍, ଆଲାସ୍କା ଏବଂ ଆର୍କଟିକ୍ ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟାର ଆଶଙ୍କାକୁ ବହୁଗୁଣିତ କରିଦେବ। ସ୍ୱିଡେନ୍, ଆମେରିକା, ସୁଇଜରଲ୍ୟାଣ୍ଡ ଏବଂ ନରୱେର ପ୍ରମୁଖ ଗବେଷଣା ଅନୁଷ୍ଠାନଗୁଡ଼ିକର ବୈଜ୍ଞାନିକମାନେ ଆଣ୍ଟାର୍କଟିକା ଏବଂ ଗ୍ରୀନଲ୍ୟାଣ୍ଡକୁ ଛାଡ଼ି ବିଶ୍ୱର ଅନ୍ୟ ସମସ୍ତ ହିମବାହ ତଳେ ଥିବା ଭୂତଳ ଗଠନର ଏକ ତ୍ରିମାତ୍ରିକ ମାନଚିତ୍ର ପ୍ରସ୍ତୁତ କରିଛନ୍ତି। ଏଆଇ ଏବଂ ସ୍ୱତନ୍ତ୍ର ଗାଣିତିକ ମଡେଲ ସାହାଯ୍ୟରେ ସମ୍ପାଦିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ବରଫ ଅପସାରିତ ହେବା ପରେ ତଳେ ଥିବା ପ୍ରାକୃତିକ ଗାତ, ଉପତ୍ୟକା ଓ ବେସିନ୍‌ଗୁଡ଼ିକରେ ଜଳ ଜମା ହୋଇ ନୂଆ ହ୍ରଦ ଗଠନ ହେବ। 'ନେଚର କମ୍ୟୁନିକେସନ୍ସ' ପତ୍ରିକାରେ ପ୍ରକାଶିତ ଏହି ରିପୋର୍ଟ ଅନୁସାରେ, ଭବିଷ୍ୟତରେ ପ୍ରାୟ ୫୬, ୬୫୯ଟି ନୂଆ ହ୍ରଦ ସୃଷ୍ଟି ହୋଇପାରେ। ଏହି ହ୍ରଦଗୁଡ଼ିକ ସମୁଦାୟ ୪୦, ୬୪୭ ବର୍ଗ କିଲୋମିଟର ଅଞ୍ଚଳ ବ୍ୟାପି ରହିବ ଏବଂ ଏଥିରେ ୩, ୧୩୮ ଘନ କିଲୋମିଟର ଜଳ ଗଚ୍ଛିତ ହୋଇ ରହିପାରିବ। ଏହି ଜଳର ପରିମାଣ ସମୁଦ୍ର ପତ୍ତନକୁ ୭ ମିଲିମିଟର ଯାଏଁ ବଢ଼ାଇବା ପାଇଁ ଯଥେଷ୍ଟ, ଯାହା ଅସ୍ଥାୟୀ ଭାବେ ଏହି ହ୍ରଦଗୁଡ଼ିକରେ ଜମା ହୋଇ ରହିବ। ହିମାଳୟ, କାରାକୋରମ୍, ହିନ୍ଦୁକୁଶ, ପାମିର ଏବଂ ତିଏନ୍ ସାନ୍ ଭଳି ଉଚ୍ଚ ଏସୀୟ ପାର୍ବତ୍ୟ ଅଞ୍ଚଳରେ ଏହି ବିପଦ ସବୁଠାରୁ ଅଧିକ। ହିମବାହର ସମ୍ମୁଖ ଭାଗରେ ବଡ଼ ବଡ଼ ଗାତ ରହିଥିବାରୁ ଏଠାରେ ସୃଷ୍ଟି ହେବାକୁ ଥିବା ହ୍ରଦଗୁଡ଼ିକ ନିକଟସ୍ଥ ଜନବସତି, ରାସ୍ତାଘାଟ, କୃଷି କ୍ଷେତ୍ର ଓ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ବଡ଼ ବିପଦ ସୃଷ୍ଟି କରିବ। ଏହି ହ୍ରଦଗୁଡ଼ିକ କୂଳ ଭାଙ୍ଗି ହଠାତ୍ ପ୍ରବଳ ବନ୍ୟା (ହିମବାହ ହ୍ରଦ ବିସ୍ଫୋରଣ ବନ୍ୟା) ସୃଷ୍ଟି କରିବାର ପ୍ରତ୍ୟକ୍ଷ ସମ୍ଭାବନା ରହିଛି। ଅନ୍ୟ ଏକ ଗବେଷଣା ଅନୁସାରେ, ବିଶ୍ୱସାରା ପ୍ରାୟ ୧.୫ କୋଟି (୧୫ ମିଲିଅନ୍) ଲୋକ ଏହିପରି ହଠାତ୍ ଆସୁଥିବା ହିମବାହ ହ୍ରଦ ବନ୍ୟାର ସମ୍ମୁଖୀନ ହୋଇପାରନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ବିପଦପୂର୍ଣ୍ଣ ଜନସଂଖ୍ୟାର ଅଧାରୁ ଅଧିକ ଭାଗ କେବଳ ଭାରତ, ପାକିସ୍ତାନ, ଚୀନ୍ ଏବଂ ପେରୁ ଏହି ଚାରୋଟି ଦେଶରେ ବାସ କରନ୍ତି। ଯଦିଓ ଏହି ହ୍ରଦଗୁଡ଼ିକ ପ୍ରଳୟଙ୍କରୀ ବନ୍ୟାର ଆଶଙ୍କା ବଢ଼ାଉଛନ୍ତି, ତଥାପି ଏହାର ଏକ ସକାରାତ୍ମକ ଦିଗ ମଧ୍ୟ ରହିଛି। ଶୁଷ୍କ ଦିନଗୁଡ଼ିକରେ ଏଗୁଡ଼ିକ ମିଠା ପାଣିର ପ୍ରାକୃତିକ ଭଣ୍ଡାର ଭାବେ କାର୍ଯ୍ୟ କରିପାରିବେ।

■ ବିପଦରେ ଏସିଆ ଓ ଆଣ୍ଡିଜ୍ ଅଞ୍ଚଳ
■ ୧.୫ କୋଟି ଲୋକଙ୍କ ଜୀବନ ପ୍ରତି ବିପଦ



## ବ୍ରିଟେନ୍ ମନ୍ତ୍ରିମଣ୍ଡଳରେ ୩ ଭାରତୀୟ ସାଂସଦଙ୍କୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ପଦବୀ

ଲଣ୍ଡନ, ୨୫।୭(ଏଜେନ୍ସି): ବ୍ରିଟେନର ନୂତନ ମନ୍ତ୍ରିମଣ୍ଡଳ ଅଦଳବଦଳରେ ଭାରତୀୟ ବଂଶୋଦ୍ଭବ ନେତାମାନେ ବଡ଼ ସଫଳତା ହାସଲ କରିଛନ୍ତି। ପ୍ରଧାନମନ୍ତ୍ରୀ ଏଣ୍ଡି ବର୍ନହାମ୍‌ଙ୍କ ନୂଆ ସରକାରରେ ଲେବର ପାର୍ଟିର ତିନି ଜଣ ଭାରତୀୟ ବଂଶୋଦ୍ଭବ ସାଂସଦଙ୍କୁ ପ୍ରମୁଖ ସରକାରୀ ପଦପଦବୀରେ ନିଯୁକ୍ତି ଦିଆଯାଇଛି। ଏହି ନୂତନ ଅଦଳବଦଳରେ କନିଷ୍କ ନାରାୟଣଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିବା ବେଳେ ସତବୀର କୌର ଏବଂ ହରପ୍ରୀତ ଉପ୍ପଲଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି। ବିହାରର ମୁଜଫରପୁରରେ ଜନ୍ମିତ କନିଷ୍କ ୧୨ ବର୍ଷ ବୟସରେ ୱେଲ୍ସକୁ ସ୍ଥାନାନ୍ତରିତ ହୋଇଥିଲେ। ଅକ୍ସଫୋର୍ଡ ଏବଂ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା କନିଷ୍କଙ୍କୁ ନୂତନ ଭାବେ ସୃଷ୍ଟି ହୋଇଥିବା କୃତ୍ରିମ ବୁଦ୍ଧିମତ୍ତା ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ପଞ୍ଜାବୀ ପରିବାରରୁ ଆସିଥିବା ସତବୀରଙ୍କୁ ଗୃହ ମନ୍ତ୍ରଣାଳୟ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ସମାନତା, ମହିଳା ଓ ବାଳିକା ସୁରକ୍ଷା ପାଇଁ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ମିଳିଛି। ସଂସଦୀୟ କାର୍ଯ୍ୟର ସୁପରିଚାଳନା ଏବଂ ଭୋଟ୍ ସମୟରେ ଦଳୀୟ ଶୃଙ୍ଖଳା ରକ୍ଷା କରିବା ପାଇଁ ହରପ୍ରୀତଙ୍କୁ ସହକାରୀ ସଂସଦୀୟ ସଚେତକ (ଆସିଷ୍ଟାଣ୍ଟ ୱିପ୍) ଭାବେ ନିଯୁକ୍ତ କରାଯାଇଛି।

## ବ୍ରେକ୍ ଫେଲ୍: ଘାଟିରୁ ସ୍କୁଟି ଓଲଟି ୩ ମୃତ

ଗୁଣୁପୁର,୨୫।୭(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରର ଶେଫାଳି ପାହାଡ଼ରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ପ୍ରସିଦ୍ଧ ନୃତ୍ୟଗୁରୁ ସସ୍ମିତା ପଣ୍ଡା ଓ ସଂସ୍କୃତି ମନ୍ତ୍ରଣାଳୟର ସଂସ୍କୃତି ମନ୍ତ୍ରାଳୟର ଅଡିଟର ଶମ୍ଭୁନାଥ ଦାସ (୫୫) ଓ କଳିକତା ଅଞ୍ଚଳର ଶୁକୁମାର ଭୁଆଁ ରହିଛନ୍ତି। ସେମାନେ ପାହାଡ଼ ଉପରେ ଥିବା ରାମେଶ୍ୱର ଶୈବପୀଠ ବୁଲି ଫେରୁଥିବା ବେଳେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍କୁଟିରେ ୩ ଜଣ ବସିଥିବା ବେଳେ ବ୍ରେକ୍‌ଫେଲ୍ ହେବାରୁ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଯାଇଥିଲା। ତିନି ଜଣଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଛି। ଏହି ଘଟଣା ପରେ ଗୁଣୁପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସୂଚନା ଅନୁସାରେ ଗୋଟିଏ ସ୍କୁଟିରେ ନୃତ୍ୟଗୁରୁ ସସ୍ମିତା ପଣ୍ଡା, ଶମ୍ଭୁନାଥ ଓ ସୁକୁମାର ଶେଫାଳି ପାହାଡକୁ ଯାଇଥିଲେ। ସେଠାରେ ଶୈବପୀଠ ବୁଲା ବୁଲି କରି ରାତି ପ୍ରାୟ ସାଢେ ୮ଟା ବେଳେ ପାହାଡ଼ ତଳକୁ ଫେରୁଥିବା ସମୟରେ ଗଡ଼ାଣିଆ ଘାଟି ରାସ୍ତାରେ ସ୍କୁଟିର ହଠାତ୍ ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଚାଳକ ସସ୍ମିତା ଗାଡିକୁ ନିୟନ୍ତ୍ରଣ କରିପାରିନଥିଲେ। ସ୍କୁଟିଟି ଦ୍ରୁତଗତିରେ ଆସି ପାହାଡ଼ ତଳେ ମୃତ୍ତିକା ସଂରକ୍ଷଣ ବିଭାଗର ସମ୍ମୁଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ତିନିଜଣ ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ଖବର ପାଇ ଗୁଣୁପୁର ଦମକଳ ବାହିନୀ ଓ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଁ ଅଡିଟର ଶମ୍ଭୁନାଥଙ୍କ ମୃତ୍ୟୁ ଘଟିଥିଲା। ଉଚ୍ଚ ଚିକିତ୍ସା ପାଇଁ ନୃତ୍ୟଗୁରୁ ସସ୍ମିତାଙ୍କୁ ପାରଳାଖେମୁଣ୍ଡି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପାରଳାଖେମୁଣ୍ଡି ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଅଡିଟର ଶୁକୁମାର ଭୁଆଁଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟ ଘଟିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ସସ୍ମିତା ପଣ୍ଡା ରାୟଗଡ଼, ଗୁଣୁପୁର ଓ ମୁନିଗୁଡ଼ାରେ ଭାରତୀୟ କଳା ଓ ସଂସ୍କୃତି ନୃତ୍ୟ ଗବେଷଣା କେନ୍ଦ୍ର ଖୋଲି ପିଲାଙ୍କୁ ନୃତ୍ୟ ଶିକ୍ଷା ପ୍ରଦାନ କରୁଥିଲେ। ଏହି ନୃତ୍ୟ ଗବେଷଣା କେନ୍ଦ୍ରର ଅଡିଟ୍ ପାଇଁ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଦୁଇ ଅଧିକାରୀ ଆସିଥିଲେ। ମୃତ ଅଡିଟର ଶମ୍ଭୁନାଥଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଅଞ୍ଚଳରେ ଏବଂ ସସ୍ମିତାଙ୍କ ଘର ଭଦ୍ରକ ଅଞ୍ଚଳରେ ବୋଲି ଜଣାପଡିଛି।ସସ୍ମିତା ଗୁଣୁପୁର ଅଞ୍ଚଳରେ ଭଡ଼ା ଘରେ ରହି ପିଲାଙ୍କୁ ନୃତ୍ୟ ଶିକ୍ଷାଦାନ କରୁଥିଲେ। ସେ ଗୁଣୁପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଠିକା ନୃତ୍ୟ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ଆଜି କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା। ଦୁର୍ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସ୍କୁଟିକୁ ପୁଲିସ ଜବତ କରିବା ସହ ମୃତକ ଶମ୍ଭୁନାଥଙ୍କ ଶବ ବ୍ୟବଚ୍ଛେଦ ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ କରି ପରିବାରକୁ ହସ୍ତାନ୍ତର କରିଛି। ସସ୍ମିତାଙ୍କ ମୃତଦେହକୁ ପାରଳାଖେମୁଣ୍ଡି ଠାରେ ବ୍ୟବଚ୍ଛେଦ କରାଇଥିବା ବେଳେ ସୁକୁମାରଙ୍କର ଶବ ବ୍ୟବଚ୍ଛେଦ ଭୁବନେଶ୍ୱରରେ ହେବ ବୋଲି ଜଣାପଡିଛି। ଏହି ଦୁର୍ଘଟଣା ଖବର ପ୍ରସାରିତ ହେବା ପରେ ଗୁଣୁପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଆଜି ଅଧରପଣା ନୀତି



### ଅଧରପଣା ନୀତି ନିର୍ଘଣ୍ଟ

| | |
|---|---|
| ତିନିରଥରେ ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ-ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ସକାଳ ୮ଟା |
| ବେଶ ଶେଷ | ସକାଳ ୯ଟା |
| ଗୋପଳବଲ୍ଲଭ | ପୂର୍ବାହ୍ଣ ୧୦ରୁ ୧୦ଟା ୩୦ |
| ସକାଳଧୂପ | ପୂର୍ବାହ୍ଣ ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ |
| ମଇଲମ | ଅପରାହ୍ଣ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ଣ ୧ଟା ୩୦ |
| ବେଶ ଶେଷ | ଅପରାହ୍ଣ ୨ଟା |
| ମଧ୍ୟାହ୍ନ ଧୂପ | ଅପରାହ୍ଣ ୩ଟା ୩୦ରୁ ୪ଟା ୩୦ |
| ତିନିରଥରେ ଅଧରପଣା ନୀତି ଶେଷ | ରାତି ୮ଟା |
| ମହାସ୍ନାନ ଶେଷ | ରାତି ୯ଟା |
| ମଇଲମ ଓ ବେଶ | ରାତି ୧୦ଟା |
| ସନ୍ଧ୍ୟା ଆଳତି | ରାତି ୧୦ଟା ୩୦ |
| ସନ୍ଧ୍ୟାଧୂପ | ରାତି ୧୧ଟାରୁ ୧୨ଟା |
| ମଇଲମ ଓ ଚନ୍ଦନଲାଗି | ରାତି ୧୨ଟା ୩୦ |
| ବଡ଼ସିଂହାର ବେଶ | ରାତି ୧ଟା |
| ବଡ଼ସିଂହାର ଭୋଗ | ରାତି ୧ଟା ୩୦ |
| ରାତ୍ର ପହୁଡ଼ | ରାତି ୨ଟା |

### ବାହୁଡ଼ାରେ ପୁଣି ଜଣେ ଭକ୍ତଙ୍କ ମୃତ୍ୟୁ

## ଗଭୀର ଉଦ୍‌ବେଗ ପ୍ରକାଶ କଲେ ନବୀନ

ଭୁବନେଶ୍ୱର,୨୫।୭(ସମିସ): ପୁରୀ ବାହୁଡ଼ା ଯାତ୍ରାରେ ହୋଇଥିବା ଦଳଚକଟା ଓ ଏଥିପାଇଁ ଜଣ ଭକ୍ତଙ୍କ ମୃତ୍ୟୁ ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ କ୍ରମାଗତ ଭାବେ ରଥଯାତ୍ରା ସମୟରେ ଉପୁଜୁଥିବା ଅଘଟଣ ପାଇଁ ସେ ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇବା ସହ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଶନିବାର ନବୀନ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖିଛନ୍ତି, ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ଦଳାଚକଟା ଯୋଗୁଁ ଜଣେ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ଓ ଅନେକ ଆହତ ହୋଇଥିବା ବିଷୟ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ମୃତକଙ୍କ ପରିବାର ସଦସ୍ୟଙ୍କୁ ନବୀନ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ତେବେ ରଥଯାତ୍ରା ସମୟରେ ବାରମ୍ବାର ଏଭଳି ଅଘଟଣ ଘଟୁଛି କ'ଣ ପାଇଁ? ସରକାର ଏତେ ଖାମଖିଆଲି ଭାବେ କ'ଣ ପାଇଁ କାମ



କରୁଛନ୍ତି? ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାକୁ ସୁରୁଖୁରୁରେ ସମାପନ କରିବାକୁ ସରକାର ଆଦୌ ଗୁରୁତ୍ୱର ସହ ଗ୍ରହଣ ନକରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ନବୀନ ଉଲ୍ଲେଖ କରିଛନ୍ତି।


ନବୀନ କହିଛନ୍ତି, ଅନୁଭବ ହେଉଛି ଅତୀତର ତ୍ରୁଟିରୁ ଶିଖିବାର ମନୋବୃତ୍ତି ଏହି ସରକାରର ନାହିଁ। ଗୋଟିଏ ପରେ ଗୋଟିଏ ଅଘଟଣ ପ୍ରତିବର୍ଷ ରଥଯାତ୍ରା ସମୟରେ ଘଟୁଛି, ଲୋକଙ୍କ ଜୀବନ ଯାଉଛି, ରାଜ୍ୟ ବଦନାମ ହେଉଛି। କିନ୍ତୁ ସରକାରଙ୍କ କାର୍ଯ୍ୟଶୈଳୀରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ। ଭୁଲରୁ ଶିଖିବା ପରିବର୍ତ୍ତେ ସବୁକିଛି କାମଚଳା ନୀତିରେ କରାଗଲା ଭଳି ଅନୁଭବ ହେଉଛି। ଆଉ କେତେ ଅଘଟଣ ପରେ ସରକାର ସଚେତନ ହେବେ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ପ୍ରତି ବର୍ଷ ଏପରି ଘଟୁଥିବା ବେଳେ ସରକାର ଏଥିରୁ କିଛି ନଶିଖିବା ଆହୁରି ଦୁର୍ଭାଗ୍ୟଜନକ। ସୁନାବେଶ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଘୋଷଯାତ୍ରାର ଦେବନୀତି କିଭଳି ବିନା କୌଣସି ବିଭ୍ରାଟରେ ଶେଷ ହେବ ସରକାର ସେଥିପ୍ରତି ବିଶେଷ ଯତ୍ନବାନ ହୁଅନ୍ତୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଅକାଳରେ ପ୍ରାଣ ନହରାନ୍ତୁ ବୋଲି ନବୀନ କହିଛନ୍ତି।

## ତିନିରଥରେ ଭାଙ୍ଗାହେବ ୯ ଅଧରହାଣ୍ଡି

ପୁରୀ,୨୫।୭(ସମିସ): ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ରବିବାର ଅଧରପଣା ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ ହୋଇଛି। ତାହାକୁ ଅଧର ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏଁ ପଣା ଭୋଗ ହେବ। ଦାରୁବିଗ୍ରହଙ୍କ ନିକଟରେ ପଣା ଭୋଗ ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି।







# ସୁସୁବାରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ



**କଣିହାଁ,୨୫।୭ (ସମିସ):** ଅନୁଗୋଳ ଜିଲ୍ଲା ରେଙ୍ଗାଳି ଥାନା ଅଧୀନ ଶୁସୁବା ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଗ୍ରାମର ଦୀପକ ଦେହୁରୀଙ୍କ ମୃତଦେହ ଶ୍ମଶାନରେ ପୋତାଯାଇଥିବା ସୂଚନା ମିଳିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାରେ ମୃତକଙ୍କ ସାନଭାଇ ସିପୁ ଦେହୁରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।


ସୂଚନା ଅନୁଯାୟୀ, ଦୀପକ ଦେହୁରୀଙ୍କୁ ଗତକାଲି ତାଙ୍କ ଘରେ ରକ୍ତାକ୍ତ ଅବସ୍ଥାରେ ପରିବାର ସଦସ୍ୟମାନେ ଦେଖିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମୃତଦେହ ଗ୍ରାମ ଶ୍ମଶାନରେ ପୋତାଯାଇଥିବା ଜଣାପଡ଼ିଥିଲା। ଏହାକୁ ନେଇ ପରିବାର ପକ୍ଷରୁ ହତ୍ୟା ସନ୍ଦେହ ପ୍ରକାଶ କରାଯାଇଛି। ଖବର ପାଇ ରେଙ୍ଗାଳି ପୁଲିସ, ବୈଜ୍ଞାନିକ ତଦନ୍ତକାରୀ ଦଳ ସହ ପାଲଲହଡ଼ା ଏସ୍‌ଡିପିଓ କୈଳାଶ ଚନ୍ଦ୍ର ସେଠୀ, ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ପୁଷ୍ପିତା ମଧୁସ୍ମିତା ଏବଂ ରେଙ୍ଗାଳି ଥାନା ଆଇଆଇସି ଚଞ୍ଚଳା ନାୟକ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିଲେ। ସନ୍ଧ୍ୟାରେ ପୁଲିସ ଶ୍ମଶାନରୁ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ

- ଶ୍ମଶାନରୁ ମୃତଦେହ ଉଦ୍ଧାର, ସାନଭାଇଙ୍କୁ ଅଟକ ରଖି ପଚରାଉଚରା
- ଅପମୃତ୍ୟୁ ମାମଲା ରୁଜୁ, ବ୍ୟବଚ୍ଛେଦ ପରେ ସ୍ପଷ୍ଟ ହେବ ମୃତ୍ୟୁର କାରଣ

ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନା ସୂତ୍ରରୁ ପ୍ରକାଶ।

ମୃତକଙ୍କ ମା' ମଲ୍ଲୀ ଦେହୁରୀ ଓ ଭାଇ ଲିପୁନ କୁମାର ଦେହୁରୀ ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏପଟେ ଗତ ଦୁଇ ମାସ ମଧ୍ୟରେ ରେଙ୍ଗାଳି ଥାନା ଅଞ୍ଚଳରେ ପରପରି ଚାରିଟି ହତ୍ୟାକାଣ୍ଡ ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଚିନ୍ତା ପ୍ରକାଶ ପାଇଛି। ତେବେ ବର୍ତ୍ତମାନ ଘଟଣାରେ ହତ୍ୟା ହୋଇଛି କି ନାହିଁ, ତାହା ପୁଲିସର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ସ୍ପଷ୍ଟ ହେବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକେ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ସୁଦୃଢ଼ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ଠାକୁରଗଡ଼ରେ ବାହୁଡ଼ାଯାତ୍ରା



**କିଶୋରନଗର,୨୫।୭ (ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ରେ ଭକ୍ତିମୟ ପରିବେଶରେ ପବିତ୍ର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥକୁ ଭକ୍ତମାନେ ଶ୍ରଦ୍ଧାର ସହ ଟାଣିଥିଲେ। ପାରମ୍ପରିକ ବାଦ୍ୟ, ହରିନାମ ସଂକୀର୍ତ୍ତନ ଓ ଭଜନ-କୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବାହୁଡ଼ା ଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା।

## ପଞ୍ଚ ଶ୍ରୀକ୍ଷେତ୍ରରେ ବାହୁଡ଼ାଯାତ୍ରା



**ବଅଁରପାଳ,୨୫।୭ (ସମିସ):** ବଅଁରପାଳ ପଞ୍ଚ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରୁ ଆଡ଼ପ ମଣ୍ଡପରେ ଥିବା ଶ୍ରୀବିଗ୍ରହମାନଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ଦଇତାପତି ସେବକମାନେ ପୂର୍ବାହ୍ନ ୧୦ଟାରେ ପହଣ୍ଡି ବିଜେ ଆରମ୍ଭ କରିଥିଲେ। ଅପରାହ୍ନ ୩ଟାରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ରଜନୀକାନ୍ତ ସିଂ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ୩ ରଥ ମନ୍ଦିର ପାଖରେ ପହଞ୍ଚିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ ହୋଇଥିଲେ।

## ଘୋଷର ଗାଁରେ ବାହୁଡ଼ା ଯାତ୍ରା



**କିଶୋରନଗର,୨୫।୭ (ସମିସ):** କିଶୋରନଗର ବ୍ଲକ ଘୋଷର ଗାଁରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।ସକାଳେ ଠାକୁରଙ୍କ ଯଥାରିତୀ ପୂଜାର୍ଚ୍ଚନା କରାଯାଇ ଅପରାହ୍ନରେ ପହଣ୍ଡି କରି ରଥାରୂଢ କରାଯାଇଥିଲା ।ପରପରେଭକ୍ତ ମାନେ ରଥଟାଣି ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା ।ଏଥିରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ରଞ୍ଜିତ ସାହୁଙ୍କ ନେତୃତ୍ୱରେ ଧାରାବିବରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ



**ତାଳଚେର,୨୫।୭ (ସମିସ):** ପବିତ୍ର ଆଷାଢ଼ମାସ ଶୁକ୍ଳପକ୍ଷ ଏକାଦର୍ଶୀ ତିଥିରେ ପ୍ରଭୂ ଜଗତଉଦ୍ଧାର କର୍ତ୍ତା ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ସୁନାବେଶ ମହାଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି। ପ୍ରାତଃକାଳରୁ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କର ରୀତିନୀତି ଅନୁସାରେ ପୂଜାପାଠ, ଧୂପଦୀପ ନୈବେଦ୍ୟ, ପୁଷ୍ପ, ତୁଳସୀ, ଘଣ୍ଟ, ବାଦ୍ୟ, କୀର୍ତ୍ତନ, ଝାଞ୍ଜ, ମୃଦଙ୍ଗ ସହ ଓଁନମଃ ଭଗବତେ ବାସୁଦେବାୟ ନମଃ ମନ୍ତ୍ର ଉଚାରଣ, ହରିବୋଲ, ହୁଳହୁଳିରେ ଏକାଦଶୀ ବ୍ରତ ପ୍ରଭୂଙ୍କର କରାଯିବା ପରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ତିନିଦିଅଙ୍କୁ ଦର୍ଶନ କରିବା ନିମନ୍ତେ ରଥଉପରକୁ ଛଡ଼ା ଯାଇଥିଲା। ରଥର ସମ୍ମୁଖରେ ଦର୍ଶନାର୍ଥିଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା।

## ସୁନାବେଶରେ ସୁନାଚେନ୍ ଚୋରି ଉଦ୍ୟମ

**ଅନୁଗୋଳ,୨୫।୭ (ସମିସ):** ଶୈଳ ଶ୍ରୀକ୍ଷେତ୍ର ଅନୁଗୋଳ ବଡ଼ଦାଣ୍ଡରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନା ବେଶ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଜମିଥିଲା। ତେବେ ଏହି ଭିଡ଼ର ସୁଯୋଗ ନେଇ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଠାକୁରଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରୁଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେବାକୁ ଉଦ୍ୟମ କରିଥିଲା। ମହିଳା ଜଣକ ହଠାତ୍ ବୁଲି ପଡ଼ିବାରୁ ଚେନ୍‌ଟି ଛିଣ୍ଡି ତାଙ୍କ ବେକରେ ହିଁ ରହିଯାଇଥିଲା। ତେବେ ଭିଡ଼ ମଧ୍ୟରେ ଦୁର୍ବୃତ୍ତ ଫେରାର୍ ହୋଇଯାଇଥିଲା। ପୁଲିସ୍ ଏ ନେଇ ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରି ଦୁର୍ବୃତ୍ତକୁ ଧରିବାକୁ ପ୍ରୟାସ ଜାରି ରହିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ତାଳଚେର,୨୫।୭ (ସମିସ):** ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ତାଳଚେର ଉପଖଣ୍ଡରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମକୁ ସଫଳ ଭାବେ ପାଳନ ଉଦ୍ଦେଶ୍ୟରେ ଶୁକ୍ରବାର ଅପରାହ୍ନ ୪ଟାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏସ୍‌ଡିପିଓ ଭାରତ ଚନ୍ଦ୍ର ସାହୁ, ବିଇଓ ଖଗେଶ୍ୱର ବେହେରା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଗଙ୍ଗାଧର ବେହେରା, ଅଗ୍ନିଶମ ଅଧିକାରୀ, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳନ୍ଦୀ ସାହୁ, ରାକେଶ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ, ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସୁରକ୍ଷା, ପରିମଳ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପଜିଲ୍ଲାପାଳ ସମସ୍ତ ବିଭାଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଦାୟିତ୍ୱ ସମ୍ପାଦନ କରିବା ସହ ଜାତୀୟ ପର୍ବକୁ ଶୃଙ୍ଖଳିତ ଓ ଗରିମାମୟ ଭାବେ ପାଳନ କରିବାକୁ ଆହ୍ୱାନ କରିଥିଲେ।

## ଯୁବକ ସଂଘ ପକ୍ଷରୁ ଔଷଧୀୟ ଚାରାରୋପଣ

**ବଅଁରପାଳ,୨୫।୭ (ସମିସ):** ପବିତ୍ର ବାହୁଡ଼ାଯାତ୍ରା ଅବସରରେ ମହୀଧରପୁରର ମାର୍କଣ୍ଡେଶ୍ୱର ଯୁବକ ସଂଘ ପକ୍ଷରୁ ବାବା ଚିନ୍ତାମଣି ମଠ ପରିସରରେ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମଠାଧୀଶ ବାବା କାଳନ୍ଦୀ ଚରଣ ଦାସ ଯୋଗଦେଇ



କହିଲେ, ଗଛ ବଞ୍ଚିଲେ ଆମେ ବଞ୍ଚିବା। ଆମେ ଆମ ପିଲାକୁ ଯେପରି ବଢ଼ାଉଛେ ସେହିପରି ଚାରାଟିକୁ ବଢ଼ାଇ ମହାଦ୍ରୁମରେ ପରିଣତ କରିବାକୁ ପଡ଼ିବ। ଏହା ହେଲେ ପୃଥିବୀରେ ଜୀବଜଗତ ତିଷ୍ଠି ରହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ସମାଜସେବୀ ରମେଶ ଚନ୍ଦ୍ର ବାରିକ କହିଲେ, ବର୍ତ୍ତମାନ ମନୁଷ୍ୟ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲ ସଫା କରିବାରେ ଲାଗିଛି। ଏହାଦ୍ୱାରା ଦିନକୁ ଦିନ ବାୟୁମଣ୍ଡଳ ଉତ୍ତପ୍ତ ହେଉଛି। ଫଳରେ ଜଳବାୟୁ ପରିବର୍ତ୍ତନ ହୋଇ ବିଭିନ୍ନ ବିପର୍ଯ୍ୟୟ ସୃଷ୍ଟି ହେଉଛି। ଏହି ବିପର୍ଯ୍ୟୟକୁ ରୋକିବାକୁ ହେଲେ ଆମକୁ ଚାରାରୋପଣ କରିବାକୁ ହେବ ବୋଲି ସେ କହିଥିଲେ। ଏହି ଅବସରରେ ତେଜପତ୍ର, ଗୋଲମରିଚ, ନଡ଼ିଆ, ପିଜୁଳି, ଡାଳିମ୍ବ ପ୍ରଭୃତି ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବକ ସଂଘର ଅବିନାଶ ପାଳ, ସୌମ୍ୟରଞ୍ଜନ ଜେନା, ଦୀନେଶ ସାହୁ, ଭରତ ଜେନା, ଜ୍ୟୋତିରଞ୍ଜନ ବିଶ୍ୱାଳ, ବଣ୍ଟି ଦେହୁରୀ, ଶୀତୁ ଦେହୁରୀ, ଶିବୁ ପ୍ରଧାନ, ତାପସ କୁମାର ଜେନା, ସୁବ୍ରତ ମହାରଣା, ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

**ବଇଣ୍ଡା,୨୫।୭ (ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ପୁଡ଼ାପଦର ଗ୍ରାମର ଜଗନ୍ନାଥ ନାୟକଙ୍କୁ ଶନିବାର ଗିରଫ କରିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଜଗନ୍ନାଥଙ୍କୁ କୋର୍ଟ ଚାଲାଣ କରିଛି। ଯୁବତୀ ତାଙ୍କ ଘରେ ଏକାକୀ ଥିବାର ସୁଯୋଗ ନେଇ ଜଗନ୍ନାଥ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏ ନେଇ କାହାକୁ ନ କହିବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ଧାନ ତଳି ନଷ୍ଟକଲେ ହାତୀ

**ବଇଣ୍ଡା,୨୫।୭ (ସମିସ):** ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ଝଟିକିବାହାଲ, କେଞ୍ଝଆନାଳି, ମଇମୁରା ଅଞ୍ଚଳରେ ଶନିବାର ରାତିରେ ୫ରୁ ୭ଟି ହାତୀ ପଲ ଆସି ବ୍ୟାପକ ଧାନ ତଳି ଗଛ ନଷ୍ଟ କରିଦେଇଛନ୍ତି। ଚାଷୀ ମାନେ ଧାନ ଚାଷ ପାଇଁ ତଳି ପକାଇ ଥିବା ବେଳେ ତଳି ଗଛ ହାତୀ ମାନେ ପଶି ବ୍ୟାପକ ଫସଲ ପାଦରେ ଦଳି ନଷ୍ଟ କରି ଦେଇଛନ୍ତି। ହାତୀ ମାନେ ନିକଟସ୍ଥ ଜଙ୍ଗଲ ରୁ ଗ୍ରାମାଭିମୁଖୀ ହୋଇ ଫସଲ ନଷ୍ଟ କରୁଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ହାତୀ ମାନେ ଆସି ଗ୍ରାମରେ ଫସଲ ନଷ୍ଟ କରୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହି। ଧାନ ଫସଲ ନଷ୍ଟ କରି ଦେଇଥିବା ଯୋଗୁଁ ଚାଷୀ ମାନେ ଚିନ୍ତିତ ହୋଇ ପଡିଛନ୍ତି। ଅ ନେଇ ମଇମୁରା ଅଞ୍ଚଳର ଚାଷୀ ସୁବାସ ନାୟକ, କନ୍ଦର୍ପ ନାୟକ ଶନିବାର ଦିନ ଧଣ୍ଡାତୋପା ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସାହାଜ୍ୟ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ଛାତ୍ରଛାତ୍ରୀଙ୍କୁ ଲାଠିମାଡ଼ର ପ୍ରତିବାଦ




**ଅନୁଗୋଳ,୨୫।୭ (ସମିସ):** ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ଦେଶର ଛାତ୍ର, ଯୁବକ, ଶିକ୍ଷାବିତ୍, ପରିବେଶବିତ୍, ବୈଜ୍ଞାନିକ ତଥା ଜନସାଧାରଣଙ୍କ ଶାନ୍ତିପୂର୍ଣ୍ଣ ଧାରଣା ବେଳେ ପୁଲିସ ଆନ୍ଦୋଳନକାରୀଙ୍କ ଉପରେ ଲାଠିମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏହାର ପ୍ରତିବାଦରେ ଏଆଇଡିଏସ୍‌ଓ ପକ୍ଷରୁ ଶନିବାର ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ଜିଲ୍ଲା ଉପସଭାନେତ୍ରୀ ସରୋଜିନୀ ବେହେରାଙ୍କ ପରିଚାଳନାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ଜିଲ୍ଲା ସଭାପତି ପରମାନନ୍ଦ ସାହୁ ଯୋଗଦେଇ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନରେ ପୁଲିସର ଲାଠିମାଡ଼କୁ ନିନ୍ଦା କରିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରି ଶିକ୍ଷାକୁ ସମ୍ପୂର୍ଣ୍ଣ ଘରୋଇକରଣ ଓ ବ୍ୟବସାୟୀକରଣ କରିବାକୁ ସରକାର ପ୍ରଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ପ୍ରତିବାଦ ସଭାରେ ଜିଲ୍ଲା ସଂଗଠିକା ନିରୁପମା ନାୟକ, କଳ୍ପନା ନାଏକ, ସୁହାନୀ ବେହେରା, ଯାଜ୍ଞସେନୀ ନାଏକ ପ୍ରମୁଖ ଯୋଗଦେଇଥିଲେ।

## ରାଜା ପ୍ରଦୀପ ଦେଓଙ୍କ ଦେହାନ୍ତ



**ଆଠମଲ୍ଲିକ,୨୫।୭ (ସମିସ):** ଆଠମଲ୍ଲିକର ରାଜା ପ୍ରଦୀପ ଚନ୍ଦ୍ର ଦେଓ (୮୬)ଙ୍କର ଶନିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ବୟସାଧିକ କାରଣରୁ ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। କିଛିଦିନ ହେଲା ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ସେ ୧୯୪୦ରେ ଜନ୍ମଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଯୁବରାଜ ପରେଶ ଚନ୍ଦ୍ର ଦେଓଙ୍କ ସମେତ ତାଙ୍କ ବୋହୂ ଓ ୨ ନାତି ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ସେ କଦମ୍ବ ବଂଶ ରାଜ ପରିବାରର ୪୨ତମ ରାଜା ଥିଲେ ବୋଲି ପରିବାର ସୂତ୍ରରୁ ଜଣାଯାଇଛି। ରାଜାସାହେବଙ୍କ ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଶୈଳ ଶ୍ରୀକ୍ଷେତ୍ରରେ ରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶ



**ଅନୁଗୋଳ,୨୫।୭ (ସମିସ):** ବଡ଼ଦାଣ୍ଡରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଦର୍ଶନ ପାଇଁ ଶୈଳ ଶ୍ରୀକ୍ଷେତ୍ରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବାହ୍ନରୁ ରୀତିନୀତି ଅନୁଯାୟୀ ଶ୍ରୀଜୀଉମାନଙ୍କ

### ଅନୁକୂଳ ପାଗ ଯୋଗୁଁ ହଜାର ହଜାର ଭକ୍ତଙ୍କ ସମାଗମ

ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ଭଣ୍ଡାର ଘରୁ ଶ୍ରୀଜୀଉମାନଙ୍କ ଅଳଙ୍କାର ଅଣାଯାଇ ସନ୍ଧ୍ୟା ସାଢ଼େ ୬ଟାରେ ଆରମ୍ଭ ହୋଇଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ସୁନାବେଶରେ ଦର୍ଶନ କରିଥିଲେ। ଅନୁକୂଳ ପାଗ ଯୋଗୁଁ ବଡ଼ଦାଣ୍ଡରେ ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ବ୍ୟାପକ ଆଲୋକ ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବଡ଼ଦାଣ୍ଡରେ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ରବିବାର ଶ୍ରୀଜୀଉମାନଙ୍କ ଅଧରପଣା ଲାଗି, ସ୍ୱର୍ଣ୍ଣାଦ୍ରି ବିଜୟ ଉତ୍ସବ ଓ ନୀଳାଦ୍ରି ବିଜେ ନୀତି ହେବ। ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉମାନଙ୍କୁ ରଥାବତରଣ କରାଯାଇ ଲକ୍ଷ୍ମୀନାରାୟଣ ଭେଟ ହେବ। ପରେ ରତ୍ନ ସିହାସନକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିବେ।

**ଲଗାଣ ବର୍ଷା**

## ଦୁଇ ଗରିବ ପରିବାରର ମାଟିଘର ଭୁଶୁଡ଼ିଲା



**କଣିହାଁ,୨୫।୭ (ସମିସ):** ଚଳିତ ସପ୍ତାହରେ ଲଗାଣ ବର୍ଷା ଯୋଗୁଁ ଶୁକ୍ରବାର ଅପରାହ୍ନରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ମହୀଧରପୁର ଗ୍ରାମରେ ଦୁଇ ଗରିବ ପରିବାରର ମାଟିଘର ଭୁଶୁଡ଼ି ପଡ଼ିଛି। ଗ୍ରାମର ଅଭି ମହାରଣା ଏବଂ ସୁନୀଲ ବେହେରାଙ୍କ ଝାଟିମାଟି ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଛି। ତେବେ ସୌଭାଗ୍ୟବଶତଃ କେହି ଆହତ ହୋଇନାହାନ୍ତି। ଏହି ଘଟଣା ପରେ ଦୁଇ ପରିବାର ଖୋଲା ଆକାଶ ତଳେ ରହିଛନ୍ତି। ଏଭଳି ଦୁର୍ଦ୍ଦଶାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି କଣିହାଁ ବ୍ଲକ ପ୍ରଶାସନ, ତାଳଚେର ଉପଜିଲ୍ଲାପାଳ ଓ ଅନୁଗୋଳ ଜିଲ୍ଲାପାଳ ତୁରନ୍ତ ଘଟଣାର ତଦନ୍ତ କରି କ୍ଷତିଗ୍ରସ୍ତ ଦୁଇ ପରିବାରକୁ ଆବାସ ଯୋଜନାରେ ଘର ପ୍ରଦାନ ସହ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଦାବି କରିଛନ୍ତି।

## ବାଗଡ଼ିଆ ବଜାରରେ ବୁଲୁଛି ଦନ୍ତାହାତୀ

**ଛେଣ୍ଡିପଦା,୨୫।୭ (ସମିସ):** ଅନୁଗୋଳ ବନଖଣ୍ଡ ତଥା ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବାଗଡିଆ ବଜାର ତଥା ଗ୍ରାମ ଇଲାକାରେ ଶନିବାର ସକାଳ ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏକ ଦନ୍ତା ହାତୀ ଗଜେନ୍ଦ୍ର ଓରଫ ରାଜୁ ଚଳ ପ୍ରଚଳ କରୁଥିବା ଜଣାପଡ଼ିଛି। ଏହି ହାତୀ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଞ୍ଚଳରେ ବୁଲାବୁଲି କରୁଥିଲା। ଆଜିସକାଳେ ନିକଟସ୍ଥ ଆଉଁଳି ନଦୀ ଅତିକ୍ରମ କରି ପ୍ରଥମେ ସରପାଳ ଗାଁ, ବାମନାଳୀ ଗାଁ ମଧ୍ୟ ଦେଇ ବାଗଡିଆ ଥାନା ଅଫିସ ସମ୍ମୁଖରେ ପହଞ୍ଚି ଥିଲା। ଏହାପରେ ସେ ଧିରେ ଧିରେ ବଜାର ଏବଂ ଗ୍ରାମ ମଧ୍ୟକୁ ପ୍ରବେଶ କରିଥିଲା। ବଜାର ସାହି ବସ୍ତି ମଧ ଦେଇ ଚାଲି ଚାଲି ଯାଉଥିବା ବେଳେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ମାତ୍ର ଏହା ମାରଣ ପଶୁ ହୋଇନଥିବା ଜାଣିବା ପରେ ଲୋକ ମାନେ ତାକୁ କଦଳୀ, ପଣସ, ଧାନ, ପନିପରିବା ଆଦି ଖାଦ୍ୟ ଶସ୍ୟ ଦେଇଥିଲେ। ଅନାୟସରେ ଏହି ହାତୀ ସବୁ ଖାଦ୍ୟ ଶସ୍ୟ ଖାଉଥିବା ଲକ୍ଷ୍ୟ କରାଯାଉଥିଲା। ଏହାପରେ ଗ୍ରାମ ନିକଟସ୍ଥ ଆମ୍ବ ତୋଟା ଆଡ଼କୁ ଚାଲି



ଯାଇଥିଲା। ଏହି ହାତୀକୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟକ ଲୋକ ରୁଣ୍ଡ ହୋଇଥିଲେ। ଅପର ପକ୍ଷରେ ହାତୀ ଏବଂ ମଣିଷ ମଧ୍ୟରେ ସୁସମ୍ପର୍କ ରହିଥିବା ଯୋଗୁଁ ଏହା ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ସେହିପରି ଖବର ପାଇ ଛେଣ୍ଡିପଦା ଜଙ୍ଗଲ ବିଭାଗ ଅଧିକାରୀ କର୍ମଚାରୀ ଓ ହାତୀ ସ୍କ୍ୱାର୍ଡ କର୍ମଚାରୀ ମାନେ ଉପସ୍ଥିତ ରହି ଏହାର ଗତିବିଧି ଉପରେ ସ୍?ତନ୍ତ୍ର ନଜର ରଖିଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, ଗତ ୨ ବର୍ଷ ତଳେ ଏହି ହାତୀ ଉପରେ ଗୁଳି ମାଡ ହୋଇଥିଲା। ଯାହାକି ଗୁରୁତର ଭାବେ ଆହତ ହୋଇଥିଲା।ସ୍ଥାନୀୟ ଜଙ୍ଗଲ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଯୋଗେ ଚିକିତ୍ସା କରାଯାଇଥିଲା। ସଂପୂର୍ଣ୍ଣ ଭାବେ ଚିକିତ୍ସିତ ହେଲା ପରେ ତାର ଦେହରେ ଜଙ୍ଗଲ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖିବା ପାଇଁ ଏକ ରେଡ଼ିଓ କୋଲାର ଖଞ୍ଜା ଯାଇଥିଲା। ତା ପର ଠାରୁ ଏହି ହାତୀ ପ୍ରାୟତଃ ଜଙ୍ଗଲ ମଧ୍ୟକୁ ନ ଯାଇ ଛେଣ୍ଡିପଦା, କଣିହାଁ, ରିଆମାଳ, ଦେବଗଡ ଆଦି ଅଞ୍ଚଳରେ ବୁଲାବୁଲି କରୁଅଛି। କାହାର କିଛି କ୍ଷତି ମଧ କରୁନାହିଁ। ଫଳରେ ଜନସାଧାରଣଙ୍କ ସହିତ ବେଶ ସୁସମ୍ପର୍କ ବଢି ଚାଲିଛି। ଏହାକୁ ସମସ୍ତେ ରାଜୁ ନାମରେ ସ୍ନେହ ଆଦର କରୁଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟ ପକ୍ଷରେ ଏହି ହାତୀକୁ ସ୍ୱତନ୍ତ୍ର ଭାବେ ଅନ୍ୟ କୌଣସି ସ୍ଥାନରେ ସୁରକ୍ଷିତ ରଖିବା ପାଇଁ ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି।

# ୬ ମାସ ହେଲା ମିଳିନି ଅଣ୍ଡା କି ଛତୁଆ

**ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ**



**ଅନୁଗୋଳ,୨୫।୭ (ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଟାପଡୋଳ ପଞ୍ଚାୟତ ସାନଦାଦର ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର ପକ୍ଷରୁ ୬ ମାସ ହେବ ଗର୍ଭବତୀ ମହିଳାଙ୍କୁ ଅଣ୍ଡା ଛତୁଆ ମିଳିନାହିଁ। କେନ୍ଦ୍ରକୁ ବାରମ୍ବାର ଗର୍ଭବତୀ ମହିଳାଙ୍କ ସହ ଯୁବତୀମାନେ ସେମାନଙ୍କ ପାଇଁ ଆସୁଥିବା ବିଭିନ୍ନ ସାମଗ୍ରୀ ପାଇଁ ଯାଉଥିବା ବେଳେ ଅଙ୍ଗନବାଡ଼ି କର୍ମୀ ସେମାନଙ୍କୁ ଦେଉ ନ ଥିବାରୁ ଅସନ୍ତୋଷ ଦେଖା ଦେଇଛି। ଏହାର ପ୍ରତିବାଦରେ ଶନିବାର ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ ଉକ୍ତ କେନ୍ଦ୍ରକୁ ଆସୁଥିବା ସମସ୍ତ ସାମଗ୍ରୀ ସଠିକ ଭାବେ ବଣ୍ଟନ କରାଯାଉନାହିଁ। ଗ୍ରାମର ଗର୍ଭବତୀ ମହିଳା, କିଶୋରୀ ଓ ଯୁବତୀଙ୍କ ସହ ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ସମସ୍ତ ପୋଷକ ଖାଦ୍ୟ ଯଥା ଅଣ୍ଡା, ଛତୁଆ ଯୋଗାଇ ଦିଆଯାଉ ନାହିଁ। ଫେବୃଆରୀରୁ କୌଣସି ଅଣ୍ଡା କି ଛତୁଆ ଯୋଗାଇ ଦିଆଯାଇ ନାହିଁ। ଗ୍ରାମରେ ଗର୍ଭବତୀ ମହିଳାମାନେ ଏ ସବୁ ସାମଗ୍ରୀ ପାଇଁ ବାରମ୍ବାର ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିଲେ ମଧ୍ୟ ତାଙ୍କୁ ପ୍ରଦାନ କରାଯାଉନାହିଁ। ସେମାନଙ୍କ ପାଇଁ ସାମଗ୍ରୀ ଆସୁ ନ ଥିବା କେନ୍ଦ୍ର ପକ୍ଷରୁ ସଫେଇ ଦିଆଯାଇଥିବା ବେଳେ ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ଏଥିସହ କେନ୍ଦ୍ର ପାଣ୍ଠିରେ ଥିବା ୪୦ ହଜାର ଟଙ୍କା କେନ୍ଦ୍ର ପରିଚାଳକ କାହାକୁ ନ ଜଣାଇ ଟଙ୍କା ଉଠାଣ କରି ହେରଫେର କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପରେ ଏ ନେଇ ଅଙ୍ଗନବାଡ଼ି ଦାୟିତ୍ୱରେ ଥିବା ସୁପରଭାଇଜରଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଶନିବାର ଗ୍ରାମର ପ୍ରୀତିମୟୀ ସାହୁ, ବାଚନି ପ୍ରଧାନ, ଲିପା ପ୍ରଧାନ, ମିଲାନମଞ୍ଜରୀ ପ୍ରଧାନ, ବବିତା ପ୍ରଧାନ, ସୀମାରାଣୀ ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଆସି ଶନିବାର ଅଙ୍ଗଲବାଡ଼ି କେନ୍ଦ୍ର ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କେନ୍ଦ୍ରରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସୁପରଭାଇଜର ଗୁରୁବାରୀ ନାୟକ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଗ୍ରାମବାସୀ ସୁପରଭାଇଜରଙ୍କୁ ଘେରଉ କରିଥିଲେ। ସମସ୍ତ ଅଭିଯୋଗ ସମ୍ପର୍କରେ କାହିଁକି ପଦକ୍ଷେପ ନିଆଯାଇ ନାହିଁ ବୋଲି ପ୍ରଶ୍ନ କରିବା ସହ ଏହି ଘଟଣାର ତଦନ୍ତ କରିବାକୁ ଦାବି କରିଥିଲେ। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁପରଭାଇଜର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏ ନେଇ ଦୀପିକା ପ୍ରିୟଦର୍ଶନୀ ନାୟକ କୁହନ୍ତି, ତୁରନ୍ତ ସମସ୍ତଙ୍କୁ ଅଣ୍ଡା, ଛତୁଆ ଯୋଗାଇ ଦିଆଯିବ କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ। ସୁପରଭାଇଜର ଗୁରୁବାରୀ ନାୟକ କୁହନ୍ତି, କେନ୍ଦ୍ରରେ ତାଲା ପଡ଼ିଥିବା ଖବର ପାଇ ମୁଁ ଘଟଣାସ୍ଥଳକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛି। ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ତୁଳସୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

# ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଲା ବ୍ରହ୍ମତାଳଧ୍ୱଜ ରଥ

କେନ୍ଦ୍ରାପଡ଼ା, ୨୫।୭ (ସମିସ)

ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜୀଉଙ୍କ ପବିତ୍ର ବାହୁଡ଼ା ଯାତ୍ରା ଦୁଇଦିନ ବ୍ୟାପୀ ନୀତିକାନ୍ତି ଓ ଭକ୍ତିମୟ ପରିବେଶ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଅପରାହ୍ନ ପ୍ରାୟ ୨ଟା ସମୟରେ ପୂର୍ବ ନିର୍ଦ୍ଧାରିତ ସମସ୍ତ ନୀତିକାନ୍ତି ସମାପନ ପରେ ପ୍ରଭୁଙ୍କ ବ୍ରହ୍ମତାଳଧ୍ୱଜ ରଥ ଗୁଣ୍ଡିଚା ମନ୍ଦିର ନିକଟରୁ ରତ୍ନବେଦୀ ଅଭିମୁଖେ ଟଣାଯାଇଥିଲା।

## ଆଜି ବଳଦେବଜୀଉଙ୍କ ରଘୁନାଥ ବେଶ



ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଭକ୍ତି ଓ ଉତ୍ସାହର ସହ ରଥ ଟାଣି ପ୍ରଭୁଙ୍କ ବାହୁଡା ଯାତ୍ରାକୁ ସଫଳ କରିଥିଲେ। ସନ୍ଧ୍ୟା ୫ଟା ପୂର୍ବରୁ ରଥ ଚକଡାରେ ପହଞ୍ଚିଥିଲା। ପରମ୍ପରା ଅନୁଯାୟୀ ତିନି ଠାକୁର ରଥ ଉପରେ ବିରାଜମାନ ରହି ଭକ୍ତଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରୁଛନ୍ତି। ଆସନ୍ତାକାଲି ପ୍ରଭୁ ଶ୍ରୀବଳଦେବଜୀଉ, ଦେବୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥ ରଘୁନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ସନ୍ଧ୍ୟାରେ ପାରମ୍ପରିକ ଅଧରପଣା ନୀତି ସମ୍ପନ୍ନ ହେବା ପରେ ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ। ଏଥିସହ ନବଦିନ ବ୍ୟାପୀ ଗୁଣ୍ଡିଚା ଯାତ୍ରାର ପରିସମାପ୍ତି ଘଟି ପ୍ରଭୁମାନେ ରତ୍ନବେଦୀକୁ ବିଜେ କରିବେ।

ବାହୁଡ଼ା ରଥରେ ପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ୟୁନିଫର୍ମଧାରୀ ପୁଲିସ ସହ ସାଦା ପୋଷାକଧାରୀ ପୁଲିସ ମଧ୍ୟ ଭିଡ଼ ଉପରେ କଡ଼ା ନଜର ରଖିଥିଲେ। ପ୍ରଶାସନ, ସେବାୟତ ଓ ସ୍ୱେଚ୍ଛାସେବୀଙ୍କ ସମନ୍ୱିତ ପ୍ରୟାସରେ ଏ ବର୍ଷର ବାହୁଡା ଯାତ୍ରା ସୁରୁଖୁରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବାରୁ ଭକ୍ତଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁଙ୍କ ଅପୂର୍ବ ସୁନାବେଶ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ପୋଖରୀଆପଡ଼ା ପତିତପାବନ ମନ୍ଦିର ପ୍ରଭୁ ପତିତପାବନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଇଂ ପ୍ରକାଶ ଦାଶ, ସମ୍ପାଦକ ନରହରି ଲେଙ୍କା, ଇଂ ତ୍ରିଲୋଚନ ସୂତାର, ଶୁକଦେବ ସ୍ୱାଇଁ, ଈଶ୍ୱର ଲେଙ୍କା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ରଥାରୂଢ଼ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରାଯିବା ପରେ ପାରମ୍ପରିକ ନୀତି ସମ୍ପନ୍ନ କରାଯାଇଥିଲା।। ପୂଜକ ସନ୍ତୋଷ ଦାଶ ଓ ଦଇତାପତି ସଂଘ ସଭାପତି ସୁଶୀଲ ପାଠୀ, ଦଇତାପତି ତପନ ବାରିକ, ସଞ୍ଜୟ ଦାଶ ସୁରଜ ନାୟକ, ଅଭିଜିତ ଦାଶ, ମନୀଷ ପଣ୍ଡା ମନୋରଞ୍ଜନ ପରିଡ଼ା, ପ୍ରସନ୍ନଜିତ ପଣ୍ଡା ପ୍ରମୁଖ ଦିଅଁଙ୍କୁ ସୁନାବେଶରେ ସଜାଇଥିଲେ।



ସେହିପରି ବାଲିପାଟଣା ଶ୍ରୀଜଗନ୍ନାଥ ମନ୍ଦିରରେ ରଥାରୁଢ଼ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ସୁନାବେଶ ମନ୍ଦିର ପୂଜକ ଦଇତାପତି, ସ୍ଥାନୀୟ ସରପଞ୍ଚ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ସୁନାବେଶ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କ ଅପୂର୍ବ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ହରପାର୍ବତୀ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ପୁଲିସ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

**ରାଜକନିକା:** ଅଚ୍ୟୁତପୁରଠାରେ ଚଳିତବର୍ଷ ରଥଯାତ୍ରା ଆନନ୍ଦ ଉତ୍ସାହ ମଧ୍ୟରେ ଶେଷ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ସୁସଜ୍ଜିତ ରଥରେ ଆସି ଅନ୍ଧାରଘରଣୀ ପୀଠରେ ଥିବା ମାଉସୀମା ମନ୍ଦିରରେ ୯ ଦିନ ଅବସ୍ଥାନ କରି ବାହୁଡ଼ା ଯାତ୍ରାରେ ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶ୍ରୀଜଗନ୍ନାଥ ରଥ ପରିଚାଳନା କମିଟି ସଦସ୍ୟ ପୂର୍ବତନ ସରପଞ୍ଚ ପ୍ରଦୀପ ମଲିକ, ସମିତି ସଭ୍ୟ ଶରତ ରାଉତ, ଚକ୍ରଧର ବରାଳ, ସଞ୍ଜୟ ପ୍ରଧାନଙ୍କ ପରିଚାଳନାରେ ଶ୍ୟାମସୁନ୍ଦର ଜେନା, ସୁବାସ ସେନାପତି, ପ୍ରଫୁଲ୍ଲ ରାଉତ, ହୃଷିକେଶ ବାରିକ, ମନୀନ୍ଦ୍ର ସାହୁ, ଅରୁଣ ମଲିକ, ନିରୋଦ ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, ନରେନ୍ଦ୍ର ବରାଳ, ବିଶ୍ୱନାଥ ସେଠୀ, ଅଜୟ ଓଝା, ଉମାକାନ୍ତ ନାୟକ, ବେଣୁଧର ମଲିକ, ଅମର ମଲିକ, ବଟକୃଷ୍ଣ ମଲିକ, ପ୍ରଶାନ୍ତ ବିଶ୍ୱାଳ, ଯତୀନ୍ଦ୍ର ରାଉତ, ଅମୀୟ ବାରିକ, ଅଶ୍ୱିନୀ ମୁଦୁଲି, ଚରଣ ନାୟକ, ସୁବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।



**ରାଜନଗର:** ରାଜନଗର ବ୍ଲକ କେରଡ଼ାଗଡ଼ର ପୁରାଣ ପ୍ରସିଦ୍ଧ ଶ୍ରୀଜଗନ୍ନାଥଜୀଉଙ୍କ ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଶୁକ୍ରବାର ବାହୁଡ଼ା ତିଥିରେ ଠାକୁରଙ୍କ ପହଣ୍ଡି ବିଜେ କରାଯାଇ ଠାକୁରଙ୍କ ରଥାରୂଢ କରାଯାଇଥିଲା। ଶନିବାର ଅପରାହ୍ନ ୩ଟାରେ ସେବାୟତ ବାହୁଡ଼ାର ନୀତିକାନ୍ତି ଆରମ୍ଭ କରିଥିଲେ। ନୀତିକାନ୍ତି ଶେଷ ପରେ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀଜଗନ୍ନାଥଜୀଉ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡିଛନ୍ତି। ପାଗ ମେଘୁଆ ଥିବାରୁ ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ଆଳି, ରାଜକନିକା ଅଞ୍ଚଳର ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଶ୍ରୀଜୀଉଙ୍କ ସାନ୍ଧ୍ୟ ଦର୍ଶନ ଓ ଆଳତି ଦର୍ଶନ ଲାଗି ଆଖପାଖ ଅଞ୍ଚଳର ବହୁ ମହିଳା ଭକ୍ତଙ୍କ ସମାଗମ ହୋଇଥିଲା। ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଆଇଆଇସି ନରେଶ ସାହୁଙ୍କ ସମେତ ପୁଲିସ୍ ଫୋର୍ସ ରଥଟଣା ସମୟରେ ଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ରାଜନଗର ଦଧିବାମନଜୀଉ, ପେଣ୍ଠର ବନବିହାରୀଜୀଙ୍କ ବାହୁଡ଼ା ଯାତ୍ରା ସମାପନ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ରଥଟଣାରେ ସହଯୋଗ କରିଥିଲେ। ରାଜନଗର ବ୍ଲକର ପ୍ରମୁଖ କେରେଡାଗଡ଼, ରାଜନଗର ଓ ପେଣ୍ଠରେ ଦୀର୍ଘ ବର୍ଷ ହେଲା ଦଶମୀ ଓ ଏକାଦଶୀ ତିଥିରେ ବାହୁଡା ଯାତ୍ରା ହୋଇଥାଏ। ଏକଦଶୀ ତିଥିରେ ଲୋକେ ବିଲକୁ ଯାଇନଥା'ନ୍ତି। ସେଥିପାଇଁ ଦଶମୀ ପରିବର୍ତ୍ତେ ଏକାଦଶୀ ତିଥିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଆସୁଛି।



## ଅନୈତିକ କାର୍ଯ୍ୟରେ ଲିପ୍ତ ବଙ୍ଗୀୟ ଯୁବତୀଙ୍କ ସହ ଦୁଇ ଯୁବକ ଗିରଫ

ଡେରାବିଶ, ୨୫।୭ (ସମିସ): ଡେରାବିଶ ଥାନା ଅନ୍ତର୍ଗତ ଖମୋଳ ପଞ୍ଚାୟତ ଅଞ୍ଚଳର ଏକ ଭଡ଼ା ଘରେ ଦଲାଲ ଜଣେ ବଙ୍ଗୀୟ ଯୁବତୀଙ୍କୁ ରଖି ଦେହ ବ୍ୟବସାୟ କରୁଥିବା ଅଭିଯୋଗ ପାଇ ଗତକାଲି ପୁଲିସ୍ ଚଢ଼ଉ କରିଥିଲା। ଚଢ଼ାଉ ସମୟରେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପୁଲିସ୍ ଭଡ଼ା ଘରୁ ଜଣେ ବଙ୍ଗୀୟ ଯୁବତୀଙ୍କ ସହ ଦୁଇଜଣ ଯୁବକଙ୍କୁ ଗିରଫ କରିଥିଲା। ଗିରଫ ଯୁବକ ଦ୍ୱୟ କଟକ ଜିଲ୍ଲା ନେମାଳ ଥାନା ଅନ୍ତର୍ଗତ ବାହାରବମ୍ଭ ଗ୍ରାମର ନିତାଇଗୌର ସେଠୀ ଓ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଦଳିପଡ଼ା ଗ୍ରାମର ପ୍ରଦୀପ ଦାସ। ପୁଲିସ ଉଭୟ ଯୁବକ ଓ ଯୁବତୀଙ୍କ ଡାକ୍ତରୀ ମାଇନା କରିବା ସହ ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରିଣୀ ଅମ୍ବିକା ପ୍ରସାଦ ଦାସ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଥାନାରେ ୧୯୦/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ପଲେଇ ପ୍ରକଳ୍ପ ଉନ୍ନୀତ ଉପ୍ରା ବିଦ୍ୟାଳୟ କମିଟି ଗଠନ

ଡେରାବିଶ, ୨୫।୭ (ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ପ୍ରକଳ୍ପ ଉନ୍ନୀତ ଉପ୍ରା ବିଦ୍ୟାଳୟର ଏସ୍ଏମ୍ସି କମିଟି ବହୁ ବାଦବିବାଦ ପରେ ଆଜି ଗଠନ ହୋଇଛି। ଆଜି କମିଟିର ସଭାପତି ଭାବେ ରଶ୍ମିରଞ୍ଜନ ନାଥଶର୍ମା ଓ ଉପସଭାପତି ଭାବେ ଋତୁପର୍ଣ୍ଣା ମହାପାତ୍ରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ମଦନମୋହନ କର ଓ ସିଆରସିସି ସୁବାସ ପଣ୍ଡା, ସଦସ୍ୟ ଲକ୍ଷ୍ମୀପ୍ରିୟା ନାଥ, ସତ୍ୟବତୀ ଓଝା, ଚିନ୍ମୟୀ ସୂତାର, ସୁପ୍ରଭା ଶର୍ମା, ଝିଲିରାଣୀ ନାଥ, ସଞ୍ଜୟ ପ୍ରଧାନ, ନିଗମାନନ୍ଦ ଓଝା, ଅମୂଲ୍ୟ ଦାସ, ମନୋଜ ଜେନା, ପୁଷ୍ପଲତା ଜେନା, ଶଙ୍କର୍ଷଣ ବାରିକ, ଶଶୀକାନ୍ତ ଗୁରୁ, ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ନାଥଶର୍ମା ଓ ଉପସଭାପତି ଶ୍ରୀମତୀ ମହାପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ଚିନ୍ତାମଣି ଗୁରୁଜୀଙ୍କ ଜୀବନ ଦର୍ଶନ ସମ୍ପର୍କିତ ଆଲୋଚନାଚକ୍ର



ମାର୍ଶାଘାଇ, ୨୫।୭ (ସମିସ): ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ମା'ତାରିଣୀ ମନ୍ଦିର, ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ଚିନ୍ତାମଣି ଗୁରୁଜୀଙ୍କ ଜୀବନ ଦର୍ଶନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ଚିନ୍ତାମଣିଗୁରୁଜୀ-ରୁକ୍ମିଣିଦେବୀ ସ୍ମାରକୀ ନ୍ୟାସ ସଭାପତି ହୃଦାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ, ପ୍ରଭାତୀ ସାହୁ, କେଶବ ଚରଣ ଲେଙ୍କା, ଭଞ୍ଜକିଶୋର ସ୍ୱାଇଁ, ମହକାଳପଡ଼ା ବିକାଶ ମଞ୍ଚ ସଭାପତି କାଶୀନାଥ ରାଉତରାୟ, ବିଶ୍ୱଭୂଷଣ ମଲ୍ଲିକ, ମନୋଜ ନନ୍ଦ, ସେକ୍ ମନ୍ସୁର ଅଲ୍ଲି, ନୀଳମାଧବ ରାଉତ, ବୈଷ୍ଣବ ଖଣ୍ଡୁଆଳ, ବଳରାମ ଜେନା, ତରଣୀସେନ ମଲ୍ଲିକ୍, ଅରବିନ୍ଦ ସ୍ୱାଇଁ ଯୋଗଦେଇ ଚିନ୍ତାମଣି ଗୁରୁଜୀ ୧୯୪୮ରୁ ନିପଟ ମଫସଲ ନଦୀନାଳଘେରା ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠା କରି ଗାନ୍ଧିଜୀଙ୍କ ମୌଳିକ ଶିକ୍ଷାକୁ ପ୍ରଣୟନ କରି ପାଠପଢ଼ା ସହିତ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରି ଗରିବ ଅସହାୟ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସହ ମାଛଚାଷ, ଗୋପାଳନ, କୃଷି, ଡଙ୍ଗା ଚାଳନା, ସାଇକଲ ମରାମତି, ଟେଲରିଂ ଶିକ୍ଷା ଓ ନାରୀଶିକ୍ଷାର ବିକାଶ ପାଇଁ କସ୍ତୁରବା ନାରୀ ମହଲ ପ୍ରତିଷ୍ଠା କରି ମହିଳାଙ୍କୁ ଆତ୍ମନିର୍ଭର କରିଥିଲେ। ଫଳରେ ମହିଳାମାନେ ବିଶେଷ ଭାବେ ପ୍ରତିଷ୍ଠିତ ହୋଇଥିଲେ। ଶିକ୍ଷା ସହ ସମାଜସେବା, ସର୍ବୋଦୟ ଆନ୍ଦୋଳନ, ଭୁଦାନ ଆନ୍ଦୋଳନରେ ସକ୍ରିୟ ଯୋଗଦାନ, ସମାଜ ସଂସ୍କାରକ ମାଧ୍ୟମରେ କମ୍ ବୟସ୍କ ବିଧବା ମହିଳାଙ୍କୁ ଦ୍ୱିତୀୟ ବିବାହ କରାଇ ସେମାନଙ୍କୁ ନୂତନ ଧିସା ଦେଖାଇଥିଲେ। ସ୍ମାରକୀ ନ୍ୟାସ ସମ୍ପାଦକ ଭ୍ରମର ରାଉତଙ୍କ ଜନ୍ମ ଦିବସରେ ଆଦର୍ଶ ଗାନ୍ଧିଆନ ଶିକ୍ଷକ ଚିନ୍ତାମଣି ଗୁରଜୀଙ୍କ ଜୀବନାଦର୍ଶନ ସମ୍ପର୍କରେ ଆଲୋଚନା କରାଯିବାଲ ସହ ବିଶିଷ୍ଟ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


## ରାହୁଲ ଓ ପ୍ରିୟଙ୍କାଙ୍କୁ ଗିରଫ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ରାଜନଗର, ୨୫।୭ (ସମିସ): ନିଟ୍ ପ୍ରସଙ୍ଗକୁ ନେଇ ଦିଲ୍ଲୀରେ ପ୍ରତିବାଦ ସମୟରେ ଛାତ୍ରଛାତ୍ରୀଙ୍କ ଉପରେ କଥିତ ପୁଲିସ କାର୍ଯ୍ୟାନୁଷ୍ଠାନ ଓ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ କଂଗ୍ରେସ ନେତାଙ୍କୁ ପୁଲିସ ଅଟକ ରଖିଥିବା ଘଟଣାର ପ୍ରତିବାଦରେ ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜନଗର ବାଇପାସ୍ ଛକରେ ବହୁ ସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୁଶପୁତ୍ତଳିକା ଦାହ କରିଥିଲେ। ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନକ୍ରମେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତଙ୍କ ପରାମର୍ଶକ୍ରମେ କଂଗ୍ରେସ କମିଟି ବ୍ଲକ ଛକ ନିକଟରେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୁଶୀଲ ପ୍ରଧାନ, ବ୍ଲକ ଛାତ୍ର କଂଗ୍ରେସ ସଭାପତି ଅଭିକ୍ ଦାସ, ଛାତ୍ର ନେତା ଗୋପାଳକୃଷ୍ଣ ଦାସ, ଅମୂଲ୍ୟ ଜେନା, ସଞ୍ଜୟ ସାହୁ, ବିକା ସେଠୀ, ନିରଞ୍ଜନ ନାୟକ ପ୍ରମୁଖ ସାମିଲ ଥିଲେ।



## ପଞ୍ଚୁପାଣ୍ଡବ-ସଦାନନ୍ଦପୁର ରାସ୍ତା ଶୋଚନୀୟ

ପଞ୍ଚୁପାଣ୍ଡବ, ୨୫।୭ (ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥରର ପଞ୍ଚୁପାଣ୍ଡବ ଛକଠାରୁ ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ହେଲା ଅଧପନ୍ତରିଆ ହୋଇ ପଡ଼ିରହିଛି। ଏହି ରାସ୍ତାରେ ଗୋଡ଼ି ଏଣେ ତେଣେ ପଡ଼ିରହିଥିବାବେଳେ ରାସ୍ତାରେ ଖାଲ ହୋଇ ପାଣି ଜମି ରହିଥିବାରୁ ଯାତାୟାତ କରୁଥିବା ଲୋକେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦୀର୍ଘଦିନ ହେଲା ତିନି ଭାଗ ପିଚୁକାମ ହୋଇଥିଲେ ସୁଦ୍ଧା ଆଉ ଭାଗେ ପ୍ରାୟ ୩୦ ମାସରୁ ଅଧିକ ହେବ ରାସ୍ତାକାମ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଏଥିପ୍ରତି ସରକାର ହେଉ କି ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ଲୋକେ ହଇରାଣ ହେଉଥିବା ଅଭିଯୋଗ ହେଉଛି।



ଦୁଇବର୍ଷ ହେବ ପଞ୍ଚୁପାଣ୍ଡବ ଛକରୁ ବଡ଼ଚଣା ବ୍ଲକ ପଣସୁଧା ଗ୍ରାମ ପର୍ଯ୍ୟନ୍ତ ଅଧୁରା ପିଚୁ କାମ ହୋଇ ପଡ଼ିରହିଥିଲା। ପୁଣି କିଛି ମାସ ପରେ ପଣସୁଧାରୁ ବଡ଼ଚଣା ବ୍ଲକ ଭରତପୁର ପଞ୍ଚାୟତ ମାତା ମଠ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା କାମ ହୋଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ମାତା ମଠ ଛକଠାରୁ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ରାସ୍ତା ଖଣ୍ଡିଆ ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିଥିବାବେଳେ ମେଟାଲ ଉଠି ଏଣେତେଣେ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାଟି ଯାଜପୁର ଓ କେନ୍ଦ୍ରାପଡ଼ା ଦୁଇ ଜିଲ୍ଲା ଅଧୀନରେ ରହିଥିବାରୁ ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ରାସ୍ତା କାମ ହେଉଥିଲା। ଏବେ ଏହି ରାସ୍ତା ଯାଜପୁର ଜିଲ୍ଲା ପ୍ରଶାସନ ଅଧୀନରେ ରହିଛି। ଯାଜପୁର ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ରାସ୍ତା ମରଣଯନ୍ତା ପାଲଟିଛି। ଦୁଇ ଜିଲ୍ଲାର ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ ଦୁଇରୁ ତିନଟି ଯାତ୍ରୀବାହୀ ବସ୍, ବିଭିନ୍ନ ସ୍କୁଲକୁ ଗାଡ଼ି ଯାତାୟାତ କରୁଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆରଡି ବିଭାଗ ଏଇ ଶୈଳେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ରାସ୍ତା କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ମିଳିତରେ ଥିଲା। ଏବେ ଯାଜପୁର ଜିଲ୍ଲା ଅଧୀନରେ ରହିଛି। ତେବେ ଯାଜପୁର ଜିଲ୍ଲା ପ୍ରଶାସନ ରାସ୍ତାର ସମ୍ପୂର୍ଣ୍ଣ କାମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜଳ ସମ୍ପଦ ବିଭାଗ ଉଚ୍ଚ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ପଟ୍ଟାମୁଣ୍ଡାଇ, ୨୫।୭ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜଳସେଚନ, ଜଳ ନିଷ୍କାସନ ଓ ପାନୀୟଜଳ ସମସ୍ୟା ଦୂର କରିବାକୁ ରାଜନଗର ବିଧାୟକ ତଥା ବିଧାନସଭା ଜଳ ସମ୍ପଦ, ମତ୍ସ୍ୟ, ପଶୁ ସମ୍ପଦ ଓ ଏଷ୍ଟିମେଟ କମିଟି ସଦସ୍ୟ ଧ୍ରୁବ ସାହୁ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାପରେ ଜଳ ସମ୍ପଦ ବିଭାଗର ଉଚ୍ଚ ପ୍ରତିନିଧି ଦଳ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଆଜି ବିଧାୟକ ଶ୍ରୀ ସାହୁ ରାଜ୍ୟ ଜଳ ନିଷ୍କାସନ ବିଭାଗର ମୁଖ୍ୟଯନ୍ତ୍ରୀ ଅବିନାଶ ରାଉଳ, ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାର ମୁଖ୍ୟଯନ୍ତ୍ରୀ ହରେକୃଷ୍ଣ ବେହେରା, ମେଗା ଉଠା ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ମନୋଜ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମ୍ୟୁନିସିପାଲିଟି ଅଧ୍ୟକ୍ଷ ହେମନ୍ତ ସାହୁ, କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମଲ୍ଲିକ, ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ସେଠୀ ଓ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କୁ ସାଙ୍ଗରେ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରଥମେ ପଟ୍ଟାମୁଣ୍ଡାଇ ବ୍ଲକର ଭାତହାଣ୍ଡି କୁହାଯାଉଥିବା ଉଡିକଣ ଅଞ୍ଚଳର ଚାଷୀଙ୍କୁ ସବୁଦିନିଆ ଜଳସେଚନ ବ୍ୟବସ୍ଥା କରିବାକୁ ବ୍ରିଟିସ ଶାସନ କାଳରୁ ନିର୍ମିତ ଓ ବହୁ ବର୍ଷଧରି ଅକାମି ହୋଇପଡ଼ିଥିବା ଥିବା ବ୍ରାହ୍ମଣୀ ନଦୀ ଲକ ନିକଟରେ ପ୍ରତିନିଧି ଦଳ ପହଞ୍ଚିଥିଲେ। ବର୍ତ୍ତମାନ କେନାଲ ପତନଠାରୁ ନଦୀ ପତନ ନୀଚ ରହୁଥିବାରୁ କେନାଲକୁ ପାଣି ଆସୁପାରୁନାହିଁ ବୋଲି ଅଧିକାରୀ ଅନୁଭବ କରିଥିଲେ। ତେଣୁ ସମଗ୍ର ଉଡିକଣ ଅଞ୍ଚଳର ପ୍ରାୟ ୧୦୬୮ ହେକ୍ଟର ଚାଷ ଜମିକୁ ସବୁଦିନିଆ ଜଳ ସେଚନ କରିବାକୁ ମେଗା ଜଳସେଚନ ମାଧ୍ୟମରେ ମୋଟର ଯୋଗେ ବ୍ରାହ୍ମଣୀ ନଦୀ ପାଣିକୁ ଗୋବରୀ କେନାଲକୁ ଛାଡି ଜଳସେଚିତ କରିବାକୁ ବିଧାୟକ ଶ୍ରୀ ସାହୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ପ୍ରତିନିଧି ମଣ୍ଡଳୀ ରାଜନଗର ବ୍ଲକର ୨୯ଟି ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ବ୍ଲକର ୯ଟି ପଞ୍ଚାୟତର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରାୟ ୨୮୦ କୋଟି ଟଙ୍କା ଅଟକଳରେ ଶ୍ରୀରାମପୁର ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ନିର୍ମାଣଧୀନ ମେଗା ପାନୀୟ ଜଳ ପ୍ରକଳ୍ପର ଇଣ୍ଟେକ ୱେଲ ନିକଟରେ ପହଞ୍ଚି କାର୍ଯ୍ୟ ତଦାରଖ ସହିତ ମେଗା ପ୍ରକଳ୍ପକୁ ସବୁ ସମୟରେ ଭରପୂର ପାଣି ଯୋଗାଇବା ସହ ମଧୁର ଓ ଲୁଣି ପାଣିକୁ ଅଲଗା କରିବା ପାଇଁ ପ୍ରକଳ୍ପର ତଳ ମୁଣ୍ଡରେ ଥିବା ପାଳପାଟଣା ଗ୍ରାମ ନିକଟରେ ଏକ ବ୍ୟାରେଜ ନିର୍ମାଣ କରି କରିବାକୁ ବିଧାୟକ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ଶେଷରେ ପ୍ରତିନିଧି ମଣ୍ଡଳୀ ବ୍ରାହ୍ମଣୀ ନଦୀରେ ବନ୍ୟା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ୧୪ଟି ପଞ୍ଚାୟତର ହଜାର ହଜାର ଜନସାଧାରଣଙ୍କ ସୁବିଧା ପାଇଁ ତ୍ୱରିତ ବନ୍ୟା ଜଳ ନିଷ୍କାସନ ନିମନ୍ତେ ମଦନପୁର କଟ ଓ ନାରଣପୁର ଲକ ନିକଟରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।



## ଶିକ୍ଷକ ଗଙ୍ଗାଧର ନାୟକଙ୍କ ସ୍ମୃତିଚାରଣ ସଭା

ଗୋବିନ୍ଦପୁର, ୨୫।୭ (ସମିସ): ଆଳି ବ୍ଲକ ଅନ୍ତର୍ଗତ ମାହାରକୂଳ ଗ୍ରାମର ଆଦର୍ଶ ଶିକ୍ଷକ ଗଙ୍ଗାଧର ନାୟକଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଗଙ୍ଗାଧର ନାୟକ ଜଣେ ଆଦର୍ଶ, ଛାତ୍ର ବତ୍ସଳ, କର୍ତ୍ତବ୍ୟ ନିଷ୍ଠ ଶିକ୍ଷକ ଥିଲେ। ସେ ଗ୍ରାମ ଯଜ୍ଞର ସୃଷ୍ଟି କର୍ତ୍ତା, ଅନୁଷ୍ଠାନ ଗଠନକାରୀ ବ୍ୟକ୍ତି ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଧୀରେଶ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଶିକ୍ଷାବିତ୍ ପୀତାମ୍ବର ନାୟକ, ପଞ୍ଚାନନ ଦାସ, ସାଧୁଚରଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଧଳ, ବିଜୟ ସାମଲ, ଡ ବିଶ୍ୱଜିତ୍ ସାମଲ, ସମାଜସେବୀ ଦଧିବାମନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ଦାସ, ଗଗନ ବିହାରୀ ସୂତାର ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବଡ଼ପୁଅ ସଂଗ୍ରାମ କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଜାତୀୟ ସମ୍ମିଳନୀରେ ରାଜକନିକା ଡାକ୍ତରଙ୍କ ଯୋଗଦାନ

ରାଜକନିକା, ୨୫।୭ (ସମିସ): ଅସ୍ଥିଶଲ୍ୟ ଓ ମେରୁଦଣ୍ଡ ସର୍ଜନ ଭାବେ ସୁନାମ ଆଣିଥିବା ରାଜକନିକା କାଟଣା ଗ୍ରାମର ଡାକ୍ତର ଜିତେନ୍ଦ୍ର ରାଉତ ଚେନ୍ନାଇଠାରେ ଅନୁଷ୍ଠିତ ଜାତୀୟ ସ୍ପାଇନ ସର୍ଜରୀ ସମ୍ମିଳନୀରେ ଯୋଗଦେଇ ଓଡ଼ିଶା ତଥା ରାଜକନିକାର ଗୌରବ ବଢ଼ାଇଛନ୍ତି।



ଆସନ୍ତା ୨୬ ତାରିଖ ଯାଏ ଚେନ୍ନାଇର ଦି ଲିଲା ପ୍ୟାଲେସରେ ଅନୁଷ୍ଠିତ ଏହି ଜାତୀୟ ସମ୍ମିଳନୀରେ ଯୋଗ ଦେବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ଓ ଏଥିରେ ତାଙ୍କର ସଫଳ ଯୋଗଦାନ ତାଙ୍କ କ୍ୟାରିୟର ପାଇଁ ଏକ ମାଇଲଖୁଣ୍ଟ ବୋଲି ଡ. ରାଉତ କହିଛନ୍ତି। ଜାତୀୟ ସ୍ପାଇନ୍ ସର୍ଜରୀ ସମ୍ମିଳନୀରେ ଜଣେ ଫ୍ୟାକଲ୍ଟି ଭାବେ ଯୋଗଦେଇ ରାଜକନିକା ଅଞ୍ଚଳର ଗର୍ବ ଓ ଗୌରବ ବଢ଼ାଇଥିବାରୁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଅର୍ପଣ କରାଯାଇଛି। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା କେବଳ ତାଙ୍କ ପରିବାର କିମ୍ବା ଚିକିତ୍ସା ଜଗତ ପାଇଁ ନୁହେଁ, ବରଂ ସମଗ୍ର ରାଜକନିକା ଅଞ୍ଚଳ ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ତାଙ୍କର ନିଷ୍ଠା, ପରିଶ୍ରମ ଓ କର୍ମଦକ୍ଷତା ଆମ ଅଞ୍ଚଳର ଯୁବପିଢ଼ୀଙ୍କ ପାଇଁ ଏକ ବଡ଼ ପ୍ରେରଣା।

## ଚାନ୍ଦୋଳ ବଜାରରେ ଶୌଚାଳୟ ଉଦ୍‌ଘାଟିତ



ଡେରାବିଶ, ୨୫।୭ (ସମିସ): ଚାନ୍ଦୋଳ ବଜାର ଜିଲ୍ଲାରେ ଏକ ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ। ଏହି ବଜାର ମଧ୍ୟଦେଇ କଟକ-ଚାନ୍ଦବାଲି ରାଜରାସ୍ତା ଯାଇଥିବାବେଳେ ଚାନ୍ଦୋଳ ବସ୍‌ଷ୍ଟାଣ୍ଡରେ ଦୈନିକ ଶତାଧିକ ଯାତ୍ରୀବାହୀ ବସ୍ ଅଟକି ଯାତ୍ରୀଙ୍କୁ ନେବା ଆଣିବା କରିଥାଏ। ଏହି ବଜାରରେ ଦୈନିକ ହଜାର ହାଜର ଲୋକ କାରବାର ହେଉଥିବାବେଳେ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ଶୌଚାଳୟ ନ ଥିଲା। ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ନିକଟରେ ଶୌଚାଳୟ ନିର୍ମାଣ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଦୀର୍ଘ ତିନି ବର୍ଷ ତଳେ ଜବରଦଖଲକାରୀଙ୍କୁ ହଟାଇ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ ଓ ଚାନ୍ଦୋଳ ବଜାର ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶୌଚାଳୟ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ୯ ଲକ୍ଷ ଟଙ୍କା ଅନୁଦାନରେ ବସ୍‌ଷ୍ଟାଣ୍ଡ ନିକଟରେ ଏହି ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର କିଛି ମାସ ପରେ କାମ ବନ୍ଦ ରହିଥିଲା। ପରେ ମୁକୁନ୍ଦପୁର ନାଏବ ସରପଞ୍ଚ ବିଚିତ୍ରାନନ୍ଦ ନାୟକ, ଦାନପୁର ସେବା ସମବାୟ ସମିତି ସଭାପତି ପର୍ଶୁରାମ ମଲ୍ଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାମ ସମ୍ପୂର୍ଣ୍ଣ କରାଯାଇ ଆଜି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀ ମଲିକ, ଶ୍ରୀ ନାୟକ, ଶ୍ରୀ ମଲ୍ଲ, ଶିକ୍ଷାବିତ୍ ମନୋଜ ପ୍ରଧାନ, ଚାନ୍ଦୋଳ ପଞ୍ଚାୟତ ବିଜେଡି ସଭାପତି ଦେବରାଜ ମହାପାତ୍ର, ଉମେଶ ପଣ୍ଡା, ବ୍ୟବସାୟୀ ସଂଘର କର୍ମକର୍ତ୍ତା ଶିବାଶିଷ ମହାନ୍ତି, ଗଗନ ନାୟକ, ସୁଦୀପ୍ତ ନାୟକ, ସରୋଜ ପଣ୍ଡା, ମହିର ସାମଲ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


## ମାଳିପୁରରେ ଶନିଦେବଙ୍କ ମନ୍ଦିରର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୨୫।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ମାଳିପୁର ଗ୍ରାମରେ ଥିବା ଗ୍ରହରାଜ ଶନି ଦେବଙ୍କ ମନ୍ଦିରର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବାବାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ମନ୍ଦିର ବେଢ଼ାରେ ଉପସ୍ଥିତ ହୋଇଥିଲେ। ମାଳିପୁର ଗ୍ରାମର କୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରିଥିଲେ। ଶନିଦେବ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ସଦସ୍ୟ ବିମଳ କୁଣ୍ଡ ମୁଖ୍ୟଅତିଥି, ଶାସନ ପଞ୍ଚାୟତ ସରପଞ୍ଚ ସଂଗ୍ରାମ କେଶରୀ ବାରିକ ମୁଖ୍ୟବକ୍ତା ଓ କବି ଗୋଲକ ବିହାରୀ ମଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଶନି ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ରମାକାନ୍ତ ସାହୁ, ପ୍ରମୋଦ କୁଣ୍ଡ, ଗଣେଶ ସେନାପତି, ଆଲୋକ ବେହେରା, ଅଞ୍ଜନ ବିଶ୍ୱାଳ, ଧିରେନ୍ଦ୍ର ସାହୁ, ରମେଶ ମଲିକ, ବାସୁଦେବ ସେଠୀ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ସୃଜନିକା

ସକାଳ
THE SAKALA
www.sakalaepaper.com



# ଖୁଡ଼ୀ



ମୂଳ ହିନ୍ଦୀ : ସିୟାରାମଶରଣ ଗୁପ୍ତ

ଅନୁସୃଜନ : ଶ୍ରୁତକୀର୍ତ୍ତି ତ୍ରିପାଠୀ

ସେଦିନ ବଡ଼ି ଭୋରରୁ ଶ୍ୟାମୁର ଯେତେବେଳେ ନିଦ ଭାଙ୍ଗିଲା, ସେ ଦେଖିଲା ଘରସାରା ହାହାକାର ଛାଇଯାଇଛି । ତାର ଖୁଡ଼ୀ ଉମା ଗୋଟିଏ କମ୍ବଳ ଉପରେ ତଳୁ ଉପର ଯାଏଁ ଗୋଟିଏ କପଡ଼ା ଘୋଡ଼ି ହୋଇ ଭୂଇଁ ଉପରେ ଶୋଇଛନ୍ତି, ଆଉ ଘରର ବାକି ସବୁ ସଦସ୍ୟ ତାଙ୍କୁ ଘେରି ବଡ଼ କରୁଣ ସ୍ୱରରେ କାନ୍ଦୁଛନ୍ତି ।

ଲୋକମାନେ ଯେତେବେଳେ ଉମାଙ୍କୁ ଶ୍ମଶାନକୁ ନେବା ପାଇଁ ଉଠାଇବାକୁ ଲାଗିଲେ ଶ୍ୟାମୁ ବହୁତ ଉପଦ୍ରବ ସୃଷ୍ଟି କଲା । ଲୋକଙ୍କ ହାତରୁ ଛଡ଼େଇ ହୋଇ ସେ ଯାଇ ଉମାଙ୍କ ଉପରେ ପଡ଼ିଗଲା । କହିଲା, "ଖୁଡ଼ୀ ଶୋଇଛନ୍ତି, ତାଙ୍କୁ ଏମିତିଉଠେଇ ନେଇ କୁଆଡ଼େ ଯାଉଛ ? ମୁଁ ଯିବାକୁ ଦେବି ନାହିଁ"

ଲୋକମାନେ ବହୁତ କଷ୍ଟରେ ତାକୁ ଅଲଗା କଲେ । ଖୁଡ଼ୀର ଅଗ୍ନି- ସଂସ୍କାରରେ ବି ସେ ଯୋଗ ଦେଇ ପାରିଲା ନାହିଁ । ଜଣେ ପରିଚାରିକା ଭଗବାନଙ୍କ ନାମ ନେଇ ତାକୁ ଘରେ ସମ୍ଭାଳି ରଖିଥିଲା ।

ଯଦିଓ ବୁଦ୍ଧିମାନ ଗୁରୁଜନମାନେ ତାକୁ ବିଶ୍ୱାସ ଦେଲେ ଯେ ତା'ର ଖୁଡ଼ୀ ତାଙ୍କ ମାଆ ଘରକୁ ଯାଇଛନ୍ତି, କିନ୍ତୁ ଅସତ୍ୟର ଆବରଣ ତଳେ ସତ୍ୟ ବହୁତ ସମୟ ଯାଏଁ ଲୁଚି ରହିପାରିଲା ନାହିଁ । ଆଖପାଖରେ ଥିବା ଅନ୍ୟ ଅବୋଧ ବାଳକମାନଙ୍କ ମୁହଁରୁ ତାହା ପ୍ରକଟିତ ହୋଇଗଲା । ଏହି କଥାଟି ତା'ଠାରୁ ଲୁଚି ରହିଲା ନାହିଁ ଯେ, ଖୁଡ଼ୀ ଆଉ କେଉଁଠିକି ନୁହେଁ ଉପରେ ଥିବା ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି । ଖୁଡ଼ୀଙ୍କ ପାଇଁ ଅନେକ ଦିନ କ୍ରମାଗତ ଭାବରେ କାନ୍ଦିବା ପରେ ତା'ର କାନ୍ଦିବା କ୍ରମଶଃ ଶାନ୍ତ ହୋଇଗଲା, କିନ୍ତୁ ତା' ଅନ୍ତରର ଶୋକ ଶାନ୍ତ ହୋଇ ନ ଥିଲା । ବର୍ଷା ପରେ ଦିନେ-ଦୁଇଦିନ ଭିତରେ ପୃଥିବୀପୃଷ୍ଠରେ ଆଉ ଜଳ ଦୃଷ୍ଟିଗୋଚର ହୁଏ ନାହିଁ ସତ; କିନ୍ତୁ ଭୂଇଁ ତଳର ଆର୍ଦ୍ରତା ଅନେକ ଦିନ ପର୍ଯ୍ୟନ୍ତ ସେମିତି ରହିଥାଏ, ଠିକ୍ ସେହିପରି ତା' ଅନ୍ତରରେ ଶୋକର ଛାୟା ଘର କରି ସାରିଥିଲା । ସେ ପ୍ରାୟ ଏକୁଟିଆ ବସି, ଉଦାସ ମନନେଇ ଆକାଶ ଆଡ଼କୁ ଚାହିଁ ରହୁଥିଲା ।

ଦିନେ ସେ ଆକାଶରେ ଗୋଟିଏ ଗୁଡ଼ି ଉଡୁଥିବାର ଦେଖିଲା । କେଜାଣି କଣ ଭାବି ତା' ହୃଦୟ ହଠାତ୍ ଖୁସିରେ ନାଚି ଉଠିଲା । ବିଶ୍ୱେଶ୍ୱରଙ୍କ ପାଖକୁ ଯାଇ ସେ କହିଲା, "କକା ମୋ ପାଇଁ ଗୁଡ଼ି ମଗେଇ ଦିଅ ।"

ପତ୍ନୀଙ୍କ ମୃତ୍ୟୁ ପରଠୁ ବିଶ୍ୱେଶ୍ୱର ଅନ୍ୟମନସ୍କ ରହୁଥିଲେ ।

-"ହଉ, ମଗେଇଦେବି ।" କହି ସେ ଉଦାସ ଭାବରେ ଅନ୍ୟ କେଉଁଠିକି ଚାଲିଗଲେ ।

ଶ୍ୟାମୁ ଗୁଡ଼ି ପାଇଁ ଅତ୍ୟନ୍ତ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲା । ସେ ନିଜର ଇଚ୍ଛାକୁ କୌଣସି ପ୍ରକାରେ ରୋକି ପାରିଲା ନାହିଁ । ଗୋଟିଏ କଣ୍ଟାରେ ବିଶ୍ୱେଶ୍ୱରଙ୍କ କୋର୍ଟ ଟଙ୍ଗା ହୋଇଥିଲା । ସେ ଟିକେ ଏପଟ-ସେପଟ ଅନେଇବା ପରେ ଷ୍ଟୁଲ୍‌କୁ ଟାଣି ଆଣି ତା' ଉପରେ ଛିଡ଼ା ହୋଇ କୋର୍ଟର ପକେଟ ଦୁଇଟିକୁ ଅଣ୍ଡାଳି ପକେଇଲା । ସେଥିରୁ ଗୋଟିଏ ଚାରଣି (ପଚିଶ ପଇସା ) ଆବିଷ୍କାର କରି ଯଥାଶୀଘ୍ର ସେ ସେଠାରୁ ଦଉଡ଼ି ପଳେଇଲା ।

ଶୁଖିଆ ଦାସୀର ପୁଅ ଭୋଲା, ଶ୍ୟାମୁର ସମବୟସ୍କ ବନ୍ଧୁ ଥିଲା । ଶ୍ୟାମୁ ତାକୁ ଚାରଣିଟି ଦେଇ କହିଲା – "ତୋର ଦିଦିକୁ କହି ଚୁପଚାପ୍ ଗୋଟିଏ ଗୁଡ଼ି ଏବଂ ଡୋର ମଗେଇ ଦେବୁ । ଦେଖ, ଏକଦମ ଲୁଚେଇକି ଆଣିବୁ, ଯେମିତି କେହି ଜାଣି ନ ପାରିବେ ।"

ଗୁଡ଼ି ଆସିଲା । ଗୋଟିଏ ଅନ୍ଧାରିଆ କୋଠରିରେ ସେଥିରେ ଡୋର ବନ୍ଧାହେଲା । ଶ୍ୟାମୁ ଧୀରେ କହିଲା, "ଭୋଲା, କାହାକୁ କହିବୁନି ଯଦି ଗୋଟିଏ କଥା କହିବି ।"

ଭୋଲା ମୁଣ୍ଡ ହଲାଇ କହିଲା, "ନା, କାହାକୁ କିଛି କହିବି ନାହିଁ ।"

ଶ୍ୟାମୁ ରହସ୍ୟ ଖୋଲିଲା । କହିଲା, "ମୁଁ ଏଇ ଗୁଡ଼ିକୁ ଉପରକୁ ଭଗବାନଙ୍କ ପାଖକୁ ପଠେଇବି । ଏହି ଡୋରକୁ ଧରି ଖୁଡ଼ୀ ତଳକୁ ଆସିବେ । ମୁଁ ଲେଖି ଜାଣିନି, ନ ହେଲେ ଯା ଉପରେ ତାଙ୍କର ନାଁ ଲେଖିଦେଇଥାନ୍ତି ।"

ଭୋଲା ଶ୍ୟାମୁଠାରୁ ବେଶି ଚାଲାକ୍ ଥିଲା । ସେ କହିଲା, "ବଢ଼ିଆ କଥାଟିଏ ଭାବିଛୁ, ହେଲେ ଗୋଟିଏ ସମସ୍ୟା ଅଛି । ଏହି ଡୋରଟି ଖୁବ ପତଳା । ଯାକୁ ଧରି ଖୁଡ଼ୀ ଓହ୍ଲେଇ ପାରିବେ ନାହିଁ । ଏହା ଛିଣ୍ଡିଯିବାର ଡର ଅଛି । ଗୁଡ଼ିରେ ଯଦି ମୋଟା ଦଉଡ଼ି ବନ୍ଧା ହେବ, ତେବେ ସବୁ ଠିକ୍ ହୋଇଯିବ ।"

ଶ୍ୟାମୁ ଗମ୍ଭୀର ହୋଇଗଲା ! କାରଣ ଏହି କଥାଟି ଲକ୍ଷେ ଟଙ୍କା ଭଳି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କଲା । କିନ୍ତୁ ସମସ୍ୟା ଏହା ଥିଲା ଯେ ମୋଟା ଦଉଡ଼ି କେମିତି ମଗାଯାଇ ପାରିବ । ପାଖରେ ତ ପଇସା ନାହିଁ ଆଉ ଘରର ଲୋକ ଯେଉଁମାନେ ତା'ର ଖୁଡ଼ୀକୁ ନିର୍ଦ୍ଦୟ ଭାବରେ ନିଆଁରେ ପୋଡ଼ିଦେଇ ଆସିଲେ, ସେମାନେ ତାକୁ ଏହି କାମ ପାଇଁ କିଛି ଦେବେ ହିଁ ନାହିଁ । ସେଦିନ ଶ୍ୟାମୁକୁ ଚିନ୍ତାରେ ବହୁତ ରାତି ପର୍ଯ୍ୟନ୍ତ ନିଦ ହେଲା ନାହିଁ ।

ପ୍ରଥମ ଦିନ କରିଥିବା ଉପାୟ ଭଳି ଦ୍ୱିତୀୟ ଦିନ ବି ସେ ବିଶ୍ୱେଶ୍ୱରଙ୍କ କୋର୍ଟ ପକେଟରୁ ଟଙ୍କାଟିଏ ବାହାର କରିନେଲା । ନେଇ କି ଭୋଲାକୁ ଦେଇ କହିଲା – "ଦେଖ ଭୋଲା, କାହାକୁ କିଛି ଯେମିତି ଜଣା ନ ପଡ଼େ । ଭଲ ଭଲ ଦୁଇଟି ଦଉଡ଼ି ମଗେଇ ଦେ । ଗୋଟିଏ ଦଉଡ଼ି ଛୋଟ ପଡ଼ିବ । ଜବାହିର ଭାଇଙ୍କଠାରୁ କାଗଜରେ ମୁଁ 'ଖୁଡ଼ୀ' ଲେଖାଇ ଆଣିବି । ନାଁର ଚିଟ୍ ରହିଲେ ଗୁଡ଼ି ଠିକ୍ ତାଙ୍କ ପାଖକୁ ହିଁ ପହଞ୍ଚିବ ।"

ଦୁଇଘଣ୍ଟା ପରେ ପ୍ରଫୁଲ୍ଲ ମନରେ ଶ୍ୟାମୁ ଓ ଭୋଲା ଅନ୍ଧାର କୋଠରିରେ ବସି ଗୁଡ଼ିରେ ଦଉଡ଼ି ବାନ୍ଧିବାକୁ ଲାଗିଲେ । ଅକସ୍ମାତ୍ ଶୁଭ କାର୍ଯ୍ୟରେ ବିଘ୍ନ ଉପୁଜେଇବା ପାଇଁ ଉଗ୍ରରୂପ ଧାରଣ କରି ବିଶ୍ୱେଶ୍ୱର ସେଇ କୋଠରିରେ ପ୍ରବେଶ କଲେ । ଭୋଲା ଓ ଶ୍ୟାମୁକୁ ଧମକେଇ କହିଲେ – "ତୁମେ ମୋ କୋର୍ଟରୁ ପଇସା ବାହାର କରିଛ ?"

ଭୋଲା ଭୟଭୀତ ହୋଇ ଗୋଟିଏ ଧମକରେ ହିଁ ଗୁପ୍ତଚର ପାଲଟିଗଲା । କହିଲା – "ଶ୍ୟାମୁ ଭାଇ ଦଉଡ଼ି ଓ ଗୁଡ଼ି କିଣିବା ପାଇଁ ବାହାର କରିଥିଲେ ।"

ବିଶ୍ୱେଶ୍ୱର ଶ୍ୟାମୁକୁ ଦୁଇ ଚଟକଣା ମାରି କହିଲେ, "ଚୋରି ଶିଖିକି ଜେଲ୍ ଯିବୁ ? ହଉ, ଆଜି ତୋତେ ଭଲଭାବରେ ପାନେ ଦଉଛି ।" ଏହା କହି ସେ ପୁଣି ଶ୍ୟାମୁକୁ ଚଟକଣା ମାରିଲେ ଓ କାନମୋଡ଼ି ଗୁଡ଼ିକୁ ଚିରିଦେଲେ । ତା' ପରେ ଦଉଡ଼ି ଦୁଇଟି ଆଡ଼କୁ ଦେଖି ପଚାରିଲେ – "ଯାକୁ କିଏ ମଗେଇଲା ?"

ଭୋଲା କହିଲା - "ଭାଇ ମଗେଇଥିଲେ । କହୁଥିଲେ, ଏଥିରେ ଗୁଡ଼ିକୁ ଉଡ଼େଇ ଖୁଡ଼ୀଙ୍କୁ ଭଗବାନଙ୍କ ପାଖରୁ ତଳକୁ ଓହ୍ଲାଇ ଆଣିବେ ।"

ବିଶ୍ୱେଶ୍ୱର ଘଡ଼ିଏ ପାଇଁ ବୁଦ୍ଧିହୀନ ହୋଇ ସେଇଠି ଛିଡ଼ା ହୋଇ ରହିଗଲେ । ଚିରି ଯାଇଥିବା ଗୁଡ଼ିକୁ ତଳୁ ଉଠେଇ ଦେଖିଲେ । ସେଥିରେ ଲାଗିଥିବା ଖଣ୍ଡେ କାଗଜ ଉପରେ ଲେଖା ହୋଇଥିଲା- 'ଖୁଡ଼ୀ' । ■

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ହଜାର ଆଖି

ଯେବେ ଘରୁ ବାହାରିଲି
କେତୋଟି ଆଖି
ଅନେକ ସମୟ ଧରି
ପିଛା କରୁଥିଲେ
ମୋ ସ୍ୟାଣ୍ଡେଲର ତଳିପାରେ
ଲାଖି ରହିଲେ
ଅନେକ ସମୟ ଧରି

କେହି ପ୍ରଶଂସାରେ ଦେଖିଲେ ତ
କେହି ବ୍ୟଙ୍ଗରେ
କେହି ଅଶ୍ଳୀଳତା ସହ
ତ କେହି ପ୍ରେମରେ

ଏହି ନିଘାମାନଙ୍କ ଭାଷା
ତାଙ୍କ ଆଡ଼କୁ ନ ଚାହିଁ ବି
ବୁଝି ପାରିଲି
ମୁଁ ପ୍ରେମ ପ୍ରତି କୃତଜ୍ଞ!!
ଯିଏ ମୋତେ ବଞ୍ଚାଇଲା । ■




## ଛାଡ଼ି ହୋଇଯାଇଥିବା ଦୃଶ୍ୟ

ଛାଡ଼ି ହୋଇଯାଇଥିବା ଦୃଶ୍ୟ
ବାକି ରହିଯାଇଥିବା କୌଣସି କଥା
ଅଧାଖିଆ ଗୁଣ୍ଡା
ଅସଂପୂର୍ଣ୍ଣ ଭେଟ
ପ୍ରାୟ ଆମ
ସ୍ମୃତି ପଟଳରେ
କମ୍ପିତ ଶିଖା ହୋଇ ଝଙ୍କୃତ ହୁଏ

ଆଜିକାଲି ଉଦାସ କରିବାର ଋତୁ
ସେହି ଉଜୁଡ଼ି ଯାଇଥିବା ଘର
ଭାଙ୍ଗି ଯାଇଥିବା ଖମ୍ବର ଆଶ୍ରୟରେ ଓ
ଫଟା ତମ୍ବୁ ଭିତରେ ଶୟନର ଅଭିନୟ
କରୁଥିବା ପିଲାମାନେ ଓ ଝିଅମାନେ
ଏସବୁ ପୃଥିବୀର ସବୁଠାରୁ ଉଦାସ କରିଦେଉଥିବା ଦୃଶ୍ୟମାନ

କିନ୍ତୁ ଏସବୁ ମଝିରେ
କୌଣସି ପକ୍ଷୀମାନଙ୍କର ଗାଇଥିବା ଗୀତ
ପୋଡ଼ି ଯାଇଥିବା ଧରଣୀ ଭିତରୁ
ପ୍ରସ୍ଫୁଟିତ କୌଣସି ଅଙ୍କୁର
ହାତ ଛଡ଼ା କରିବାକୁ ଦିଏ ନାହିଁ
ବରଂ ଆଖିକୁ ଆଶାର ଚମକ ଦିଏ । ■



ମୂଳ ହିନ୍ଦୀ: ଅନୁରାଧା ଓସ

ଅନୁବାଦ : ଅଞ୍ଜୁମନ ଆରା

ପ୍ରଫେସର ହିନ୍ଦୀ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮ ୬୨୯୭୮୬

# ଜୀବନ ଓ ପ୍ରକୃତିର ବ୍ୟାଖ୍ୟାକାର ଥୋମାସ୍ ହାର୍ଡି



ବିଜୟକୁମାର ପାଢ଼ୀ

ଭିକ୍ଟୋରିଆନ୍ ଯୁଗର ବିଖ୍ୟାତ ଔପନ୍ୟାସିକ ତଥା ଆଧୁନିକ ଯୁଗର ବିଶିଷ୍ଟ କବି ଥୋମାସ୍ ହାର୍ଡି ପ୍ରକୃତି, ମଣିଷ ଜୀବନ ଓ ଚରିତ୍ରକୁ ନେଇ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି କରିଛନ୍ତି । ବିଶେଷକରି ଜୀବନକୁ ନେଇ ହାର୍ଡି ଜଣେ ଅତ୍ୟନ୍ତ ନୈରାଶ୍ୟବାଦୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ସର୍ବଶକ୍ତିମାନ ଭାଗ୍ୟ ବା ଭଗବାନଙ୍କର ନିଷ୍ଠୁରତା, ମାନବର ନିଃସହାୟତା, ପାର୍ଥିବ ଜୀବନର ଅଳିକତା, ମୂଲ୍ୟହୀନତା, ଦୁଃଖ, ଦୈନ୍ୟ ଏବଂ ହତାଶବୋଧ ହାର୍ଡିଙ୍କର ପଦ୍ୟ ଏବଂ ଉପନ୍ୟାସଗୁଡ଼ିକରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି । ଊନବିଂଶ ଶତାବ୍ଦୀରେ ବିଜ୍ଞାନର ଅଗ୍ରଗତି ତଥା ନୂତନ ଜ୍ଞାନ, କୌଶଳ ଏବଂ ଉଦ୍ଭାବନ ଦ୍ୱାରା ମଣିଷର ହୃଦୟରୁ ଧାର୍ମିକ ଭାବନା ଧୀରେ ଧୀରେ ଅପସରିଗଲା । ମାନବ ସମାଜର ହେତୁବାଦୀ ଚିନ୍ତାଧାରା ସାହିତ୍ୟପ୍ରାଣ ହାର୍ଡିଙ୍କ ମନରେ ଆଘାତ ଆଣିଥିଲା । ବିଶ୍ୱାସ ତଥା ଧର୍ମକୁ ଉପେକ୍ଷା କରୁଥିବା ଜୀବନ ଏକ ଶୁଷ୍କ, ନୀରସ ଏବଂ ଅର୍ଥହୀନ ଜୀବନ ବୋଲି ହାର୍ଡିଙ୍କର ଅଭିବ୍ୟକ୍ତି । ତାଙ୍କ ସାହିତ୍ୟର ଅନ୍ତସ୍ୱର ତାଙ୍କ ସମସାମୟିକ କବି ମାଥ୍ୟୁ ଆର୍‌ନୋଲଡ୍‌ଙ୍କର ବିଷାଦବୋଧ ତଥା ନୈରାଶ୍ୟବୋଧର ଏକ ସଂପ୍ରସାରଣ ବୋଲି ସମାଲୋଚକମାନଙ୍କର ମତ ।

୧୮୪୦ ମସିହା ଜୁନ୍‌ମାସ ୨ ତାରିଖରେ ଇଂଲଣ୍ଡର ଡୋରଚେଷ୍ଟର ନିକଟବର୍ତ୍ତୀ ଏକ କ୍ଷୁଦ୍ରଗ୍ରାମରେ ଜନ୍ମଗ୍ରହଣ କରିଥିବା ଥୋମାସ୍ ହାର୍ଡି ଉଭୟ କାବ୍ୟ ଏବଂ ଉପନ୍ୟାସ ଲେଖି ଅନେକ କାଳଜୟୀ ସୃଷ୍ଟି ରଚନା କରିଯାଇଛନ୍ତି । ବିଶେଷ କରି ତାଙ୍କର ଉପନ୍ୟାସଗୁଡ଼ିକ ତାଙ୍କ ଅମ୍ଳାନ କୃତିର ସ୍ୱାକ୍ଷର । ଭିକ୍ଟୋରିଆନ୍ ଯୁଗର କବି ଟେନସନ୍ ବ୍ରାଉନିଙ୍ଗ ଓ ମାଥ୍ୟୁ ଆରନୋଲ୍‌ଡଙ୍କ ଭଳି କବିମାନଙ୍କର କବିତା ମଧ୍ୟରେ ହାର୍ଡିଙ୍କର କବିତା ଭିନ୍ନ ଏକ ସ୍ୱରର ବୋଲି ଆଲୋଚନା ହୁଏ । ଥୋମାସ୍ ୱେସେକ୍ସ ଇଲାକାର ଔପନ୍ୟାସିକ ବୋଲି ସାଧାରଣରେ ଚର୍ଚ୍ଚା ହୁଏ । ବାସ୍ତବରେ ୱେସେକ୍ସ ହେଉଛି ହାର୍ଡିଙ୍କର ଏକ କଳ୍ପନାର ରାଜ୍ୟ ଏବଂ ତାଙ୍କର ଅନେକ ଉପନ୍ୟାସଗୁଡ଼ିକ ୱେସେକ୍ସର ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ । ୧୪ଟି ଉପନ୍ୟାସ, ୨ଟି ନାଟକ ଓ ପ୍ରାୟ ଏକ ହଜାର କବିତା ତାଙ୍କ ଅନବଦ୍ୟ ସାହିତ୍ୟ ସୃଷ୍ଟିର ସମ୍ଭାର ।

୧୮୭୧ ମସିହାରେ ପ୍ରକାଶିତ "ଡେସ୍‌ପରେଟ୍ ରେମେଡିଜ୍" ହାର୍ଡିଙ୍କର ପ୍ରଥମ ଉପନ୍ୟାସ, ଯାହା ଭାଗ୍ୟ, ଅବାଞ୍ଛିତ ଇଚ୍ଛା ଏବଂ ଅନ୍ଧକାର ଉତ୍ତେଜନା ଯୁକ୍ତ (Dark Melodrama) ବିଷୟବସ୍ତୁ ଉପରେ ପର୍ଯ୍ୟବସିତ । ରହସ୍ୟ ଏବଂ ଭୀତିପୂର୍ଣ୍ଣ ବାତାବରଣରେ ସଂପୂର୍ଣ୍ଣ କାହାଣୀଟି ଗତିଶୀଳ । ତାଙ୍କର ରଚିତ ଉପନ୍ୟାସଗୁଡ଼ିକ ହେଉଛି 'ପେୟାର ଅଫ୍ ବ୍ଲୁ ଆଇଜ୍', 'ଫାର୍ ଫ୍ରମ୍ ଦ ମ୍ୟାଡିଂ କ୍ରାଉଡ୍', 'ରିଟର୍ଣ୍ଣ ଅଫ୍ ଦ ନେଟିଭ୍', 'ଦ ମେୟର ଅଫ୍ କାଷ୍ଟର ବ୍ରିଜ୍', 'ଦ ଉଡ୍‌ଲ୍ୟାଣ୍ଡର୍ସ, ଟେସ୍ ଅଫ ଦି ଉରବର ଭାଇଲସ୍' ଏବଂ 'ଜୁଡ୍ ଦି ଅବସ୍କ୍ୟୁର' । 'ଫାର୍ ଫ୍ରମ୍ ଦ ସ୍ୟାଡିଂ କ୍ରାଉଡ୍' ଉପନ୍ୟାସରେ ହାର୍ଡି ସେ ସମୟର ମଣିଷର କାମନା, ବାସନା ପୃଥିବୀ ସହିତ ପ୍ରାକୃତିକ ପୃଥିବୀର ସଂଘର୍ଷ ଉପରେ ଆଲୋକପାତ କରିଛନ୍ତି । ଲିଙ୍ଗଗତ ବୈଷମ୍ୟ, କ୍ଷମତା, ବାସ୍ତବବାଦ ଆଦର୍ଶ ସହିତ ପ୍ରେମ, ପ୍ରତାରଣା ଏବଂ ବ୍ୟକ୍ତିଗତ ଜୀବନରେ ଭାଗ୍ୟର ଅନୁପ୍ରବେଶ ଭଳି ବିଷୟବସ୍ତୁକୁ ଉପନ୍ୟାସରେ ଉପସ୍ଥାପନ କରିଛନ୍ତି । ସେହିପରି 'ରିଟର୍ଣ୍ଣ ଅଫ୍ ଦ ନେଟିଭ୍'ରେ ଭାଗ୍ୟ ଏବଂ ବ୍ୟକ୍ତି ଜୀବନର ମୁକ୍ତଚିନ୍ତନ, ପ୍ରେମରେ ମାୟା, ପରମ୍ପରା ଏବଂ ଆଧୁନିକତା ଭିତିରେ ରହିଥିବା ଦ୍ୱନ୍ଦ୍ୱକୁ ଉପନ୍ୟାସର ଚରିତ୍ରମାନଙ୍କ ଦ୍ୱାରା ପ୍ରତିପାଦନ କରିଛନ୍ତି । ଉକ୍ତ ଉପନ୍ୟାସରେ ଭାଗ୍ୟ ଏବଂ ପ୍ରକୃତି ଉପରେ ମତପୋଷଣ କରିବାକୁ ଯାଇ ହାର୍ଡି କହିଛନ୍ତି – "ସମସ୍ୟାର ହାତ ଧରି ମଣିଷ ସମାଜ ଦୃଶ୍ୟପଟରେ ଆବିର୍ଭାବ ହୁଅନ୍ତି" - (Humanity appears upon the scene, hand in hand with trouble.)

ଗ୍ରୀକ୍ ଦାର୍ଶନିକ ହେରାକ୍ଲିଟସ୍ ଏବଂ ଇଂରାଜୀ ନାଟ୍ୟକାର ସେକ୍ସପିୟର ଉଭୟ ମଣିଷର ସାମର୍ଥ୍ୟ ମଣିଷର ଭାଗ୍ୟ ନିର୍ଣ୍ଣୟ କରେ ବୋଲି ମତପୋଷଣ କରୁଥିବାବେଳେ (Character is Destiny) ହାର୍ଡିଙ୍କ ବିଶ୍ୱାସ ଭାଗ୍ୟ ହିଁ ମଣିଷ ଚରିତ୍ର ଭାବରେ କାର୍ଯ୍ୟ କରେ । ମଣିଷର ଅନ୍ତର୍ନିହିତ ଅବଦମିତ ଇଚ୍ଛା, ସୁଯୋଗ, ସଂଯୋଗ ଏବଂ ଅନ୍ୟ ଏକ ବ୍ୟକ୍ତିର ଅନୁପ୍ରବେଶରେ ମଣିଷର ଭାଗ୍ୟ ନିର୍ଦ୍ଧାରିତ ହୁଏ ବୋଲି ହାର୍ଡିଙ୍କର ମତ । ମଣିଷ ଅନେକ ସମୟରେ ଦୁର୍ଭାଗ୍ୟକୁ ଜଟିଳ ପରିସ୍ଥିତି ଏବଂ ଅଜଣା ବାହ୍ୟ ଶକ୍ତି ମାଧ୍ୟମରେ ମଧ୍ୟ ଆମନ୍ତ୍ରଣ କରେ । ହାର୍ଡିଙ୍କର ବିଶ୍ୱାସ ମଣିଷର ପୃଥିବୀ ଅନେକ ସମୟରେ ଏକ ଅଦୃଷ୍ଟ, ଉଦାସୀନ ଏବଂ ଅବଦମତି ଶକ୍ତି, ଯାହା (Immanent will) ଭାବରେ ଅଭିହିତ ଦ୍ୱାରା ପରିଚାଳିତ ହୁଏ ଏବଂ ସେହି ସମୟରେ ମଣିଷର ନିଜ ଇଚ୍ଛା ଶକ୍ତି ଦୁର୍ବଳ ହୋଇଯାଏ । ୧୮୮୬ ମସିହାରେ ପ୍ରକାଶିତ 'ମେୟର ଅଫ୍ କାଷ୍ଟରବ୍ରିଜ୍' ଉପନ୍ୟାସଟି ଅବଚେତନ ଅବସ୍ଥାରେ ଏକ ନୀତିଭ୍ରଷ୍ଟ ମଣିଷର ଦୁଃଖପୂର୍ଣ୍ଣ ଉପସଂହାର ଉପରେ ପର୍ଯ୍ୟବେସିତ । ଉପନ୍ୟାସଟିର ନାୟକ ମାଇକେଲ୍ ହେଞ୍ଚାର୍ଡଙ୍କ ଜୀବନର ଉତ୍‌ଥାନ, ପତନ କେତେକାଂଶରେ ନିଜର ଦୋଷ, ଦୁର୍ବଳତାକୁ ଇଙ୍ଗିତ କରୁଛି ତ କେତେବେଳେ ଭାଗ୍ୟ ମଧ୍ୟ ଚରିତ୍ର ମାଧ୍ୟମରେ ହେଞ୍ଚାର୍ଡଙ୍କ ଜୀବନ ପରିଧି ଭିତରକୁ ପଶି ଆସିଛନ୍ତି । ନିଶାସକ୍ତ ଅବସ୍ଥାରେ ନିଜର ସ୍ତ୍ରୀକୁ ବିକ୍ରୟ କରି ନିଶାମୁକ୍ତ ଅବସ୍ଥାରେ ପଶ୍ଚାତାପ କରିଥିଲେ ମଧ୍ୟ ବି ଭାଗ୍ୟର କ୍ରୁର ଆକ୍ରମଣରୁ ରକ୍ଷା ପାଇ ପାରିନାହାନ୍ତି । ମଣିଷ ଜୀବନର ସୁଖ ବା ଖୁସି ଉପରେ ହାର୍ଡିଙ୍କର ମନ୍ତବ୍ୟ ଅତି ଚମତ୍କାର । 'ଜୁଡ୍ ଦ ଅବସ୍କ୍ୟୁର୍' ହାର୍ଡିଙ୍କର ଶେଷ ଉପନ୍ୟାସ । ଏହି ଉପନ୍ୟାସରେ ଭିକ୍ଟୋରିଆନ୍ ଯୁଗର ଶ୍ରେଣୀ ଅବରୋଧ, ତ୍ରୁଟିଯୁକ୍ତ ବିବାହ ପ୍ରଥା, କଠୋର ତଥା ରଢ଼ିବାଦୀ ଧର୍ମବିଶ୍ୱାସର ଦୁଃଖଦପୂର୍ଣ୍ଣ ଅଶ୍ଳୁଳ ପରିଣାମକୁ ଔପନ୍ୟାସିକ ପାଠକମାନଙ୍କୁ ଭେଟି ଦେଉଛନ୍ତି । ତାଙ୍କ ଦ୍ୱାରା ରଚିତ ଏକ ନାଟକ ହେଉଛି 'ଦି ଡାଇନାଷ୍ଟ୍ସ୍' ଯାହା ଐତିହାସିକ, ଦାର୍ଶନିକ ଏବଂ ଆଧ୍ୟାତ୍ମିକ ଭଳି ତଥ୍ୟ ଉପରେ ପର୍ଯ୍ୟବସିତ ଏକ ଫେଣ୍ଟାଫେଣ୍ଟି ବିଷୟବସ୍ତୁ । ସେହିପରି ତାଙ୍କ ଲିଖିତ ଅନେକ କବିତା ସଂକଳନ ମଧ୍ୟରେ 'ୱାସେକ୍ସ ପଏମସ୍', 'ପଏମସ୍ ଅଫ୍ ଦ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ', 'ମୋମେଣ୍ଟସ୍ ଅଫ୍ ଭିଜନ୍' ଏବଂ 'ଉଇଣ୍ଟର ଉଡ୍ସ୍' ଇତ୍ୟାଦି ସର୍ବାଦୃତ । ସେ ସେକ୍ସପିୟର୍, ସ୍କଟ୍ ଏବଂ ବୁନିୟନ୍ ଭଳି ସାହିତ୍ୟିକମାନଙ୍କ ସାହିତ୍ୟକୃତିରେ ପ୍ରଭାବିତ ଏବଂ ଅନେକାଂଶରେ ଅନୁପ୍ରାଣିତ । 'ଦ ଡାର୍କଲିଙ୍ଗ ଥ୍ରସ୍' କବିତାଟି କବିଙ୍କର ସର୍ବୋତ୍କୃଷ୍ଟ ଏବଂ କାଳଜୟୀ କୃତି । ରହସ୍ୟ ଏବଂ ରୋମାଞ୍ଚରେ ଭରା କବିତାର ପରିପାଟୀ । ଆଧ୍ୟାତ୍ମିକତାର ଅଧୋପତନରେ କବିପ୍ରାଣ ବିଳପି ଉଠିଛି ଉକ୍ତ କବିତାଟିରେ । ଦୁଃଖ, ଯନ୍ତ୍ରଣା ଓ ନୈରାଶ୍ୟବୋଧରେ କବି ଜର୍ଜରିତ ହୋଇପଡିଛନ୍ତି । ଶେଷରେ ଥ୍ରସ୍ ପକ୍ଷୀଟି କବିଙ୍କ ମନରେ ଭରି ଦେଇଛି ଆଶା, ଆଶ୍ୱାସନା ଏବଂ ବିଶ୍ୱାସ । ଏତଦ୍‌ବ୍ୟତୀତ ପୃଥିବୀର ସମସ୍ତ ନକରାତ୍ମକ ପରିସ୍ଥିତିରେ ଥ୍ରସ୍ ପକ୍ଷୀଟି ମଣିଷ ମନରେ ଆଶା ଓ ଭରସା ଆଣିଦେବ ବୋଲି କବିଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ।

ସାହିତ୍ୟରେ ପ୍ରକୃତି, ଜୀବନ ଓ ଚରିତ୍ର ବ୍ୟାଖ୍ୟା କରିବାରେ ଥୋମାସ୍ ହାର୍ଡି ଜଣେ ଧୁରୀଣ ବିନ୍ଧାଣି । ଯେଉଁ ସୂକ୍ଷ୍ମ ଦ୍ୱନ୍ଦ୍ୱଟିକୁ ନେଇ ସେ ସାହିତ୍ୟ ସର୍ଜନା କରିଯାଇଛନ୍ତି, ତାହାର ପରିଧି ଭିତରେ ପାଠକମାନେ ନିଜକୁ ଆବିଷ୍କାର କରନ୍ତି । ତାଙ୍କର କବିତାଗୁଡ଼ିକ ମାନବ ହୃଦୟର ଅନାବିଳ ଅଭିବ୍ୟକ୍ତି ହେଲେ ଉପନ୍ୟାସଗୁଡ଼ିକ ଅତ୍ୟନ୍ତ ସମାଜଧର୍ମୀ । ତାଙ୍କର ଚରିତ୍ରଗୁଡ଼ିକ ଡ୍ରଇଂ ରୁମ୍‌ର କୌଣସି କାଳ୍ପନିକ ଚରିତ୍ର ନୁହଁନ୍ତି, ବରଂ ଆମେ ଭେଟୁଥିବା, ଆମ ଚାରିପାଖରେ ବୁଲୁଥିବା ଚରିତ୍ର ଭଳି ଜୀବନ୍ତ ଏବଂ ଗତିଶୀଳ । ପୃଷ୍ଠଭୂମି, ଚରିତ୍ର ଚିତ୍ରଣ ଏବଂ ଜୀବନର ଆଭିମୁଖ୍ୟଗୁଡ଼ିକ ସଂପୂର୍ଣ୍ଣ ହାର୍ଡିଙ୍କ ନିଜସ୍ୱ ପରିକଳ୍ପନା । ଯାହା ସେ ଅନୁଭବ କରିଛନ୍ତି ତାହା ହିଁ ତାଙ୍କ ସାହିତ୍ୟକୃତିଗୁଡ଼ିକରେ ପ୍ରତିଫଳିତ ହୋଇଛି । ■

ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

# ପୁସ୍ତକ ପରିଚୟ

## ଛୋଟ ପକେଟ୍‌ର ଜହ୍ନ

### ବିରଜା ରାଉତରାୟ




ଟାଇମ୍ ପାସ
ବରମୁଣ୍ଡା, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ସ୍ୱପ୍ନ ମଣିଷକୁ ଭାବାବିଷ୍ଟ କରେ । ବଞ୍ଚିବା ପାଇଁ ପ୍ରେରଣା ଦିଏ । ଲକ୍ଷ୍ୟ ପଥରେ ପହଞ୍ଚିବାକୁ ଉତ୍ସାହିତ କରେ । ଜୀବନର ନାନା ଘଟଣା, ଦୁର୍ଘଟଣା, ଦୁଃଖ, ଅସହାୟତା, ଯନ୍ତ୍ରଣା ଭିତରେ ମଧ୍ୟ ବଞ୍ଚିବାକୁ ସ୍ୱପ୍ନ ଦେଖୁଥିବା ମଣିଷଙ୍କ କଥାକୁ ନେଇ ରଚିତ ବିରଜା ରାଉତରାୟଙ୍କ 'ଛୋଟ ପକେଟ୍‌ର ଜହ୍ନ' ପୁସ୍ତକର ଗପଗୁଡ଼ିକ । ଏହି ପୁସ୍ତକରେ ମୋଟ ପନ୍ଦରଟି ଗପ ସଂକଳିତ ହୋଇଛି । 'ଛୋଟ ପକେଟ୍‌ର ଜହ୍ନ', 'ବାଦଲ ସେପଟ ତାରା', 'ଢେଉ', 'ସୁଇଟିର ଓଡ଼ିଆ ଶିକ୍ଷା', 'ପ୍ରତୀକ', 'ସୁଉକି ହାର', 'କଥାକୁହା ଠିକଣା', 'ପାଉଁଜି', 'ନିରବତାର ଭାଷା' ଆଦି ଗପ ମନଛୁଆଁ ହୋଇଛି । 'ଛାଇ' ଗପର କାହାଣୀ, ଚରିତ୍ର ଚିତ୍ରଣ ବେଶ୍ ହୃଦୟସ୍ପର୍ଶୀ ହୋଇଛି । ଶରିଆର ମୂକ ଓ ବଧିର ଝିଅ ହାଉଁଆ । ଯିଏ ବାପା ପାଖରେ ଛାଇ ପରି ରହିଥାଏ । ଜଣେ ବାପା ଓ ଝିଅର ଅନାବିଳ ଆତ୍ମିକ ସଂପର୍କର ମାର୍ମିକ ଚିତ୍ର ଏହି ଗପରେ ପ୍ରତିଫଳିତ ହୋଇଛି । ପ୍ରତିଟି ଗପର ମୌଳିକ ଆବେଦନ, କାହାଣୀରେ ନୂତନତ୍ୱ ଓ ସାବଲୀଳ ଭାଷା ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ସମାଜ ସଂସାର ସଂସ୍କୃତି

### ସୁଧାଂଶୁ ଶେଖର ଦ୍ୱିବେଦୀ




ପ୍ରଥମ ବହି
କଟକ-୭୫୪୦୨୩
ପ୍ରଥମ ପ୍ରକାଶ: ୨୦୨୬
ମୂଲ୍ୟ: ୧୫୫ ଟଙ୍କା

ସମାଜର ବିଧି ବଡ଼ ବିଚିତ୍ର । ସାମାଜିକ ସମ୍ବନ୍ଧରେ ଆବଦ୍ଧ ମଣିଷ । ସମାଜରୁ ସେ ଶିକ୍ଷା ଲାଭ କରେ ସଂସ୍କାର । ସଂସାରରୁ ମଣିଷ ସଂସ୍କୃତି ସଂପନ୍ନ ହୋଇଥାଏ । ମଣିଷ ଓ ସମାଜର ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଚରିତ ହୋଇଛି ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ 'ସମାଜ ସଂସାର ସଂସ୍କୃତି' ପୁସ୍ତକ । ଏହି ପ୍ରବନ୍ଧ ପୁସ୍ତକରେ ମଣିଷର ଚିନ୍ତାଧାରା, ପ୍ରେମ, ଆଧ୍ୟାତ୍ମିକ, ମାନବୀୟ ସଂପର୍କ ଆଦି ବିଭିନ୍ନ ସଂପର୍କରେ ଆଲୋଚନା କରାଯାଇଛି । 'ସଂସ୍କାର', 'ସଂସାର', 'ମମତା', 'ଧର୍ମ', 'ପ୍ରେମ', 'ସମାଜ', 'ଯୋଗ', 'ଶିକ୍ଷା', 'ସଂସ୍କୃତି', 'ଭଗବାନ', 'ଜ୍ଞାନ', 'ବୁଦ୍ଧି', 'କର୍ମ', 'ଶାନ୍ତି', 'ପରିବାର', 'ବିଚାରଧାରା', 'ପ୍ରଶଂସା', 'ସମ୍ମାନ', 'ମର୍ଯ୍ୟାଦା', 'ବାଣୀ', 'ପରୋପକାର' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ଚିନ୍ତନଶୀଳ ହୋଇଛି । ପ୍ରତିଟି ପ୍ରବନ୍ଧରେ ରହିଛି ଜୀବନକୁ ଶୃଙ୍ଖଳିତ, ପରିମାର୍ଜିତ, ପ୍ରେମପୂର୍ଣ୍ଣ କରିବା ପାଇଁ ଏକ ସୂକ୍ଷ୍ମ ସାମାଜିକ ବାର୍ତ୍ତା । ପ୍ରବନ୍ଧଗୁଡ଼ିକ ଛୋଟ ଛୋଟ ହେଲେ ମଧ୍ୟ ଏହାର ଭାବ, ତାତ୍ତ୍ୱିକ ଅର୍ଥ ବେଶ୍ ଗୁରୁତ୍ୱପୂର୍ଣ୍ଣ । 'ସମାଜ ସଂସାର ସଂସ୍କୃତି'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ପ୍ରେରଣା ଦେବ ବୋଲି ଆଶା କରାଯାଏ । ■

## ଶାନ୍ତିପଥ

### କୈଳାସ ଚନ୍ଦ୍ର ବେହେରା



କମଳିନୀ ବେହେରା
ତେମଳା, ଫକୀରପୁର
କେନ୍ଦୁଝର- ୭୫୮୦୨୨
ପ୍ରଥମ ପ୍ରକାଶ : ୨୦୨୫
ମୂଲ୍ୟ: ୧୮୦ ଟଙ୍କା

ଦୁଃଖ, ଯନ୍ତ୍ରଣାରେ ପରିପୂର୍ଣ୍ଣ ଜୀବନ । ତଥାପି ଜୀବନର ସ୍ୱାଦ ଅଲଗା । ଦୁଃଖ, ଯନ୍ତ୍ରଣା, ମାନସିକ ଚାପରୁ ଟିକିଏ ମୁକ୍ତି ପାଇଁ ମଣିଷ ଖୋଜେ ଶାନ୍ତିର ପଥ । ଏଭଳି କିଛି ସାମାଜିକ ବାସ୍ତବତା, ବିଭୁପ୍ରେମର ନିଛକ ପ୍ରତିଫଳନ ହୋଇଛି କୈଳାସ ଚନ୍ଦ୍ର ବେହେରାଙ୍କ 'ଶାନ୍ତିପଥ' ପୁସ୍ତକର କବିତାଗୁଡ଼ିକରେ । ଏଥିରେ ସଂକଳିତ 'ମାଗିବିନି କିଛି ଆଉ', 'ଗୁରୁ ବନ୍ଦନା', 'ଶାନ୍ତିପଥ', 'ଚିନ୍ତା ଓ ଚେତନା', 'ଚାରିଯୁଗେ ଚାରିଧାମ', ' ଗୁରୁ ଶିଷ୍ୟ ପରମ୍ପରା', 'ସବୁଜ ସକାଳ', 'ଅସୁସ୍ଥ ପୃଥିବୀ', ହଜିଗଲ କିମ୍ବା ତରୁଣ ଅରୁଣ', 'ମନ', 'ସରିନି ସପନ', 'ଶ୍ରୀଗଣେଶ ବନ୍ଦନା', 'ବିବର୍ତ୍ତନ', 'ବକ୍ର ଦୃଷ୍ଟି', 'କରୁଣା ସାଗର କରହେ କରୁଣା' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକର ଅଧିକାଂଶ କବିତାରେ ଭକ୍ତିଭାବ, ଭଗବାନଙ୍କ ପ୍ରତି ସମର୍ପଣ, ଜଗତର ମଙ୍ଗଳ କାମନା ପାଇଁ ପ୍ରାର୍ଥନା କରାଯାଇଛି । କେତେକ କବିତାରେ ଜୀବନବୋଧ, ଦୁଃଖ, ଯନ୍ତ୍ରଣା, ପ୍ରେମପ୍ରତାରଣାରୁ ମୁକ୍ତିର ମାର୍ଗ ପ୍ରଦର୍ଶନ କରାଯାଇଛି । 'ଶାନ୍ତିପଥ'ର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଦିଲ୍ଲୀ ପୁଲିସ ବିରୋଧରେ ଏଫ୍‌ଆଇଆର ଅଭିଯାନ

ନୂଆଦିଲ୍ଲୀ, ୨୫।୭: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଏବେ ଦିଲ୍ଲୀ ପୁଲିସ ବିରୋଧରେ ଅଭିଯାନ ଆରମ୍ଭ କରିବ କକ୍ରୋଚ ଜନତା ପାର୍ଟି (ସିଜେପି)। ଗତ ୨୦ ତାରିଖରେ ସଂସଦ ଚଲୋ ଅଭିଯାନ ବେଳେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଅମାନୁଷିକ ବଳ ପ୍ରୟୋଗ କରିଥିବା ପୁଲିସ କର୍ମଚାରୀଙ୍କ ବିରୋଧରେ ଏଫଆଇଆର ଅଭିଯାନ ଆରମ୍ଭ କରିବ। ଯନ୍ତର ମନ୍ତରରେ ଆନ୍ଦୋଳନ ପ୍ରତ୍ୟାହାର ପରେ କକ୍ରୋଚ୍ ପାର୍ଟିର ଏକ ପ୍ରତିନିଧି ଦଳ ଆଜି ସନ୍ଧ୍ୟାରେ ଦିଲ୍ଲୀ ପୁଲିସ କମିସନର ଅନୁରାଗ କୁମାରଙ୍କୁ ଭେଟିଥିଲେ। ସାକ୍ଷାତ ପରେ କକ୍ରୋଚ ପାର୍ଟି ମୁଖପାତ୍ର ସୌରଭ ଦାସ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇଥିବା ଓ ହାତ ଗୋଡ଼ ଭାଙ୍ଗିଥିବା ଦିଲ୍ଲୀ ପୁଲିସ କର୍ମଚାରୀ/ଅଧିକାରୀଙ୍କୁ ଭିଡିଓ ଓ ଫଟୋକୁ ଦେଖି ଚିହ୍ନଟ କରାଯିବ। ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର ୱେବସାଇଟ୍ ଖୋଲାଯାଇଛି। କେବଳ ଅଭିଯୋଗ ପଞ୍ଜୀକରଣ ନୁହେଁ, ଏଫ୍‌ଆଇଆର ପାଇଁ ମଧ୍ୟ ଅଭିଯାନ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

ଇତିମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଦିଲ୍ଲୀ ପୁଲିସର ବର୍ବରତା ପ୍ରସଙ୍ଗ ସଂସଦରେ ଉଠିବ। ଏଥିପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବ। ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଦାୟୀ କରି ସେ ଅଭିଯୋଗ କରିଛନ୍ତି ଯେ ଆନ୍ଦୋଳନକାରୀଙ୍କ ବିରୋଧରେ ପେଲେଟ୍ ଗନ୍ ବା ଛରରା ବନ୍ଧୁକ ପ୍ରୟୋଗ କରିବା ପାଇଁ ଶାହ ହିଁ ନିର୍ଦ୍ଦେଶ ଦେଇଥିଲେ।

## ଆନ୍ଦୋଳନକାରୀଙ୍କୁ ଶୁଭେନ୍ଦୁଙ୍କ ଧମକ

କୋଲକାତା, ୨୫।୭: ନିଟ୍ ବିଭ୍ରାଟ ପ୍ରତିବାଦରେ ହୋଇଥିବା ଆନ୍ଦୋଳନ ବେଳେ ଦାଖଲ ହୋଇଥିବା ଏଫଆଇଆର ପ୍ରତ୍ୟାହାର ହେବ ଏବଂ ଭବିଷ୍ୟତରେ ସେମାନଙ୍କ ବିରୋଧରେ କୌଣସି ପ୍ରକାର ଆଇନଗତ ପଦକ୍ଷେପ ନିଆଯିବ ନାହିଁ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଏହାକୁ ଖାତିର ନକରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଧମକ ଦେଇଛନ୍ତି। ସେ ବିଧାନସଭାରେ କହିଛନ୍ତି ଯେ ୭୦ ଆନ୍ଦୋଳନକାରୀଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ବିରୋଧରେ ଗୁଣ୍ଡା ଆଇନ ଲାଗୁ କରାଯିବ। ସେମାନଙ୍କୁ ଏମିତି ଦଣ୍ଡ ଦିଆଯିବ ଯେ ସେମାନଙ୍କର ତିନି ପୁରୁଷ ମନେ ରଖିବେ ବୋଲି ସେ ଧମକ ଦେଇଛନ୍ତି।

## ଆନ୍ଦୋଳନକୁ ଓହ୍ଲାଇଥିଲେ ଆସାମ ମନ୍ତ୍ରୀଙ୍କ ଝିଅ



ଗୌହାଟୀ, ୨୫।୭(ଏଜେନ୍ସି): ଆସାମର ରାଜସ୍ୱ ମନ୍ତ୍ରୀ କେଶବ ମାହାନ୍ତଙ୍କ ଝିଅ ଦିବିଶା ମାହାନ୍ତ କେନ୍ଦ୍ର ସରକାରଙ୍କ ବିରୋଧରେ ଚାଲିଥିବା ଏହି ଛାତ୍ର ଆନ୍ଦୋଳନରେ ଯୋଗ ଦେଇ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଗୌହାଟୀର ଚାଚଲଠାରେ ଆୟୋଜିତ ଏହି ପ୍ରଦର୍ଶନରେ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବା ସହ ସ୍ଲୋଗାନବାଜି କରିଥିଲେ। କେଶବ ମାହାନ୍ତ ଶାସକ ମେଣ୍ଟର ସହଯୋଗୀ ଦଳର ଜଣେ ବରିଷ୍ଠ ନେତା ହୋଇଥିବାରୁ, ତାଙ୍କ ଝିଅଙ୍କ ଏହି କେନ୍ଦ୍ର ବିରୋଧୀ ଆନ୍ଦୋଳନ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଏହି ବିଷୟରେ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି ଯେ ସରକାର ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ କରିବାର ଅଧିକାରକୁ ସମ୍ମାନ ଦିଅନ୍ତି ଏବଂ ପ୍ରଧାନମନ୍ତ୍ରୀ ଏହି ବିଷୟକୁ ଗମ୍ଭୀରତାର ସହ ଦେଖୁଛନ୍ତି। ଏହି ପ୍ରତିବାଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା ଏବଂ ପୁଲିସ ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି କରିଥିଲା।

## ଦେଶର ୩୦ରୁ ଅଧିକ ସହରକୁ ବ୍ୟାପିଲା ଛାତ୍ର ଆନ୍ଦୋଳନ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ନିଟ୍ ବିଭ୍ରାଟ ମାମଲାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରରୁ ଆରମ୍ଭ ହୋଇଥିବା କାକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ସାରା ଦେଶକୁ ବ୍ୟାପିଥିଲା। ଦିଲ୍ଲୀରେ ଜୁନ୍ ୨୦ରୁ ଆରମ୍ଭ ହୋଇଥିବା ଏହି ଗଣପ୍ରତିବାଦ ଦେଶର ୩୪ରୁ ଅଧିକ ମୁଖ୍ୟ ସହରରେ ସଂଘଠିତ ହୋଇସାରିଛି। ଚେନ୍ନାଇ, ବେଙ୍ଗାଲୁରୁ, ମୁମ୍ବଇ, କୋଲକାତା, ଭୋପାଳ, ଲକ୍ଷ୍ନୌ, ଜୟପୁର, ହାଇଦରାବାଦ ଓ ଗୌହାଟୀ ଭଳି ପ୍ରମୁଖ ସହରମାନଙ୍କରେ ହଜାର ହଜାର ଛାତ୍ରଛାତ୍ରୀ, ବିଶେଷଜ୍ଞ ଏବଂ ସାଧାରଣ ନାଗରିକ ରାସ୍ତାକୁ ଓହ୍ଲାଇଥିଲେ। ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ସ୍ୱଚ୍ଛତା, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଆନ୍ଦୋଳନକାରୀଙ୍କୁ ସୁରକ୍ଷା ଦେବା ଦାବିରେ ଏହି ସବୁ ସହରରେ ସ୍ଲୋଗାନବାଜି ଏବଂ ଶୋଭାଯାତ୍ରା କରାଯାଇଥିଲା। ମୁମ୍ବଇରେ ଆନ୍ଦୋଳନକାରୀଙ୍କୁ ନେଉଥିବା ଗାଡ଼ି ଆଗରେ ପ୍ରତିବାଦ, ବେଙ୍ଗାଲୁରୁର ଫ୍ରିଡମ୍ ପାର୍କରେ ରଙ୍ଗବେରଙ୍ଗୀ ପୋଷ୍ଟର ସହ ବିକ୍ଷୋଭ ଏବଂ ହାଇଦରାବାଦର ଆଇନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଏକଦିବସୀୟ ସମର୍ଥନ ଅନଶନ ଏହି ଆନ୍ଦୋଳନର ବ୍ୟାପକତାକୁ ଦର୍ଶାଉଛି। ଦେଶର ଭବିଷ୍ୟତ ଓ ଛାତ୍ରଛାତ୍ରୀଙ୍କ ଅଧିକାର ରକ୍ଷା ପାଇଁ ଏହି ଆନ୍ଦୋଳନ ଏବେ ଏକ ଜାତୀୟ ଜନଆନ୍ଦୋଳନର ରୂପ ନେଇଛି। ସାରା ଦେଶରେ ଛାତ୍ର ସଂଗଠନଗୁଡ଼ିକ ଏକଜୁଟ ହୋଇ ପରୀକ୍ଷା ପ୍ରଣାଳୀରେ ଆମୂଳଚୂଳ ସଂସ୍କାର ପାଇଁ ଦାବି ଜୋରଦାର କରୁଛନ୍ତି।

## ଡିଖ୍ରୀ ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

କେନ୍ଦ୍ରାପଡ଼ା/ମହାକାଳପଡ଼ା,୨୫।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଧୀନ ଡିଖ୍ରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ପଞ୍ଚାୟତର ୨୧ ଜଣ ୱାର୍ଡ ସଭ୍ୟ ଏ ସମ୍ପର୍କରେ

- ୨୧ ୱାର୍ଡ ସଭ୍ୟଙ୍କ ଦସ୍ତଖତ ସହ ଆବେଦନ
- ୨୭ରେ କାଗଜପତ୍ର ଯାଞ୍ଚ, ପରେ ଭୋଟିଂ

ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ଜଣାପଡ଼ିଛି। ଅନାସ୍ଥା ପତ୍ର ପାଇବା ପରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମହାକାଳପଡ଼ା ବ୍ଲକ ବିଡିଓଙ୍କୁ ପତ୍ର ଲେଖି ଆଇନ ଅନୁଯାୟୀ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ପର୍କିତ ସରକାରୀ ପତ୍ର ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହୋଇଥିବା ଚର୍ଚ୍ଚା ହେଉଛି।

ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ କରିଥିବା ୱାର୍ଡ ସଭ୍ୟଙ୍କ ଆବେଦନ ଓ ଦସ୍ତଖତ ଯାଞ୍ଚ ଆସନ୍ତା ୨୭ ତାରିଖରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରାଯିବ। ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଅନାସ୍ଥା ଭୋଟ ପାଇଁ ପ୍ରାୟ ୧୫ ଦିନର ସମୟ ଦିଆଯିବ ବୋଲି ଉପଜିଲ୍ଲାପାଳ ଅରୁଣ କୁମାର ନାୟକ କହିଛନ୍ତି। ଅନ୍ୟପକ୍ଷରେ



ସରପଞ୍ଚ ଚାମେଲି ଓଝା ଅନାସ୍ଥା ପ୍ରସ୍ତାବ ପଛରେ ୱାର୍ଡ ସଭ୍ୟଙ୍କ ଉପରେ ଚାପ ଓ ଧମକ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଅନେକ ୱାର୍ଡ ସଭ୍ୟ ତାଙ୍କୁ ଫୋନ କରି କାନ୍ଦୁଥିବା ଓ ପ୍ରବଳ ଚାପରେ ରହିଥିବା ସେ କହିଛନ୍ତି। ନିଜେ ଅସୁରକ୍ଷିତ ଅନୁଭବ କରୁଥିବାବେଳେ ୱାର୍ଡ ସଭ୍ୟଙ୍କୁ ସୁରକ୍ଷା ଦେବା ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଅନାସ୍ଥା ପ୍ରସ୍ତାବର ଅଭିଯୋଗ ଓ ସରପଞ୍ଚଙ୍କ ପାଲଟା ଅଭିଯୋଗକୁ ନେଇ ପଞ୍ଚାୟତ ରାଜନୀତି ସରଗରମ ହୋଇପଡ଼ିଛି। ବର୍ତ୍ତମାନ ସମସ୍ତଙ୍କ ନଜର ଜୁଲାଇ ୨୭ର ଯାଞ୍ଚ ଓ ପରବର୍ତ୍ତୀ ଅନାସ୍ଥା ଭୋଟ ପ୍ରକ୍ରିୟା ଉପରେ ରହିଛି।

## ହାତୀ ଦେଖିବାକୁ ଯାଇ ଆକ୍ରମଣରେ ଗୁରୁତର

**କେନ୍ଦୁଝର, ୨୫।୭(ସମିସ):** କେନ୍ଦୁଝର ସଦର ରେଞ୍ଜର ନରଣପୁର ସେକ୍ସନ ଖାଡିଆବେଡା ଗ୍ରାମରେ ଜଣେ ଛାତ୍ର ଜଙ୍ଗଲକୁ ହାତୀ ଦେଖିବାକୁ ଯାଇ ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଛାତ୍ର ଜଣକ ହେଉଛନ୍ତି ଦିବ୍ୟଜ୍ୟୋତି ନାଏକ (୧୪)। ପିତା ରବିନ୍ଦ୍ର ନାଏକ। ସେ ସଦର ବ୍ଲକ୍ ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ତାଙ୍କ ମାମୁ ଘର ଖାଡିଆଡିହା ଗ୍ରାମରେ ରହି ପାଠ ପଢୁଥିଲା। ଦିବ୍ୟଜ୍ୟୋତିଙ୍କ ଘର ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ତାଟୋ ବିଉରିଆ ଗ୍ରାମରେ। ହାତୀକୁ ଦେଖିବାକୁ ଶନିବାର ଅପରାହ୍ନ ପ୍ରାୟ ୨ଟା ବେଳେ ଗାଁ ନିକଟ ଜଙ୍ଗଲକୁ ଯାଇଥିବାବେଳେ ଦିବ୍ୟଜ୍ୟୋତିକୁ ହାତୀ ଶୁଣ୍ଢରେ ଟେକି ଫିଙ୍ଗି ଦେବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ବନ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଉକ୍ତ ଅଞ୍ଚଳରେ ୬ଟି କିଆ ହାତୀ ପଲ ରହିଥିବା ଜଣାପଡିଛି। ଉକ୍ତ ଅଞ୍ଚଳରେ ହାତୀପଲ ପାଇଁ ଧନଜୀବନ ପ୍ରତି ବିପଦ ରହୁଥିବାରୁ ଲୋକଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଚିନ୍ତା ବଢିଛି। ବନବିଭାଗ ଏଥିପ୍ରତି ଯତ୍ନବାନ ଥିବା ଜଣାପଡ଼ିଛି।

## ଦକ୍ଷିଣ ଚୀନ୍, ହଂକଂମୁହାଁ ସାମୁଦ୍ରିକ ଝଡ଼ 'ନୋଉଲ୍'

ହଂକଂ, ୨୫।୭(ଏଜେନ୍ସି): ଭୀଷଣ ସାମୁଦ୍ରିକ ଝଡ଼ 'ନୋଉଲ୍' ଦକ୍ଷିଣ ଚୀନ୍ ଏବଂ ହଂକଂ ଆଡ଼କୁ ଦ୍ରୁତ ଗତିରେ ମାଡ଼ି ଆସୁଛି। ଏହାର ପ୍ରଭାବରେ ସପ୍ତାହାନ୍ତରେ ପ୍ରବଳ ପବନ ସହ ବର୍ଷା ଜାରି ରହିଥିବାରୁ ବିମାନ ଓ ରେଳ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ହଂକଂ ବିମାନବନ୍ଦରରୁ ଶନିବାର ଓ ରବିବାର ପାଇଁ ସ୍ଥିର ହୋଇଥିବା ୧୫୦ରୁ ଅଧିକ ବିମାନ ସେବାକୁ ବାତିଲ କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, 'ନୋଉଲ୍' ଆହୁରି ଘନୀଭୂତ ହୋଇ ଘଣ୍ଟାପ୍ରତି ୧୪୦ କିଲୋମିଟର ବେଗରେ ପବନ ବୋହୁଛି। ରବିବାର ସକାଳ ସୁଦ୍ଧା ଏହା ଗୁଆଙ୍ଗଡ଼ୋଙ୍ଗ୍ ଉପକୂଳରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ସୁରକ୍ଷା ଦୃଷ୍ଟିରୁ ଗୁଆଙ୍ଗଡ଼ୋଙ୍ଗ୍ ଅଞ୍ଚଳରୁ ୨୦, ୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ହଂକଂ, ଗୁଆଙ୍ଗଡ଼ୋଙ୍ଗ୍, ଫୁଜିଆନ୍ ଏବଂ ତାଇୱାନର କେତେକ ପ୍ରାନ୍ତରେ ଆଲର୍ଟ ଜାରି କରାଯାଇ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି।

## ସ୍ୱଦେଶୀ ଭାର୍ଗବାସ୍ତ୍ର' କାଉଣ୍ଟର-ଡ୍ରୋନ୍ ବ୍ୟବସ୍ଥାର ସଫଳ ପରୀକ୍ଷା

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଲିମିଟେଡ୍ (ଏସ୍‌ଡିଏଏଲ୍) ଭାରତୀୟ ସେନାର ଉପସ୍ଥିତିରେ ନାଗପୁରରେ ସ୍ୱଦେଶୀ 'ଭାର୍ଗବାସ୍ତ୍ର' କାଉଣ୍ଟର-ଡ୍ରୋନ୍ ବ୍ୟବସ୍ଥାର ସଫଳ ପରୀକ୍ଷା କରିଛି। ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ ବିକଶିତ ଏହି ବ୍ୟବସ୍ଥାକୁ ସେନାର ସି୪ଆଇ (କମାଣ୍ଡ, କଣ୍ଟ୍ରୋଲ୍, କମ୍ୟୁନିକେସନ୍, କମ୍ପ୍ୟୁଟର୍ସ ଆଣ୍ଡ ଇଣ୍ଟେଲିଜେନ୍ସ) ନେଟୱର୍କ ସହ ସଂଯୋଗ କରାଯାଇପାରିବ। ଗାଡ଼ିରେ ସ୍ଥାପନ ଯୋଗ୍ୟ ଏହି ବ୍ୟବସ୍ଥାରେ ସ୍ୱଦେଶୀ ରକେଟ୍ ଓ ପ୍ରିସିଜନ୍ ମାଇକ୍ରୋ-ମିସାଇଲ୍ ରହିଛି, ଯାହା ଆକାଶରେ ଶତ୍ରୁ ଡ୍ରୋନକୁ ଧ୍ୱଂସ କରିପାରିବ। ଏହା ମରୁଭୂମିଠାରୁ ୫, ୦୦୦ ମିଟର ଉଚ୍ଚ ପାର୍ବତ୍ୟ ଅଞ୍ଚଳ ପର୍ଯ୍ୟନ୍ତ ମୁତୟନ ହୋଇପାରିବ। ଏଥିରେ ଥିବା ରାଡାର୍ ୧୦ କିଲୋମିଟର ଦୂରରୁ ଡ୍ରୋନ୍ ଚିହ୍ନଟ କରି ଲକ୍ଷ୍ୟକୁ ଟ୍ରାକ୍ କରିବାର କ୍ଷମତା ରଖିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହଣମହଣ ସ୍ୱର୍ଣ୍ଣାଳଙ୍କାରରେ...

ବଢ଼ିବା ପରେ ଅପରାହ୍ଣ ୫ଟା ୧୦ରୁ ସୁନାବେଶ ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନଙ୍କୁ ସୁନା, ରୁପା ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ। ସେମାନଙ୍କୁ ଅନ୍ୟ ସେବକ ସହଯୋଗ କରିଥିଲେ। ସନ୍ଧ୍ୟା ୬ଟା ୩୫ ସୁଦ୍ଧା ଠାକୁରମାନଙ୍କୁ ସୁନାବେଶରେ ସଜାଇବା ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୂଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିଥିଲା। ରାତିରେ ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥା'ନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶର ବିଶେଷତ୍ୱ ହେଉଛି ଏହି ବେଶରେ ମହାପ୍ରଭୁ ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରି ନ ଥା'ନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥା'ନ୍ତି। ତେବେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ବାମପାଶ୍ୱର୍ରେ ଦଣ୍ଡାୟମାନ ନନ୍ଦିଘୋଷ କଡ଼ ଦେଇ ଡାହାଣକୁ ବୁଲି ସମ୍ମୁଖ ଭାଗରୁ ରଥାରୂଢ଼ ଠାକୁରଙ୍କୁ ସୁନାବେଶ ଦର୍ଶନ କରିଥିଲେ। ତାଳଧ୍ୱଜ ରଥ ପାଶ୍ୱର୍ଦେଇ ପୁନଶ୍ଚ ବଡ଼ଦାଣ୍ଡକୁ ଆସି ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଫେରିଯାଉଥିଲେ। ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ।

### ଯୁବଶକ୍ତିର...

ରାଜି ହେବାପରେ ଆନ୍ଦୋଳନ ପ୍ରତ୍ୟାର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ଏବଂ ଅନ୍ୟତମ ମୁଖପାତ୍ର ଆଶୁତୋଷ ରଙ୍ଗା ମଧ୍ୟ ଉପସ୍ଥିତ ଥିଲେ। କକ୍ରୋଚ୍ ପାର୍ଟିର ତିନିଟି ମୁଖ୍ୟ ଦାବି ଥିଲା। ସେଗୁଡ଼ିକ ହେଲା ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ସମସ୍ତ ଆନ୍ଦୋଳନକାରୀ ଏବ ସଂଗଠକଙ୍କ ବିରୋଧରେ ଏଫଆଇଆର ଏବଂ ଆଇନଗତ ପଦକ୍ଷେପ ପ୍ରତ୍ୟାହାର ଏବଂ ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଏକ କୋଟି ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବା। ଧର୍ମେନ୍ଦ୍ରଙ୍କ ଇସ୍ତଫା ସହ ସେମାନଙ୍କର ପ୍ରଥମ ଦାବି ପୂରଣ ହୋଇଛି। ଅନ୍ୟ ଦାବି ଓ ସର୍ତ୍ତ ମାନିବାକୁ ସରକାର ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ମୁଖପାତ୍ର କହିଲେ ଯେ ଆନ୍ଦୋଳନ ଆରମ୍ଭ ହେବା ଦିନ ଠାରୁ ଆନ୍ଦୋଳନକାରୀଙ୍କ ବିରୋଧରେ ଦିଲ୍ଲୀ ଏବଂ ବିଜେପି ଓ ଏହାର ସହଯୋଗୀ ଶାସିତ ରାଜ୍ୟରେ ଯେତେ ଏଫଆଇଆର ହୋଇଛି, ତାହାକୁ ପ୍ରତ୍ୟାହାର କରିବେ ସରକାର। ଭବିଷ୍ୟତରେ ଏମାନଙ୍କ ବିରୋଧରେ ଏଫ୍‌ଆଇଆର କିମ୍ବା କୌଣସି ପଦକ୍ଷେପ ନେବେନାହିଁ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନଦେବା ପର୍ଯ୍ୟନ୍ତ ସରକାରଙ୍କ ସହିତ ଆଲୋଚନା କରାଯିବ ନାହିଁ ବୋଲି କକ୍ରୋଚ୍ ପାର୍ଟି ଜିଦରେ ଅଟଳ ରହିବାରୁ ସରକାର ଅଡୁଆରେ ପଡ଼ିଯାଇଥିଲେ। ଶେଷରେ ଆଜି ଧର୍ମେନ୍ଦ୍ର କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରିଥଲେ। ଇସ୍ତଫା ପ୍ରଦାନ କରି ସେ କହିଥିଲେ ଯେ ଦେଶର ବୃହତ ସ୍ୱାର୍ଥ ଦୃଷ୍ଟିରୁ ପଦତ୍ୟାଗ କରୁଛନ୍ତି। ଆନ୍ଦୋଳନ ଚଳାଇଥିବା ଯୁବ ଗୋଷ୍ଠୀର ପ୍ରଶଂସା କରି ସେ କହିଲେ ଯେ ଏମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ। ଯନ୍ତରମନ୍ତ ଏବଂ ଦେଶର ଅନ୍ୟ ଭାଗରେ ଆନ୍ଦୋଳନ ଚଳାଇଥିବା ଯୁବ ଗୋଷ୍ଠୀକୁ କିଛି ଦେଶ-ବିରୋଧୀ ତତ୍ତ୍ୱ ପ୍ରଭାବିତ କରିବାକୁ ଚକ୍ରାନ୍ତ କରୁଛନ୍ତି। ଏଥିରୁ ସେମାନଙ୍କୁ ରକ୍ଷା କରିବା ଉ।।ଦ୍ଦେଶ୍ୟରେ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର କହିଥିଲେ। ଧର୍ମେନ୍ଦ୍ରଙ୍କ ଇସ୍ତଫା ପୂର୍ବରୁ ସରକାର ଗତ ୨୩ ତାରିଖ ବିଳମ୍ବିତ ରାତିରେ ଶିକ୍ଷା ସଚିବ ବିନୀତ ଯୋଶୀଙ୍କୁ ମଧ୍ୟ ହଟାଇ ଦେଇଥିଲେ।

ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ କକ୍ରୋଚ୍ ପାର୍ଟି ପ୍ରତିନିଧି ଦଳ ସରକାରଙ୍କ ସହିତ ଆଲୋଚନା କରିବାକୁ ରାଜି ହୋଇଥିଲେ। ତେବେ ଏହି ଆଲୋଚନା ମନ୍ତ୍ରୀଙ୍କ ବାସଭବନରେ ନହୋଇ କନଷ୍ଟିଚ୍ୟୁସନ୍ କ୍ଲବରେ ହୋଇଥିଲା। ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଘୋଷଣା କରାଯାଇଥିଲା।

ଧର୍ମେନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେବାପରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ନରେନ୍ଦ୍ର ମୋଦି ସରକାରର ଇତିହାସରେ ଏକ ବିରଳ ଘଟଣା ଭାବେ ବିବେଚନା କରାଯାଉଛି। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ସାର୍ବଜନୀନ ଚାପ ଓ ଦେଶବ୍ୟାପୀ ବିରୋଧ ପରେ ପଦ ଛାଡ଼ିଥିବା ସେ କେବଳ ଦ୍ୱିତୀୟ କାର୍ଯ୍ୟରତ କେନ୍ଦ୍ରମନ୍ତ୍ରୀ। ଧର୍ମେନ୍ଦ୍ରଙ୍କ ପୂର୍ବରୁ ଏମ୍‌ଜେ ଆକବର ସାର୍ବଜନୀନ ଚାପ ମଧ୍ୟରେ ପଦ ଛାଡ଼ିଥିବା ଏକମାତ୍ର କେନ୍ଦ୍ରମନ୍ତ୍ରୀ ଥିଲେ। ୨୦୧୮ରେ ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଥିବା ଏମ୍‌ଜେ ଆକବରଙ୍କ ବିରୋଧରେ ମି-ଟୁ ଅଭିଯାନ ସମୟରେ ଏକାଧିକ ମହିଳା ସାମ୍ବାଦିକ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଥିଲେ। ଏହାପରେ ସେ ଅକ୍ଟୋବର ୨୦୧୮ରେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ।

### ଜେନ୍-ଜୀଙ୍କୁ...

ହେବା। ଜନତାଙ୍କ ଇଚ୍ଛାଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି। ଆମ ଦେଶର ଲୋକମାନଙ୍କର, ବିଶେଷକରି ଯୁବପିଢ଼ିଙ୍କର ସ୍ୱର ଶୁଣାଯିବା ଉଚିତ। ଭାରତର ଭବିଷ୍ୟତ ଯୁବଶକ୍ତିଙ୍କ ହାତରେ। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନବୀନ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନା ଥାଉ କି ଦିଲ୍ଲୀ ଗସ୍ତ ଅବସରରେ ନବୀନ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଦଳୀୟ ସାଂସଦଙ୍କ ସହିତ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ୨୦ ତାରିଖରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ମାତ୍ରାଧିକ ବଳପ୍ରୟୋଗ ପରେ ଦଳର ସାଂସଦମାନେ ହସ୍ପିଟାଲକୁ ଯାଇ ସେମାନଙ୍କୁ ଭେଟିଥିଲେ। ଏପରି ସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କ ପଦତ୍ୟାଗ କରିବା ଉଚିତ ବୋଲି ନବୀନ କହିଥିଲେ।

### ଯୁବଶକ୍ତି ହିଁ...

ଯୁବଶକ୍ତି ହିଁ ଏହି ଦେଶର ପ୍ରକୃତ ଶକ୍ତି। ତାଙ୍କ ଇସ୍ତଫା ପାଇଁ ହୋଇଥିବା ଦାବି ସଂପର୍କରେ ସେ କହିଛନ୍ତି ଯେ ଏହା ବ୍ୟକ୍ତିଗତ ପ୍ରତିଷ୍ଠାର ବିଷୟ ନୁହେଁ। ଯନ୍ତର-ମନ୍ତରରେ ଏବଂ ଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଏହି ପରିସ୍ଥିତିରୁ ରାଷ୍ଟ୍ରବିରୋଧୀ ଶକ୍ତିମାନେ ଲାଭ ନ ଉଠାନ୍ତୁ, ଦେଶର ଏକତା ବଜାୟ ରହୁ, ଭାରତର ଗୋଟିଏ ମଧ୍ୟ ବିଦ୍ୟାର୍ଥୀର ଭବିଷ୍ୟତ ଆଇନଗତ ଜଟିଳତାରେ ନ ଫସୁ, ଏହି କଥା ଚିନ୍ତା କରି ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ସେ କହିଛନ୍ତି ଯେ ଭାରତ ସରକାର ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ସମର୍ପଣ କରିଥିଲେ ଏବଂ ପରୀକ୍ଷାକୁ ବାତିଲ କରି ପୁନଃ ପରୀକ୍ଷାର ତାରିଖ ଘୋଷଣା କରିଥିଲେ। ୧୬ ଜୁଲାଇରେ ଘୋଷିତ ନିଟ୍-ୟୁଜିର ଫଳାଫଳ ସନ୍ତୋଷଜନକ ରହିଥିଲା, ଯେଉଁଥିରେ ଗରିବ ପରିବେଶରୁ ଆସିଥିବା ଅନେକ ମେଧାବୀ ଛାତ୍ରମାନେ ମଧ୍ୟ ସଫଳତା ପାଇଥିଲେ। ତଥାପି ଏହି ସମୟରେ ଅନେକ ଛାତ୍ରଛାତ୍ରୀଙ୍କୁ ଭ୍ରମରେ ପକାଇବା ପାଇଁ ଦାୟିତ୍ୱପୂର୍ଣ୍ଣ ପଦରେ ଥିବା କେତେକ ବ୍ୟକ୍ତି ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ସାରା ରାଜ୍ୟରେ...

ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ଜାରି ରହିଛି। ଉତ୍ତର ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ଆଜି ଦିନ ତମାମ କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା ହେଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର କେନ୍ଦୁଝରରେ ଅତ୍ୟନ୍ତ ପ୍ରବଳ ଆଶଙ୍କା ରହିଛି। ଏଥିପାଇଁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି। ଏହାସହିତ ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ମୟୂରଭଞ୍ଜ ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଓ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋରଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ଆଶଙ୍କା କରି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅନ୍ୟପଟେ ଗତ ୩୬ ଘଣ୍ଟାରେ ରାଉରକେଲାରେ ସର୍ବାଧିକ ୮୦ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ୪୦, ବାରିପଦାରେ ୩୦, ଖୋରଧାରେ ୩୯, କେନ୍ଦୁଝରରେ ୨୬ ଓ ଦେବଗଡ଼ରେ ୨୪ ମିମି ବର୍ଷା ରେକର୍ଡ ହୋଇଛି। ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବ। ଏଥିପାଇଁ ତଳିଆ ଅଞ୍ଚଳରେ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ଆକଳନ କରାଯାଉଛି। ଏହା ବ୍ୟତୀତ ଉତ୍ତର ଓଡ଼ିଶା ଉପକୂଳରେ ୪୦ରୁ ସର୍ବାଧିକ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୭ ଅର୍ଥାତ୍ ୩ ଦିନ ଯାଏଁ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

### ଅଯୋଗ୍ୟଙ୍କୁ ଯୋଗ୍ୟ...

ନିୟମାବଳୀ ପାଳନ କରିବା ଉଦ୍ଦେଶ୍ୟରେ ଏପରି ପଦକ୍ଷେପ ନିଆଯାଉଛି। ତା'ହେଲେ ନିଯୁକ୍ତି ସମୟରେ କାହିଁକି ଏନ୍‌ସିଟିଇ ନିୟମକୁ ପାଳନ କରାଯାଇ ନ ଥିଲା। ଯଦି ଅଯୋଗ୍ୟଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାର ସ୍ୱୀକାର କରୁଛନ୍ତି, ତା'ହେଲେ ଅଯୋଗ୍ୟ ଅଧ୍ୟାପକ ଓ ନିଯୁକ୍ତି ଅନିୟମିତତାର ମାଷ୍ଟରମାଇଣ୍ଡଙ୍କୁ ଏବେ କାହିଁକି ଘଣ୍ଟ ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏହି ଅଧ୍ୟାପକମାନେ ଏମ୍‌ଇଡି ପଢ଼ିବାକୁ ଯିବା ପରେ ବିଇଡି କଲେଜରେ ଶିକ୍ଷାଦାନ ବଜାୟ ରଖିବାକୁ ଅତିଥି ଅଧ୍ୟାପକ ନିଯୁକ୍ତି କରିବାକୁ କୁହାଯାଇଛି। ଗୋଟିଏପଟେ ସରକାରୀ ତହବିଲ୍‌ରୁ ଦରମା ନେଇ ଅଯୋଗ୍ୟ ଅଧ୍ୟାପକମାନେ ପାଠ ପଢ଼ି ଯୋଗ୍ୟତା ଅର୍ଜନ କରିବେ ଏବଂ ଅନ୍ୟପଟେ ଅତିଥି ଅଧ୍ୟାପକ ନିଯୁକ୍ତ କରି ପୁଣି ସରକାରୀ ଟଙ୍କା ବ୍ୟୟ କରିବାକୁ ନେଇ ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

ପ୍ରକାଯୋଗ୍ୟ ଯେ ବିଇଡି କଲେଜରେ ଅଧ୍ୟାପକ ହେବା ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି କରିଥିବା ବାଧ୍ୟତାମୂଳକ ବୋଲି ଏନ୍‌ସିଟିଇ ପକ୍ଷରୁ ଆପେଣ୍ଡିକ୍ସ-୪ ଓ ୫ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ହେଲେ ଏହାକୁ ଉଲଘଂନ କରାଯାଇ ଅର୍ଥାତ୍ ଏମ୍‌ଇଡି କରି ନ ଥିବା ପ୍ରାୟ ୧୬୦ରୁ ଅଧିକ ଜଣଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଏହାକୁ ନେଇ ଏନ୍‌ସିଟିଇ ନିକଟରେ ଅଭିଯୋଗ ହେବା ପରେ ୧୫ଟି କଲେଜକୁ ନୋଟିସ୍ କରିବା ସହ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ମାଗିଛି ଏନ୍‌ସିଟିଇ। ହାତରେ ମାତ୍ର ଆଉ କିଛି ଦିନ ଥିବାବେଳେ ଏନ୍‌ସିଟିଇକୁ କ'ଣ ଉତ୍ତର ଦିଆଯିବ ତାକୁ ନେଇ ଉଚ୍ଚ ଶିକ୍ଷା ବିଭାଗରେ ମାନସମନ୍ଥନ ଚାଲିଥିବାବେଳେ ଏବେ ଅଯୋଗ୍ୟ ଶିକ୍ଷକଙ୍କୁ ଯୋଗ୍ୟ କରିବାକୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହେବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।


**LOST**

[illegible] ... ୧୦-10801100751 ... 10/06/2011 ... 01/05/2026 ... 9777779257 & 9114320991 ...

**AFFIDAVIT**

By Virtue of an affidavit No-77AA 120828 dated 22-07-2026 shown before the Executive Magistrate, Champua, I Mouthili Giri W/o- Prasanna Kumar Giri residing Vill – Sarasposi ,Po- Raikala, PS- Ghagarbeda, Mayurbhanj, do hereby solemnly affirm and state that Maithili Giri & Mouthili Giri is same & one person on this above address. Henceforth, i shall be known as **Maithili Giri** for all purposes.

**NOTICE**

By virtue of an affidavit sworn before the Notary Public, Kataka dated 21.07.2026, I Nini Ojha, W/o Late Trilochan Maharana, permanent resident of At- Parisankhari Sahi, P.O.- Mangull, P.S.- Biridi, Dist- Jagatsinghpur, Odisha, Pin- 754111, have changed my name from Nini Ojha to Nini Maharana. Henceforth, I shall be known as **Nini Maharana** for all purposes.

Nini Maharana

**NOTICE**

By virtue of an affidavit sworn before the Notary Public, Kataka dated 22.07.2026, I Debasis Moharana, S/o Late Trilochan Moharana, permanent resident of At- Parisankhari Sahi, P.O.- Parbatipur, P.S.- Biridi, Dist- Jagatsinghpur, Odisha, Pin- 754111, have changed my name from Debasis Ojha to Debasis Moharana. Henceforth, I shall be known as **Debasis Moharana** for all purposes.

Debasis Moharana

**AFFIDAVIT**

I, PENKE SREENIVASA RAO, aged about 59 years, S/o- TATAB BAYI PENKE Resident of QTR NO-6225-A, PARADIP REFINERY TOWNSHIP, PARADIP GARH, JAGATSINGHPUR-754141, ODISHA, declared by this Affidavit No.860/2026 Dated 25.07.2026. That now onwards I shall Be Known as **PENKE SRINIVASA RAO** That for all future Purposes.

**AFFIDAVIT**

I, Arun Patro Allupati, S/o- Biswesar Patro Allupati, resident of Gundalavari Street, Near Hanuman Bazar, Berhampur, Ps- Town, Dist- Ganjam, Pin- 760002, Odisha declare by this affidavit No-632, date- 24/07/2026, that now onwards I shall be known as **ARUN KUMAR PATRO ALLUPATI** for all future purposes.

**CHANGE OF NAME**

I, SMT. MINATI PATRA, W/o Sri Mahendra Patra, Resident of Village/PO-Bariniput, PS- Jeypore Sadar, District-Koraput, Odisha, Pin764006, do hereby declare that my son's correct name is SUBHAM PATRA. In his Aadhaar card, his name was wrongly recorded as SUBHAMKAR PATRA. I have corrected my son's name, and henceforth, he shall be known as SUBHAM PATRA for all future purposes and sworn before the Executive Magistrate at Jeypore, District-Koraput, Odisha vide Affidavit No.675, Dated. 22.07.2026. **SUBHAM PATRA and SUBHAMKAR PATRA** both are same and identical person i.e. my son.

**CHATRAPUR MUNICIPALITY**

Letter No. 1701, Date: 14.07.2026

"e" Procurement Notice

Tender Reference No. – CTP – MUN-10/2026-27

Bid documents consisting of work estimated cost, cost of tender paper, EMD, time of completion, class of contractor and the set of terms and conditions of contract and other necessary documents can be seen on the Government website: www.tendersodisha.gov.in

1. **Name of the Work:** Civil work mentioned in DTCN
2. **No. of Work:** 02
3. **Estimated Cost:** Rs. 58.97 Lakhs to Rs. 217.26 Lakhs
4. **Date & Time of Availability of Bid Document in the Portal:** From **11:00 AM on 27.07.2026 to 5:00 PM on 17.08.2026**
5. **Last Date & Time for Receipt of Bids in the Portal: 17.08.2026 up to 5:00 PM**
6. **Bids Received Online Shall be Opened On: 18.08.2026 at 11:00 AM**

Further details can be seen from the e-procurement portal: https://tendersodisha.gov.in

Executive Officer
Chatrapur Municipality

### ଶ୍ରମିକ ମୃତ୍ୟୁକୁ ନେଇ ଇଫ୍‌କୋ ଫାଟକରେ ଧାରଣା

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ପାରାଦୀପ,୨୫।୭ (ସମିସ):

ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଇଫ୍‌କୋ କାରଖାନା ଗେଟ ସମ୍ମୁଖରେ ସହକର୍ମୀ, ପରିବାର ଲୋକେ ଓ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଏବଂ ପ୍ରତିବାଦ କରାଯାଉଛି। ପରିବାରର ଜଣେ ସଦସ୍ୟଙ୍କୁ ଇଫକୋ କମ୍ପାନୀରେ ନିଯୁକ୍ତି ଦେବା ଏବଂ କ୍ଷତିପୂରଣ ଦାବି କରି ଧାରଣା ଦେବା ସହିତ ଇଫକୋ ମୁଖ୍ୟ ଫାଟକକୁ ବନ୍ଦ କରିଛନ୍ତି ଗ୍ରାମବାସୀ। ଅଭିଯୋଗ ମୁତାବକ ଗତ ୧୮ ତାରିଖରେ ଇଫକୋ କାରଖାନାର ଠିକା ସଂସ୍ଥା ଅଧୀନରେ ଶ୍ରମିକ ଭାବେ କାମ କରୁଥିବା କେନ୍ଦ୍ରାପଡା ଜିଲ୍ଲା ପାଟ୍ଟକୁଲିପଙ୍କ ଖୁର୍ସିଆ ଗ୍ରାମର ବାବାଜୀ ସାହୁ (୪୫) କାରଖାନା ଭିତରେ କାମ କରୁଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଇଫକୋ ଡାକ୍ତରଖାନା ଓ ପରେ କଟକ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୭ ଦିନ ଧରି



ଚିକିତ୍ସା ଚାଲିଥିବା ବେଳେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ତାଙ୍କ ପରିବାର ଓ ଗ୍ରାମବାସୀ ବାବାଜୀଙ୍କ ଶବ ଇଫକୋ ଗେଟ୍ ସମ୍ମୁଖରେ ରଖି କ୍ଷତିପୂରଣ ଦାବି କରିବା ସହିତ ମୁଖ୍ୟ ଫାଟକ ବନ୍ଦ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ତେବେ ସ୍ଥାନୀୟ ଲୋକଙ୍କ ଧାରଣା ପାଇଁ ଇଫ୍‌କୋ କାରଖାନା ଭିତରକୁ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଖବର ପାଇ ବରିଷ୍ଠ ଆଇନଜୀବୀ ତଥା କୁଜଙ୍ଗ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ବେହେରା ପହଞ୍ଚି ମୃତକଙ୍କ ସମ୍ପର୍କୀୟଙ୍କୁ ସମବେଦନା ଜଣାଇବା ସହିତ ଏ ସମ୍ପର୍କରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସହିତ ଯୋଗାଯୋଗ କରିବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କମ୍ପାନୀର ମାନବ ସମ୍ବଳ ଅଧିକାରୀ ବିକେ ପରିଡ଼ା କହିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଛୁଟିରେ ଥିବାରୁ ଆସନ୍ତା ସୋମବାର ଅପରାହ୍ଣ ୪ଟା ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯାଇ ସହାୟତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବା ନେଇ ସ୍ଥିର କରାଯାଇଥିଲା। ଏହା ପରେ ଧାରଣାକୁ ପ୍ରତ୍ୟାହାର କରାଯାଇ ସୋମବାର ପର୍ଯ୍ୟନ୍ତ ଧାରଣକୁ ସ୍ଥଗିତ ରଖାଗଲା ବୋଲି ଆଇନଜୀବୀ ଶ୍ରୀଯୁକ୍ତ ବେହେରା ସୂଚନା ଦେଇଥିଲେ।

## ପୁରୀ ସମୁଦ୍ରରେ ବୁଡ଼ି ଛାତ୍ର ମୃତ



ବାଲିକୁଦା,୨୫।୭ (ସମିସ): ବାହୁଡ଼ା ଯାତ୍ରା ଦେଖିବା ପାଇଁ ପୁରୀ ଯାଇଥିବା ବେଳେ ସମୁଦ୍ର ଲହରୀରେ ଭାସିଯାଇ ଜଣେ ୧୯ ବର୍ଷୀୟ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଥିବା ଘଟଣା ସମଗ୍ର ଅଞ୍ଚଳକୁ ଶୋକାକୁଳ କରିଦେଇଛି। ମୃତକ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ପୋଦରୁଆଁ ଗ୍ରାମର ଶିକ୍ଷକ ଅଶୋକ କୁମାର ବିଶ୍ୱାଳ ଓ ପୁଷ୍ପଲତା ବିଶ୍ୱାଳଙ୍କ ଏକମାତ୍ର ପୁତ୍ର ଅଭିନ୍ନ ସୁନ୍ଦର ବିଶ୍ୱାଳ (୧୯)। ସେ କଟକ ଜିଲ୍ଲାର ବେଣ୍ଟକାର ବୈଳାଶିମଠଜାରେ ରହି ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିଲେ। ସୂଚନା ଅନୁଯାୟୀ, ଗତକାଲି ଅଭିନ୍ନ ସାଙ୍ଗମାନଙ୍କ ସହ ପୁରୀ ବାହୁଡ଼ା ଯାତ୍ରା ଦେଖିବାକୁ ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସମୁଦ୍ର କୂଳରେ ସ୍ନାନ କରୁଥିବା ବେଳେ ପ୍ରବଳ ସମୁଦ୍ର ଲହରୀରେ ଭାସିଯାଇ ସେ ନିଖୋଜ ହୋଇଯାଇଥିଲେ। ଘଟଣା ପରେ ପୁରୀ ସାମୁଦ୍ରିକ ଥାନା ପୁଲିସକୁ ସୂଚନା ଦିଆଯିବା ସହ ପୁଲିସ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଖୋଜାଖୋଜି ଆରମ୍ଭ କରିଥିଲେ। ଏଥିସହ ବିଭିନ୍ନ ଥାନାକୁ ମଧ୍ୟ ସତର୍କ ସୂଚନା ପଠାଯାଇଥିଲା। ଘଟଣାର ୨୮ ଘଣ୍ଟା ପରେ ରାମଚଣ୍ଡୀ ଥାନା ଅଧୀନ ନୂଆନଈ ନିକଟ ବାଲିଚରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ମେଡିକାଲକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ କଟକର ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅଭିନ୍ନ ସୁନ୍ଦର ବିଶ୍ୱାଳଙ୍କ ଅକାଳ ବିୟୋଗରେ ପରିବାର, ସମ୍ପର୍କୀୟ, ବନ୍ଧୁବର୍ଗ ଏବଂ ପୋଦରୁଆଁ ଗ୍ରାମରେ ଗଭୀର ଶୋକର ଛାୟା ଖେଳିଯାଇଛି। ଜଣେ ମେଧାବୀ ଛାତ୍ରଙ୍କ ଏଭଳି ଅସମୟରେ ମୃତ୍ୟୁ ଘଟଣା ସମସ୍ତଙ୍କୁ ମର୍ମାହତ କରିଛି।

## ବିଜେଡି ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ଜଗତସିଂହପୁର,୨୫।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ମାନସିକ ଚାପରେ ପ୍ରାଣ ହରାଇଥିବା ଛାତ୍ରଛାତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଏବଂ ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଛାତ୍ର ଆନ୍ଦୋଳନ ସମୟରେ ଆହତ ହୋଇଥିବା ଛାତ୍ରଛାତ୍ରୀଙ୍କ ପ୍ରତି ସମବେଦନା ଜଣାଇବା ଉଦ୍ଦେଶ୍ୟରେ ଜଗତସିଂହପୁର ବିଜୁ ଯୁବ ଛାତ୍ର ବିଜେଡି ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ, ଛାତ୍ର ନେତା ସମିତ କୁମାର ଲେଙ୍କା, ସୁନୀଲ ମାଟିଆ, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ପାରିଷଦ ମନୋଜ ମହାନ୍ତି, ରାଜେଶ ମିଶ୍ର, ଲୋକନାଥ ସ୍ୱାଇଁ, ସମ୍ବିତ ମହାନ୍ତି, ରୁଦ୍ର ଆଚାର୍ଯ୍ୟ, ଅବନୀକାନ୍ତ ଦାଶ, ସୌଭାଗ୍ୟ ଦାସ, ଶୁଭ୍ରକାନ୍ତ ଜେନା, ବସନ୍ତ ବାରିକ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଭକ୍ତଙ୍କୁ ଚାରା, ଫଳ ବଣ୍ଟନ

ପାରାଦୀପ,୨୫।୭ (ସମିସ): ଆଦର୍ଶ ପ୍ରୟାସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ ଶ୍ରଦ୍ଧାଳୁମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ସଚେତନ କରାଯିବ ସହିତ ବିଭିନ୍ନ କିସମର ଔଷଧୀୟ ଚାରା, ଫଳନ୍ତି ଚାରା ଯଥା ଆମ୍ବ, ପିଜୁଳି, ଅଁଳା, ଲିମ୍ବ, କରଞ୍ଜ, ବଉଳ, ବାହାଡ଼ା ଭଳି ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନ ର ସଦସ୍ୟ,ଅମୀୟ ପ୍ରସାଦ ଦାସ, ଦେବକଲ୍ୟାଣ ମହାପାତ୍ର, ବିଷ୍ଣୁ ଚରଣ ମୁଦୁଲି, ଦେବୀ ପ୍ରସାଦ ସାହୁ, ଭଞ୍ଜକିଶୋର, ବ୍ରଜଗୋପାଲ୍ ମାଝୀ, କବିନ୍ଦ୍ର ସେଠୀ, କିଶୋର ମହାନ୍ତି, ରାକେଶ ନାୟେକ୍, ଦେବବ୍ରତ ପତି, ରାକେଶ ନାୟକ, ସୌମ୍ୟରଞ୍ଜନ ନାୟକ, ପ୍ରୀୟପ୍ରଦୋଶ ପାଲ, ସନ୍ତୋଷ ପାତ୍ର, ରଶ୍ମି ରଞ୍ଜନ ସାହୁ, ଜଗନ୍ନାଥ ଭୋଇ, ନିହାର ରଞ୍ଜନ, ଜଗଦୀଶ ମଣ୍ଡଳ, ନରେନ୍ ବର୍ମନ, ସୁଧୀର ପରିଡ଼ା, ପ୍ରକାଶ ପ୍ରଧାନ ପ୍ରମୁଖ ଭାବରେ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ।

## ଆବାସ ଯୋଜନା ଅନିୟମିତତା ଅଭିଯୋଗରେ ପ୍ରତିବାଦ

ଏରସମା,୨୫।୭ (ସମିସ): ଏରସମା ବ୍ଲକ ଅଧୀନ ଜପା ପଞ୍ଚାୟତରେ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗକୁ ନେଇ ଶୁକ୍ରବାର ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ନୃସିଂହ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଶତାଧିକ ହିତାଧିକାରୀ ଏବଂ ସାଧାରଣ ଲୋକ ଯୋଗଦେଇଥିଲେ। ସଭାରେ ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ ପଡ଼ିଥିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।



ଉପସ୍ଥିତ ନେତୃବୃନ୍ଦ ଏବଂ ଜନସାଧାରଣଙ୍କୁ ଆସନ୍ତା ୨୭ ତାରିଖ ମଧ୍ୟରେ ପୁନଃ ଯାଞ୍ଚ (ରି-ଇନକ୍ୱାରୀ) ପାଇଁ କିପରି ଆବେଦନ କରିବେ, ସେ ସମ୍ପର୍କରେ ସଚେତନ କରାଯିବା ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ଜପା ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ କୁମାର ଗଛାୟତ ତାଙ୍କ ବକ୍ତବ୍ୟରେ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ପାଇଁ କେତେକ ସରକାରୀ ଅଧିକାରୀ ଓ ବର୍ତ୍ତମାନର ସରପଞ୍ଚଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ। ସେ ଯୋଗ୍ୟ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସ୍ୱଚ୍ଛ ତଦନ୍ତ ଦାବି କରିଥିଲେ। ସମାଜସେବୀ ମାନସ ରଞ୍ଜନ ସ୍ୱାଇଁ ଜପା ପଞ୍ଚାୟତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଅଜୟ ଲେଙ୍କା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଅନେକ ଯୋଗ୍ୟ ଓ ଗରିବ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଥିବାବେଳେ କେତେକ ଅଯୋଗ୍ୟ ବ୍ୟକ୍ତି ସୁବିଧା ପାଇଥିବା ଅଭିଯୋଗ ରହିଛି। ଏହାର ସଠିକ୍ ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ନ୍ୟାୟ ଦେବାକୁ ସେ ଦାବି କରିଥିଲେ। ଏହି ପ୍ରତିବାଦ ସଭାରେ ପାଞ୍ଚଶହରୁ ଅଧିକ ଲୋକ ଉପସ୍ଥିତ ରହି ଆବାସ ଯୋଜନାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି ଜଣାଇଥିଲେ।


## ବାଲିଘର ପକ୍ଷରୁ ଜଗନ୍ନାଥ ବେହେରାଙ୍କ ଜୟନ୍ତୀ

ଏରସମା,୨୫।୭ (ସମିସ): ଜଗତସିଂହପୁର ଜିଲ୍ଲାର ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ଫାଉଣ୍ଡେସନ ତଥା ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ବର୍ଷୀୟାନ ପାଲାଗାୟକ ଗାୟକଶେଖର ଜଗନ୍ନାଥ ବେହେରାଙ୍କ ୧୦୧ତମ ଜନ୍ମ ଜୟନ୍ତୀ




ଏରସମା ବ୍ଲକ୍ କଟିଜଙ୍ଗ। ଗ୍ରାମ ସ୍ଥିତ ଶ୍ରୀ ବେହେରାଙ୍କ ବାସ ଭବନ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ବାଲିଘର ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବରିଷ୍ଠ ଆଇନଜୀବୀ ବୀରନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପାଲାଗାୟକ ଗାୟକବାଗ୍ମୀ ନାରାୟଣ ମହାରଣା, ଅନ୍ୟତମ ଅତିଥି ଆଇନା ପତ୍ରିକାର ସଂପାଦକ କ୍ଷେତ୍ରବାସୀ ସାହୁ, ବରିଷ୍ଠ ସାହିତ୍ୟିକ ବିଜୟ କୁମାର ଖଟେଇ, ଗଙ୍ଗୋତ୍ରୀର ସଂପାଦକ କୈଳାସ ଚନ୍ଦ୍ର ପ୍ରଧାନ, ଶଶୀଭୂଷଣ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସଂସୟ କୁମାର ସ୍ୱାଇଁ, ସମାଜସେବୀ ଧ୍ୱଜରାଜ ଖଣ୍ଡୁଆଳ, କବି ନବୀନ କୁମାର ପ୍ରଧାନ, ଯୁବନେତା ପ୍ରସନ୍ନ କୁଅଁର, ଗୀତାରାଣୀ ସାହୁ, ନମିତା ସାହୁ, ସତ୍ୟବ୍ରତ ମହାପାତ୍ର, ସାମ୍ବାଦିକ ଦୀପ୍ତି ଖଣ୍ଡୁଆଳ, ତନ୍ମୟ ସେଠୀ ପ୍ରମୁଖ ଯୋଗ ଦେଇ 'ପାଲା ସାହିତ୍ୟକୁ ଜଗନ୍ନାଥ ବେହେରାଙ୍କ ଅବଦାନ' ଶୀର୍ଷକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ବେହେରାଙ୍କୁ ବାଲିଘର ଫାଉଣ୍ଡେସନ ପକ୍ଷରୁ ଅଙ୍ଗବସ୍ତ୍ର ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବହୁ ଅନୁଷ୍ଠାନ ଓ ବ୍ୟକ୍ତିଗତ ଭାବେ ମଧ୍ୟ ସମ୍ମାନିତ କରିଥିଲେ। ପାଲାଗାୟିକା ଲକ୍ଷ୍ମୀପ୍ରିୟା ଦାଶଙ୍କୁ ଏହି ଉତ୍ସବରେ ମାନପତ୍ର, ପୁଷ୍ପଗୁଚ୍ଛ ସହ ସମ୍ମାନ ସୂଚକ ଜଗନ୍ନାଥ ବେହେରା ଗାୟକ ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷାବିତ୍ ସବିତା ବେହେରା କାର୍ଯ୍ୟକ୍ରମର ସଫଳତା ପାଇଁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଦ୍ଧଳ ବଳଦେବଜୀଉ ମନ୍ଦିରରେ ସୁନାବେଶ



ଜଗତସିଂହପୁର,୨୫।୭ (ସମିସ): ଜଗତସିଂହପୁର ଜିଲ୍ଲା ମୁଦୁପୁର ପଞ୍ଚାୟତ ସିଦ୍ଧଳ ଗ୍ରାମରେ ପ୍ରାଚୀନ କାଳରୁ ପୂଜାପାଇ ଆସୁଥିବା ଶ୍ରୀଶ୍ରୀ ବଳଦେବ, ମାତା ସୁଭଦ୍ରା, ବିଶ୍ୱ ବ୍ରହ୍ମାଣ୍ଡର କର୍ତ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ, ଚକ୍ରରାଜ ସୁଦର୍ଶନ ଜନ୍ମବେଦୀରୁ ବାହୁଡ଼ିଆସି ସିଂହଦ୍ୱାର ନିକଟରେ ବିରାଜମାନ କରିଛନ୍ତି। ବାହୁଡ଼ାଯାତ୍ରାରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ବହୁ ଦୂରଦୁରାନ୍ତରୁ ଆସି ଆନନ୍ଦ ଉଲ୍ଲାସରେ ରଥକୁ ଟାଣି ଆଣିଥିଲେ। ଦିନ ୧୨ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ପ୍ରସାଦ ବିତରଣ କରାଯାଇଥିଲା। ଆଜି ଏକାଦଶୀରେ ମହାପ୍ରଭୁ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମଧ୍ୟାହ୍ନ ପହୁଡ଼ ନୀତି ସମାପନ ପରେ ଶ୍ରୀଜୀଉମାନଙ୍କୁ ସେବାୟତ ମାନେ ସୁନାବେଶରେ ସୁସଜ୍ଜିତ କରାଇ ଥିଲେ। ସନ୍ଧ୍ୟା ୬ଟା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଶ୍ରୀଜୀଉ ମାନେ ସୁସଜ୍ଜିତ ସୁନା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସୁନାବେଶ ଦର୍ଶନ କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ଭିଡ ଲଗାଇଥିଲେ। ଶାନ୍ତି ରକ୍ଷା କରିବାପାଇଁ ପୋଲିସ ପଶାସନ ତରଫରୁ ବ୍ୟବସ୍ଥା କରାଯାଇଥିଲା।

## ନୀଳଚକ୍ର ୟୁଥ୍ ଟ୍ରଷ୍ଟ ପକ୍ଷରୁ ଚାରାବଣ୍ଟନ




ପାରାଦୀପ,୨୫।୭ (ସମିସ): ବାହୁଡା ଅବସରରେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ୍ ଟ୍ରଷ୍ଟ ପକ୍ଷରୁ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାରର ଫଳ ଚାରା ଯଥା- ଆମ୍ବ, ପିଜୁଳି, ପଣସ, ଜାମୁ, ବେଲ, ନିମ୍ବ, କାଜୁ, ଅଁଳା, ଆତାପି, ଆତ, ପ୍ରଭୃତି ଚାରା ବଣ୍ଟନ କରାଯାଇଛି। ଟ୍ରଷ୍ଟର ସଭାପତି ଦେବ ମଣ୍ଡଳ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପ୍ରଜାପିତା ବ୍ରହ୍ମାକୁମାରୀର ସୁମନ ଭଉଣୀ, ମନ୍ତ୍ରୀଙ୍କ ପ୍ରତିନିଧି, ସ୍ଥାନୀୟ କାଉନସିଲର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଜୟଦେବ ସାହୁ, ପରମ ବେହେରା, ମୁନି ଛାଟୋଇ, ପ୍ରକାଶ ଚନ୍ଦ୍ର ବାରିକ, ରାକେଶ କୁମାର ସାହୁ, ରାଜେଶ କୁମାର ସାହୁ, ଶ୍ୟାମ ସୁନ୍ଦର ଦାସ, ଜ୍ୟୋତି ରଞ୍ଜନ ଜେନା, ବିଜୟ କୁମାର ଭୋଳ, ରମେଶ ଚନ୍ଦ୍ର ଦାସ, ଉପମନ୍ୟୁ ସାହୁ, ରାଜେଶ ପରିଡ଼ା, ନରେଶ ପାତ୍ର, ସତ୍ୟବ୍ରତ ଡାକୁଆ, ସ୍ୱାଗତ ପରିଡ଼ା, ଆୟୁଷ୍ମାନ ସ୍ୱାଇଁ, ପବିତ୍ର ମଣ୍ଡଳ, ରୋହନ ନାୟକ, ସୁରିଆ ପାତ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ରୁଦ୍ର ନାରାୟଣ ସାହୁ, ସିପୁନ ନାୟକ, ଶୁଭ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଫସଲ ବୀମା ରଥର ଶୁଭାରମ୍ଭ

ଜଗତସିଂହପୁର,୨୫।୭ (ସମିସ): ଏଲ୍-ନିନୋ ପ୍ରଭାବରେ ବୃଷ୍ଟିପାତରେ ଅନିଶ୍ଚିତତା ଦେଖାଯାଉଥିବାରୁ ଜଗତସିଂହପୁର ଜିଲ୍ଲାରେ ଚାଷବାସ ପର୍ଯ୍ୟାପ୍ତ ପରିମାଣରେ ଆଗେଇ ପାରିନାହିଁ। ତେଣୁ ଏଭଳି ସ୍ଥିତିରେ ଚାଷୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ୍ ଖରିଫ-୨୦୨୬ 'ବୀମା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଯାହା ଜିଲ୍ଲାର ସମସ୍ତ ୮ ଟି ଯାକ ବ୍ଲକ ପରିକ୍ରମା କରି ଧାନ ଫସଲର ବୀମା ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଭୁଦତ୍ତ ସାହୁ ଏବଂ ଜିଲ୍ଲା ମୁଖ୍ୟ ସମବାୟ ପ୍ରବନ୍ଧକ ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ବିସି ପ୍ରସନ୍ନ ବାରିକ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରବନ୍ଧ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି ଯେ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ଚାଷୀମାନେ ପ୍ଲଟ୍ ପିଛା ମାତ୍ର ୧ ଟଙ୍କା ଦେଇ ନିକଟସ୍ଥ ଜନସେବା କେନ୍ଦ୍ର, ବ୍ୟାଙ୍କ, ପ୍ରାଥମିକ କୃଷି ସମିତି, ଡାକଘର କିମ୍ବା କୃଷି ବୀମା ପ୍ରତିନିଧିଙ୍କ ସହ ଯୋଗାଯୋଗ କରି ନିଜ ଜମିର ବୀମା କରିପାରିବେ। ଯାହାଫଳରେ ହେକ୍ଟର ପିଛା ଜଳସେଚିତ ଜମି ପାଇଁ ୧,୦୬,୨୫୦ ଟଙ୍କା ଏବଂ ଅଣ-ଜଳସେଚିତ ଜମି ପାଇଁ ୯୨,୫୦୦ ଟଙ୍କା ପର୍ଯ୍ୟନ୍ତ ବୀମା ସୁବିଧା ମିଳିପାରିବ। ତେବେ ଏହି ବୀମା ପଞ୍ଜୀକରଣର ଶେଷ ତାରିଖ ଆସନ୍ତା ଜୁଲାଇ ୩୧ ଧାର୍ଯ୍ୟ କରାଯାଇଛି।

## ଶ୍ରୀଜଗନ୍ନାଥଙ୍କ ଉପରେ ଜୀବନ୍ତ ଚଳଚ୍ଚିତ୍ର ପ୍ରଦର୍ଶନ ବନ୍ଦ ପାଇଁ ଦାବି

ଜଗତସିଂହପୁର,୨୫।୭ (ସମିସ): କୋଟି ଓଡ଼ିଆଙ୍କ ଅସ୍ମିତାର ନିଦର୍ଶନ ଓ ପ୍ରାଣସ୍ୱରୂପ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଭାପ୍ରତିଭାକୁ ଚଳଚ୍ଚିତ୍ର ମାଧ୍ୟମରେ ଜୀବନ୍ତ ପ୍ରଦର୍ଶନ କରିବାର ବିକୃତ ମାନସିକତାରେ ଲିପ୍ତ କୁଚକ୍ରୀ ଗୋଷ୍ଠୀ ଭକ୍ତ ଭାବାବେଗକୁ ଆଘାତ ପହଞ୍ଚାଇବାର କୁତ୍ସିତ ପ୍ରୟାସ ଜାରି ରଖିଛନ୍ତି। ତେବେ ନିରବଚ୍ଛିନ୍ନ ପ୍ରତିବାଦର ପ୍ରଭାବରେ ସାମୟିକ ପ୍ରତିବନ୍ଧକକୁ ଅତିକ୍ରମ କରି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ପ୍ରଯୋଜକ ମାନେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ଅନୁକୂଳ ନିର୍ଦ୍ଦେଶ ପାଇବା ପରେ ଆସନ୍ତା ଜୁଲାଇ ୨୮ରେ ଏହି ଚଳଚ୍ଚିତ୍ର ପୁନଃ ପ୍ରଦର୍ଶନ କରିବା ପାଇଁ ଯୋଜନା କରିଛନ୍ତି ସମ୍ପୃକ୍ତ ପ୍ରଯୋଜନା ସଂସ୍ଥା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ଅନଭିଜ୍ଞ ତଥା କେତେକ ଦିବ୍ୟସୋପାନକୁ କଦର୍ଥ ଓ କପୋଳକଳ୍ପିତ ଢଙ୍ଗରେ ଉପସ୍ଥାପନ କରି ଜଗନ୍ନାଥ ପ୍ରେମୀଙ୍କୁ ବିଭ୍ରାନ୍ତ କରିବାର ଅପଚେଷ୍ଟା ବଳବତ୍ତର ରଖିଛନ୍ତି ଏହି କୁଚକ୍ରି ଗୋଷ୍ଠୀ। ଏଭଳି ପରିସ୍ଥିତିରେ ଜଗତସିଂହପୁର ଜିଲ୍ଲାର ଶ୍ରୀଜଗନ୍ନାଥ ଭକ୍ତ ସମାଜ ଏଭଳି ଚଳଚ୍ଚିତ୍ର ପ୍ରଦର୍ଶନର ପ୍ରତିବାଦ କରିଛି। ଏହି ଅବସରରେ ସେବା ନିବୃତ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଆବାହକତ୍ୱରେ ଜୟବଡ଼ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ



ବାବା ସତ୍ୟାନନ୍ଦ ଦାସ ଯୋଗଦେଇ କୋଟି କୋଟି ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କ ଭାବାବେଗ ସହିତ ଖେଳିବା ଠିକ ନୁହେଁ ବୋଲି କହିଥିଲେ। ଉକ୍ତ ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥାର ଏଭଳି କାର୍ଯ୍ୟକୁ ସେ ଘୋର ନିନ୍ଦା କରିବା ସହିତ ଏହାର ପ୍ରଦର୍ଶନ ବନ୍ଦ ହେବା ଉଚିତ ବୋଲି କହିଥିଲେ। ତେଣୁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଓ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ବୋର୍ଡ ଏହି ଚଳଚ୍ଚିତ୍ର ପ୍ରଦର୍ଶନ ଉପରେ ରହିତାଦେଶ ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ସେହିପରି ଦଳମତ ନିର୍ବିଶେଷରେ ଉକ୍ତ ପ୍ରଯୋଜନା ସଂସ୍ଥା ବିରୋଧରେ ଜନମତ ସୃଷ୍ଟି କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଗବେଷକ ଡ. ସୁରେନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ଡ. ରବି ମିଶ୍ର, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଡ.ସୁନାକର ବେହେରା, ସୁରେଶ ଚୌଧୁରୀ, ରବୀନ୍ଦ୍ରନାଥ ନାୟକ, ସୋମନାଥ ପଣ୍ଡା, ନନ୍ଦକିଶୋର ହୋତା, ଅଶୋକ କୁମାର ପାଳଙ୍କ ସମେତ ଶତାଧିକ ଶ୍ରୀଜଗନ୍ନାଥ ପ୍ରେମୀ ଏଥିରେ ଯୋଗ ଦେଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଉପରୋକ୍ତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ଅମ୍ବିକାଇ ଗଣପରିଷଦର ଭକ୍ତି ସଙ୍ଗୀତ ଓ କବିତା ପାଠୋତ୍ସବ

ପାରାଦୀପ,୨୫।୭ (ସମିସ): ପବିତ୍ର ସୁନା ବେଶ ଅବସରରେ ଅମ୍ବିକାଇ ଗଣପରିଷଦ ଆନୁକୂଲ୍ୟରେ ଭକ୍ତି ସଂଗୀତ କବିତା ପାଠସ୍ୱବ ପାରାଦୀପ ଶ୍ରୀମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପ୍ରେମଲତା ବାରିକଙ୍କ ନେତୃତ୍ୱରେ ଏହି କବିତା ପାଠୋତ୍ସବରେ ଉପଦେଷ୍ଟା ସାମ୍ବାଦିକ ଧ୍ରୁବଚରଣ ମହାପାତ୍ର ଉପସ୍ଥିତ କବି କବିୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି କହିଲେ ପ୍ରତିକୂଳ ପାଗ ସତ୍ତ୍ୱେ ଜଗନାଥ ପ୍ରେମୀ ମାନେ ଉପସ୍ଥିତ ହୋଇ କବିତା ପାଠ କରିଥିଲେ। ସର୍ବଶ୍ରୀ ବାବାଜୀ ନାୟକ, କୁଳମଣି ମହାନ୍ତି, ସୂର୍ଯ୍ୟକାନ୍ତ ରାଉତ, ତପସ୍ୱିନ ଛଟେଇ, ଗୋଲାପରାଣୀ ସାହୁ, କଳ୍ପନା ରାଉତ, ରଘୁନାଥ ଆଚାର୍ଯ୍ୟ, ଉର୍ମିଳା ମହାନ୍ତି, ପୁଷ୍ପାଞ୍ଜଳି ମିଶ୍ର, ସଂଘମିତ୍ରା ସ୍ୱାଇଁ, ରାଣା ରାୟ, କଳ୍ପନା ବେହେରା, ନୀଳିମା ପ୍ରିୟଦର୍ଶିନୀ, ନମିତା ରାଉତ ସ୍ୱରଚିତ କବିତା ପାଠ କରିଥିଲେ। ସାମ୍ବାଦିକ ପ୍ରଶାନ୍ତ ରାଉତ ଶ୍ରୀଜଗନ୍ନାଥଙ୍କ ଭବାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବୟତ୍ରୀ ତୁଳସୀ ବରାଳ ସଂଯୋଜନା କରିଥିଲେ।

# ମରାମତି ହେଲା ପାଟପୁର ଗ୍ରାମ୍ୟ ରାସ୍ତା




ବାଲିକୁଦା,୨୫।୭ (ସମିସ):

ଦୈନିକ ଖବର କାଗଜ 'ସକାଳ'ରେ ଖବର ପ୍ରସାରଣ ପରେ ପ୍ରଶାସନର ତତ୍ପରତା ଫଳପ୍ରଦ ହୋଇଛି। ବାଲିକୁଦା ବ୍ଲକ ରାହାଣ ପଞ୍ଚାୟତ ଅନ୍ତର୍ଗତ ପାଟପୁର ଗ୍ରାମର ଦୀର୍ଘଦିନର ଦୟନୀୟ ରାସ୍ତା ସମସ୍ୟାକୁ ନେଇ ଖବର ପ୍ରକାଶ ପାଇବା ପରେ ଜଳ ସମ୍ପଦ ବିଭାଗ ତୁରନ୍ତ ପଦକ୍ଷେପ ନେଇଛି। ବିଭାଗ ପକ୍ଷରୁ ଜରୁରୀକାଳୀନ ଭିତ୍ତିରେ ରାସ୍ତାରେ ମେଣ୍ଟାଲ ମୋରମ ପକାଇ ଯାତାୟାତ ଉପଯୋଗୀ କରାଯାଇଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୪୦ ବର୍ଷରୁ ଅଧିକ ସମୟ ଧରି ୧୦ରୁ ଅଧିକ ପରିବାର ପାଟପୁର ଗ୍ରାମରେ ବସବାସ କରୁଥିଲେ ମଧ୍ୟ ସ୍ଥାୟୀ ପକ୍କା ରାସ୍ତାର ସୁବିଧା ପାଇନଥିଲେ। ବର୍ଷା ଦିନରେ ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହେବାରୁ ରୋଗୀ, ଗର୍ଭବତୀ ମହିଳା, ଛାତ୍ରଛାତ୍ରୀ ଓ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ନିକଟରେ ଜଣେ ବୟସ୍କା ମହିଳା ଅସୁସ୍ଥ ହେବା ପରେ ୧୦୮ ଆମ୍ବୁଲାନ୍ସ କାଦୁଅ ରାସ୍ତା ଯୋଗୁଁ ଗ୍ରାମକୁ ପହଞ୍ଚିପାରି ନଥିଲା। ପରିବାର ଲୋକେ ତାଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ଆଣିବାକୁ ବାଧ ହୋଇଥିଲେ। ଏହି ଘଟଣା ଜନଅସନ୍ତୋଷର କାରଣ ପାଲଟିଥିଲା। ଏହି ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ଜଳ ସମ୍ପଦ ବିଭାଗର ଏସ୍‌ସି ତରୁଣକାନ୍ତି ଦାସ ତୁରନ୍ତ ରାସ୍ତାର ଜରୁରୀ ମରାମତି ପାଇଁ ନିଷ୍ପତ୍ତି ନେବା ସହ ନିଜେ ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଏସଡିଓ ପ୍ରକାଶ କୁମାର ବେହେରା ଓ କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ୩ ଦିନ ମଧ୍ୟରେ ରାସ୍ତାରେ ମୋରମ ପକାଇ ଯାତାୟାତ ଉପଯୋଗୀ କରାଯାଇଛି। ବିଭାଗୀୟ ଏସସି ତରୁଣକାନ୍ତି ଦାସ କହିଛନ୍ତି ଯେ, ବର୍ଷା ଋତୁ ଶେଷ ହେବା ପରେ ଏହି ରାସ୍ତାକୁ ସ୍ଥାୟୀ ଭାବେ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ରାସ୍ତା ମରାମତି ପରେ ବର୍ତ୍ତମାନ ଗ୍ରାମକୁ ଯାନବାହନ ଚଳାଚଳ ସହଜ ହୋଇଥିବାରୁ ଗ୍ରାମବାସୀମାନେ ସନ୍ତୋଷ ପ୍ରକାଶ କରିବା ସହ ବିଭାଗୀୟ ଏସସି ତରୁଣକାନ୍ତି ଦାସ, ଏସଡିଓ ପ୍ରକାଶ କୁମାର ବେହେରା ଏବଂ କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ସାହୁଙ୍କ ତତ୍ପରତାକୁ ପ୍ରଶଂସା କରିଛନ୍ତି। ସେହିପରି ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସକାଳ ପେପରକୁ ଧନ୍ୟବାଦ ଜଣାଇବା ସହ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଦାବି ଜଣାଇଛନ୍ତି।

# ବାହୁଡ଼ାଯାତ୍ରା ଅବସରରେ ସେବା ଶିବିର



ଢେଙ୍କାନାଳ,୨୫।୭(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଜୁନିୟର ରେଡକ୍ରସ୍ ରାଜ୍ୟ ଶାଖା ଏବଂ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ସ ମିଳିତ ଆନୁକୂଲ୍ୟରେ ବାହୁଡ଼ାଯାତ୍ରା ଅବସରରେ ସେବା ଶିବିର ଆୟୋଜିତ ହୋଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜେଆର୍ସି ସୋସାଇଟି ସମ୍ପାଦିକା ସୁଜାତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଜୁନିୟର ରେଡକ୍ରସ୍, ସ୍କାଉଟ୍ ଓ ଗାଇଡ୍ ସ୍ୱେଚ୍ଛାସେବୀମାନେ ବାହୁଡ଼ା ଯାତ୍ରାରେ ସମବେତ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ବୋତଲ ବଣ୍ଟନ କରିଥିଲେ। ଜିଲ୍ଲା ଜେଆର୍ସି ଅଧିକାରୀ ସୁବ୍ରତ କୁମାର ମିଶ୍ର, ଜିଲ୍ଲା ସ୍କାଉଟ୍ ସଂଗଠନ କମିଶନର ନରେଶ ମହାରଣା, ଜିଲ୍ଲା ସ୍କାଉଟ୍ ପ୍ରଶିକ୍ଷଣ କମିଶନର ବିଜୟ ନନ୍ଦ, ଜିଲ୍ଲା ଗାଇଡ୍ ପ୍ରଶିକ୍ଷଣ କମିଶନର ସବିତା ସାହୁ, ପ୍ରଶାନ୍ତ ଧଳ, ସୁଶୀଳ ପଣ୍ଡା, ପରାମର୍ଶଦାତ୍ରୀ ଉପାସନା ନାଥଶର୍ମା, ଚାରୁଲତା ଦଳେଇ, ଗାଇଡ୍ କ୍ୟାପ୍ଟେନ୍ ବିଦୁର ସାମଲ, ସ୍କାଉଟ୍ କ୍ୟାପ୍ଟେନ୍ ମହେନ୍ଦ୍ର ସାହୁ ଏବଂ କନିଷ୍ଠ ସହାୟକ ପ୍ରଶାନ୍ତ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ୩୮ ତମ ବାହୁଡ଼ା ଭଜନ ସମାରୋହ

ଢେଙ୍କାନାଳ,୨୫।୭(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ପବିତ୍ର ବାହୁଡ଼ାଯାତ୍ରା ଅବସରରେ ୩୮ ତମ ବାହୁଡ଼ା ଭଜନ ସମାରୋହ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ସୁକାନ୍ତ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଶିକ୍ଷାବିତ ସମୀର ସାହୁ, ସମାଜସେବୀ ସୁଶାନ୍ତ ସାହୁ, ସମ୍ପାଦକ ବିଶ୍ୱନାଥ



ବେହେରା ଶ୍ରୀନିବାସ ଦାସ, ଶରତ ସାହୁ, ନୃସିଂହ ବେହେର ପ୍ରମୁଖ ଯୋଗଦେଇ ବାହୁଡ଼ାଯାତ୍ରା ଭଜନର ଲୋକପ୍ରିୟତା ଅନନ୍ୟ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ଅଥୟ ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁବନରେ ବାହୁଡ଼ାଯାତ୍ରା



ଭୁବନ,୨୫।୭(ସମିସ): ଭୁବନ ଏନ୍ଏସି ଅନ୍ତର୍ଗତ ତୃତୀୟା ଦେବଜୀଉଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ସକାଳୁ ସମସ୍ତ ନୀତିକାନ୍ତି ପରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ଓଡ଼ିଶୀ ନୃତ୍ୟ ତାଳେ ତାଳେ ଶ୍ରୀଜୀଉମାନଙ୍କୁ ରଥାରୂଢ଼ କରାଯାଇଥିଲା। ଠାକୁର ରାଜା ଭାବେ ରାମଚନ୍ଦ୍ର ରାଉତ ଛେରାପହଁରା କରିଥିଲେ। ସୁଭଦ୍ରଙ୍କ ରଥକୁ ମହିଳାମାନେ ଟାଣିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଶୁଭେନ୍ଦୁ କୁମାର ସାହୁ, ପୁରୋଧା ତୁଷାରକାନ୍ତି ମିଶ୍ରଙ୍କ ନେତୃତ୍ୱରେ ସୁରୁଖୁରୁରେ ଯାତ୍ରା ସମାପନ ହୋଇଛି। କମିଟି ସଭାପତି ଶୁଭେନ୍ଦୁ ସାହୁ, ସମ୍ପାଦକ ନିରଞ୍ଜନ ଗୁରୁ, ପ୍ରମୋଦ ଗୁରୁ, ପ୍ରଭାସ ସେନାପତି, ଦୁଷ୍ମନ୍ତ ପୃଷ୍ଟି, କାଳନ୍ଦୀ ସାହୁ, ମନ୍ଦିରର ପୂଜକ ଖଗେଶ୍ୱର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ରାମଚନ୍ଦ୍ର ମିଶ୍ର, ଜ୍ଞାନରଞ୍ଜନ ମିଶ୍ର, ସାଇସୁନ୍ଦର ମିଶ୍ର, କୁନାନନ୍ଦ ମିଶ୍ର, ଅଶୋକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ସନ୍ଧ୍ୟା ୭ଟାରେ ରଥରେ ପଡ଼ିଲା ପହଡ଼; ଭକ୍ତ ହନ୍ତସନ୍ତ

ଗଁଦିଆ,୨୫।୭(ସମିସ): ଗଁଦିଆ ବ୍ଲକର ପ୍ରସିଦ୍ଧ ଶୈବପୀଠ କପିଳାସ ପାଦଦେଶ ଦେଓଗାଁ ଛକରେ ପୂଜିତ ଶ୍ରୀଜୀଉମାନଙ୍କର ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ତେବେ ରଥରେ ଠାକୁରଙ୍କ ଦର୍ଶନ କରିବାକୁ ଭକ୍ତମାନେ ଅତି ଭାବବେଗରେ ଚାତକ ପରି ଚାହିଁ ରହିଥିବା ବେଳେ ପୂଜାପଣ୍ଡା ଓ ସେବକମାନଙ୍କ ମନମାନି ସେମାନଙ୍କୁ ନିରାଶ କରିଛି। ସନ୍ଧ୍ୟା ୭ଟାରେ ରଥରେ ଥିବା ଠାକୁରଙ୍କ ପହଡ଼ ପକାଇ ସେବକମାନେ ଘରକୁ ପଳାଇଥିଲେ। ଫଳରେ



ରଥରେ ଠାକୁରଙ୍କ ଦର୍ଶନ ପାଇଁ ଅପେକ୍ଷାରତ ଶ୍ରଦ୍ଧାଳୁ ଦର୍ଶନରୁ ବଞ୍ଚିତ ହୋଇ ନିରାଶରେ ଫେରିଛନ୍ତି। ଏ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଢେଙ୍କାନାଳ ଜିଲ୍ଲା ଦେବୋତ୍ତର ବିଭାଗ ପକ୍ଷରୁ ଦେଓଗାଁରେ ରଥଯାତ୍ରା ଆୟୋଜିତ ହେଉଥିବା ସ୍ଥଳେ କିପରି ଏଭଳି ବିଭ୍ରାଟ ହେଲା ଏବଂ ଏଥିପାଇଁ କିଏ ଦାୟୀ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

# ବିଭିନ୍ନ ସମସ୍ୟା ନେଇ ଓଏଭି ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

କଙ୍କଡ଼ାହାଡ,୨୫।୭(ସମିସ)



ବିଭିନ୍ନ ସମସ୍ୟା ନେଇ କଙ୍କଡ଼ାହାଡ଼ ବ୍ଲକ କନ୍ଦରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଗେଟ୍ ସମ୍ମୁଖରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିଛନ୍ତି। ବିଦ୍ୟାଳୟରେ ଅପରିଷ୍କାର ଶୌଚାଳୟ, ଶ୍ରେଣୀଗୃହର ଅବ୍ୟବସ୍ଥା, ପାନୀୟ ଜଳ ଓ ବିଦ୍ୟୁତ ସେବା ସମସ୍ୟା, ଖାଦ୍ୟ ବଣ୍ଟନରେ ଅନିୟମିତତା ଏବଂ ବିଦ୍ୟାଳୟର ଅର୍ଥ ତୋଷରପାତ କରାଯାଇଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଏହାଛଡ଼ା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଧିକାଂଶ ଦିନ ଅନୁପସ୍ଥିତ ରହୁଥିବା, ମୋବାଇଲ୍ ରିଲ୍ସରେ ବ୍ୟସ୍ତ ରହୁଥିବା ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ କରୁ ନ ଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଛାତ୍ରଛାତ୍ରୀ ଦାବି କରିଛନ୍ତି। ସମସ୍ୟା ସମାଧାନ ଦାବିରେ ଛାତ୍ରଛାତ୍ରୀମାନେ ବର୍ଷାରେ ଭିଜି ଅନିର୍ଦ୍ଦିଷ୍ଟକାଳୀନ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ତେବେ ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

ଅନ୍ୟପଟେ କାମାକ୍ଷାନଗର ଏସ୍‌ଡିପିଓ ଚିତ୍ତରଞ୍ଜନ ବେହେରା, କଙ୍କଡ଼ାହାଡ଼ ବିଡିଓ ଯଶୋବନ୍ତ ଦେହୁରୀ ପହଞ୍ଚି ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ଲିଖିତ ଅଭିଯୋଗ କଲେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରି ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବପରେ ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହରିଥିଲେ। ସୋମବାର ସୁଦ୍ଧା ପଦକ୍ଷେପ ନିଆ ନ ଗଲେ ପୁନର୍ବାର ଆନ୍ଦୋଳନ କରିବେ ବୋଲି ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି।

# ଶିକ୍ଷକ ଓ କର୍ମଚାରୀ ସଂଘ ସମନ୍ୱୟ ସମିତି ବୈଠକ



ଢେଙ୍କାନାଳ,୨୫।୭(ସମିସ): ସ୍ଥାନୀୟ ଓଷ୍ଟା କାର୍ଯ୍ୟାଳୟରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ସମନ୍ୱୟ ସମିତିର ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟା କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରଣବ କୁମାର ଜେନା, ସମ୍ମାନିତ ଅତିଥି ଭାବେ ରମାକାନ୍ତ ମହାପାତ୍ର, ପ୍ରମୋଦ ସ୍ୱାଇଁ, ରାଜ୍ୟ ଉପସଭାପତି ମଧୁସୂଦନ ଦେ, କାର୍ଯ୍ୟକାରିଣୀ ସଦସ୍ୟ ଉମାକାନ୍ତ ଷଡ଼ଙ୍ଗୀ, ପ୍ରାକ୍ତନ ଅଲ୍ ଓଷ୍ଟା ସମ୍ପାଦକ ବିଭୂତି ସାମଲ ଯୋଗଦେଇଥିଲେ। ଏକ ମାସ ମଧ୍ୟରେ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଅନୁଦାନ, ଅବସରପ୍ରାପ୍ତ ଶିକ୍ଷକ/କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଆନ୍ଦୋଳନ ଗ୍ରାମ ସ୍ତରରୁ ରାଜ୍ୟ ସ୍ତରକୁ ଯିବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶଶିକାନ୍ତ ଦାସ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁବାସ ଚନ୍ଦ୍ର ସାହୁ, ଅଶ୍ୱିନୀ ପଣ୍ଡା, ଅରକ୍ଷିତ ସାହୁ, ଗଜେନ୍ଦ୍ର ନାୟକ, ପବିତ୍ର ପ୍ରଧାନ, ସତ୍ୟବ୍ରତ ପାତ୍ର, ସୁରେଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପ ମାଝୀ ମଞ୍ଚ ପରିଚାଳନା କରିଥିଲେ।

# ହିନ୍ଦୋଳରେ ୬ମାସ ଧରି ଜାତୀୟ ପତାକା ଉଭାନ



ଖଜୁରିଆକଟା,୨୫।୭(ସମିସ): ହିନ୍ଦୋଳ ବ୍ଲକ ଅଫିସ ନିକଟ ପିଡବ୍ଲ୍ୟୁଡି ବଙ୍ଗଳା ସାମ୍ନାରେ ଜାତୀୟ ଗୌରବ ସୁଉଚ୍ଚ ଜାତୀୟ ପତାକା ସ୍ଥାପିତ ହୋଇଥିଲା। ମାତ୍ର ଗତ ୬ ମାସ ଧରି ଜାତୀୟ ପତାକା ଉଭାନ ହୋଇଯାଇଛି। ପୂର୍ବରୁ ମଧ୍ୟ ଏପରି ଅଭାବନୀୟ ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳିଛି। ଏହି ପତାକା ସାମ୍ନାଦେଇ ଅନେକ ନିର୍ବାଚିତ ଜନପ୍ରତିନିଧି ମନ୍ତ୍ରୀ, ସାଂସଦ, ବିଧାୟକ, ଉଚ୍ଚ ଅଧିକାରୀ ଯାତାୟାତ କରୁଥିବାବେଳେ କିପରି ଦେଶର ଗୌରବ ବହନ କରୁଥିବା ଆମ ଜାତୀୟ ପତାକା ପ୍ରତି ଦୃଷ୍ଟି ଦେଉନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଜାତୀୟ ପତାକାକୁ ପୁନଃ ସ୍ଥାପନ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

# କେନ୍ଦ୍ର ବିରୋଧରେ ଗର୍ଜିଲା କଂଗ୍ରେସ



ହିନ୍ଦୋଳ,୨୫।୭(ସମିସ): ହିନ୍ଦୋଳ ବ୍ଲକ ସାତମାଇଲ ଛକଠାରେ କଂଗ୍ରେସ ଦଳ ପକ୍ଷରୁ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଛବିରାଜ ବିଶ୍ୱାଳ ଓ ହିନ୍ଦୋଳ କଂଗ୍ରେସ କମିଟି ସଭାପତି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳର କର୍ମୀ ମନେ ଆସି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାର ନାରାବାଜି ଦେବା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ କେନ୍ଦ୍ରୀୟ ନେତାଙ୍କ ଫଟୋଚିତ୍ର ପୋଡ଼ିଥିବା ଦେଖିବାକୁ ମିଳିଥିଲା। ଏଥିରେ ବ୍ଲକ କଂଗ୍ରେସର ବହୁ ନେତା ଯୋଗଦେଇଥିଲେ।

# ଧୀରପାଟଣା ଗ୍ରାମରେ ବାହୁଡ଼ାଯାତ୍ରା

ଢେଙ୍କାନାଳ,୨୫।୭(ସମିସ): ଢେଙ୍କାନାଳ ସଦର ବ୍ଲକ୍ ଧୀରପାଟଣା ଗ୍ରାମରେ ସଂସ୍କୃତି ସମ୍ପନ୍ନ ବାହୁଡାଯାତ୍ରା ହର୍ଷଉଲ୍ଲାସର ସହ ପାଳିତ ହୋଇଯାଇଛି। ଜିଲ୍ଲାର ଏକମାତ୍ର ଏହି ଗ୍ରାମର ରଥଯାତ୍ରାରେ ଯୁବରାଜ ଅମର୍ ଜ୍ୟୋତି ସିଂହଦେଓ ୨୦୨୨ ମସିହାରୁ ଆରମ୍ଭ ହୋଇଥିବା ରଥଯାତ୍ରାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଭାବେ ଛେରାପହଁରା, ମଙ୍ଗଳାରୋପଣ ଓ ରାଜଧାରତ୍ରିକ କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି।



ଢେଙ୍କାନାଳରେ ସମସ୍ତ ରୀତିନୀତି ସମ୍ପନ୍ନ କରିବା ପରେ ଯୁବରାଜ ଧୀରପାଟଣା ଗ୍ରାମରେ ଅପରାହ୍ନ ସାଢେ ଚାରିଟା ବେଳକୁ ଉପସ୍ଥିତ ହୋଇ ମହାପ୍ରଭୁଙ୍କୁ ରାଜକାର୍ଯ୍ୟ ସେବା ପ୍ରଦାନ କରିଥିଲେ। ତାଙ୍କ ଉପସ୍ଥିତିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡିବିଜେ ପୂର୍ବକ ରଥରଢ଼ କରାଯାଇଥିଲା। ରଥ ଉପରେ ଘୋଷକ ଓ ଡାହୁକଙ୍କ ଉପସ୍ଥିତିରେ ଅପରାହ୍ନ ୫ଟା ବେଳକୁ ରଥଟଣା ଆରମ୍ଭ କରାଯାଇ ୫ଟା ୪୫ରେ ଗ୍ରାମର ୫୮ ବର୍ଷର ପ୍ରାଚୀନ ଜଗନ୍ନାଥ ମନ୍ଦିର ନିକଟରେ ରଥଟଣା ଶେଷ କରାଯାଇଥିଲା। ରଥ ଆଗରେ ଉଦଣ୍ଡ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ସକ୍ରିୟ ସଭ୍ୟ ମନୋରଞ୍ଜନ ମିଶ୍ର, ପ୍ରଶାନ୍ତ ସାମଲ ଓ ରାଜପୁରୋଧା ଦିବ୍ୟଜ୍ୟୋତି ମିଶ୍ର ପ୍ରମୁଖ ଏହି ରଥଯାତ୍ରାରେ ସାମିଲ୍ ହୋଇଥିଲେ। ମୁଖ୍ୟ ବ୍ୟବସ୍ଥାପକ ଭାବେ ଅରୁଣ ସାହୁ କାର୍ଯ୍ୟ ନିର୍ବାହ କରିଥିଲେ।

# ଅନନ୍ତ ଶ୍ରୀକ୍ଷେତ୍ରରେ ପ୍ରଥମ ରଥଯାତ୍ରା ସମ୍ପନ୍ନ

ଖଜୁରିଆକଟା,୨୫।୭(ସମିସ): ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅଧୀନ ଘୋଡାଡିଆଁ ଗ୍ରାମର ନବ ନିର୍ମିତ ଜଗନ୍ନାଥ ମନ୍ଦିର ଗତ ୨୦୨୧ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଏହି କ୍ଷେତ୍ରର ନାମ ଅନନ୍ତ ଶ୍ରୀକ୍ଷେତ୍ର ରହିଛି। ଚଳିତ ବର୍ଷ ଏହି କ୍ଷେତ୍ରରେ ପ୍ରଥମ କରି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ମନ୍ଦିରର ମୁଖ୍ୟ ପୂଜକ ପ୍ରଦିପ ଦାସ ଓ ବେଣୁଧର ଶତପଥୀଙ୍କ ଦ୍ୱାରା ସମସ୍ତ ରିତିନିତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ



ଶ୍ରୀଜୀଉମାନଙ୍କର ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ପ୍ରଥମ କରି ରଥଯାତ୍ରା ହେଉଥିବାରୁ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଯୋଗ ଦେଇ ଠାକୁରଙ୍କୁ ଦର୍ଶନ କରିବା ସହିତ ରଥ ଟାଣି ଥିଲେ। ବାଜା ବଜାଇବା ଖୋଳ କିର୍ତ୍ତନ କରି ହରିବୋଲ ହୁଳହୁଳିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଯାତ୍ରାକୁ ମନ୍ଦିର ପରିଚାଳନା କମିଟି ପରିଚାଳନା କରୁଥିବା ବେଳେ ଭକ୍ତମାନେ ସହଯୋଗ କରିଥିଲେ। ସେହିପରି ଗତକାଲି ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳା ସହିତ ଶେଷ ହୋଇଯାଇଛି।

# ଦେଓଗାଁରେ ଠାକୁରଙ୍କ ରୁପାବେଶ

ଗଁଦିଆ,୨୫।୭(ସମିସ): ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଚନ୍ଦ୍ରଶେଖର ଜୀଉଙ୍କର ପାଦଦେଶରେ ଅବସ୍ଥିତ ଦେଓଗାଁ ଠାରେ ରଥରେ ବିଜେ ପ୍ରଭୁ ବଳଦେବଜୀଉ ଓ ଜଗନ୍ନାଥ ଙ୍କର ରୂପାବେଶ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରଙ୍କର ମଙ୍ଗଳ ଆଳତି ଅବକାଶ ନୀତି ବାଲ୍ୟନୀତି ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ଏହାପରେ ଦ୍ୱିପ୍ରହର ସମୟରେ ଠାକୁରଙ୍କର ବାଲ୍ୟଭୋଗ ନୀତି ଅନୁଷ୍ଠିତ ହୋଇଥିଲା ଏହାପରେ



ସନ୍ଧ୍ୟାରେ ଠାକୁରଙ୍କ ସନ୍ଧ୍ୟା ଆଳତି ପରେ ଠାକୁରଙ୍କର ରୁପାବେଶ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କର ଏହି ଅପୂର୍ବ ବେଶ ଦେଖିବା ନିମନ୍ତେ ପ୍ରବଳ ଜନଗହଳି ହୋଇଥିଲା। ଏହି କ୍ଷେତ୍ରରେ ଠାକୁରଙ୍କର ଅଧରପଣା ନୀତି ଅନୁଷ୍ଠିତ ହେବ। ଏହାପରେ ଠାକୁରଙ୍କର ପହଡ଼ ନୀତି ଅନୁଷ୍ଠିତ ହେବ। ଏଠାରେ ରଥଯାତ୍ରା ଢେଙ୍କାନାଳ ଜିଲ୍ଲାର ସର୍ବପୁରାତନ ଅଟେ। ପ୍ରତାପ ନରସିଂହ ଦେବରାଜାଙ୍କ ସମୟରୁ ଏହି ରଥଯାତ୍ରା ପାଳିତ ହୋଇଆସୁଛି। ଏଠାରେ ନିର୍ମିତ ତାଳଧ୍ୱଜ ରଥ ୧୪ ଚକ ବିଶିଷ୍ଟ ଅଟେ।



# ଗୋବିନ୍ଦପ୍ରସାଦରେ ବାହୁଡ଼ାଯାତ୍ରା ସମ୍ପନ୍ନ

ଢେଙ୍କାନାଳ,୨୫।୭(ସମିସ): ଓଡାପଡା ବ୍ଲକ୍ ଗୋବିନ୍ଦପ୍ରସାଦ ଗ୍ରାମରେ ଚଳିତବର୍ଷ ପ୍ରଥମକରି ବାହୁଡାଯାତ୍ରା ବେଶ୍ ସମାରୋହରେ ପାଳିତ ହୋଇଯାଇଛି। ଗ୍ରାମର ମହିଳା, ପୁରୁଷ, ଛାତ୍ରଛାତ୍ରୀ ଓ ଯୁବବର୍ଗ ଏହି ବାହୁଡା ରଥଯାତ୍ରାରେ ସାମିଲ୍ ହୋଇଥିଲେ। ମାଉସୀ ମା' ମନ୍ଦିରରୁ ଦୀର୍ଘ ୧କି.ମି. ପଥ ଅତିକ୍ରମ କରି ରଥ ଗ୍ରାମର ରଥଗଡା ଠାରେ ପହଞ୍ଚିଥିଲା। ୪ଚକ ବିଶିଷ୍ଟ ଏହି ରଥର ସାଜସଜ୍ଜା ବେଶ୍ ଆକର୍ଷଣୀୟ ରହିଥିଲା।

# ରାସ୍ତା ଖୋଳି ଚାଲିଗଲା ଠିକା ସଂସ୍ଥା

■ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

ପରଜଙ୍ଗ,୨୫।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ଠାରୁ ନାଉପାଳ କୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ-୧ ଅଧିନସ୍ଥ ରାସ୍ତା ଟି ଶୋଚନୀୟ ହୋଇପଡିଛି। ଅଭିଯୋଗ ମୁତାବକ ରେଙ୍ଗାଳି ବାମ ପାର୍ଶ୍ୱ ଶାଖା କେନାଲ ଠାରୁ ବିଦ୍ୟୁତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୧୧ କିଲୋଭୋଲ୍ଟ ବିଦ୍ୟୁତ ସଂଯୋଗ ପାଇଁ ଯନ୍ତ୍ରାଂଶ ଲଗାଇ ଭୂତଳ ଖନନ କରି କେବୁଲ ବିଛାଇ ଛନ୍ତି। କେବୁଲ କୁ ଭୂତଳରେ ନେବା ପରେ ରାସ୍ତାର ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ସହ ଶୋଚନୀୟ ହୋଇପଡିଛି। ଉକ୍ତ କାର୍ଯ୍ୟକୁ କରୁଥିବା ଠିକା ସଂସ୍ଥା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନୁମତି ନେବାପରେ ଖନନ କରିବା ସହ ଅଧିନିୟମ ଅନୁସାରେ ଗର୍ତ୍ତ କିମ୍ବା ଭଗ୍ନ ସ୍ଥାନ ଗୁଡିକ ମରାମତି କରିବା ବଦଳରେ ଠିକା ସଂସ୍ଥା ପଳାୟନ କରିଛି। ଯାହାକୁ ନେଇ ଚଳିତ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ହେମନ୍ତ ଜେନାଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ଯଥାଶୀଘ୍ର ରାସ୍ତା ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଟ୍ରାକ୍ଟର ଓଲଟି ଦୁଇ ଗୁରୁତର

କାମାକ୍ଷାନଗର,୨୫।୭(ସମିସ): କଙ୍କଡ଼ାହାଡ଼ ଥାନା ବିରାଶାଳ ଗ୍ରାମ ମା' ହିଙ୍ଗୁଳା ଢାବା ନିକଟରେ ଟ୍ରାକ୍ଟର ଓଲଟି ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଯାଜପୁର କାଳିଆପାଣିର ବଂଶୀଧର ହେମ୍ବ୍ରମ (୪୫) ଓ ମୟୂରଭଞ୍ଜ ଯଶିପୁରର ଚନ୍ଦନ ତିରିଆ (୨୮)। କାମାକ୍ଷାନଗର ଓ କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ଏବଂ କଙ୍କଡ଼ାହାଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବାଇକ୍ ଦୁର୍ଘଟଣାଗ୍ରସ୍ତ; ଜଣେ ମୃତ

କାମାକ୍ଷାନଗର,୨୫।୭(ସମିସ): କଙ୍କଡ଼ାହାଡ଼ ଥାନା ତିଳେଇବେରଣୀ ଗାଁ ନିକଟରେ ବାଇକ୍ ଭାରସାମ୍ୟ ହରାଇ ଗଛରେ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରହଣୀ ଗ୍ରାମର ତ୍ରିଲୋଚନ ମହାନ୍ତ (୪୦)। ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ତ୍ରିଲୋଚନ କେନ୍ଦୁଝରରୁ ନିଜ ଗାଁକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ଧକ୍କା ହୋଇ ରାସ୍ତା ପାର୍ଶ୍ୱରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଏସଆଇ ମିନକେତନ ପ୍ରଧାନ ସୂଚନା ଦେଇଛନ୍ତି।

# ଛାତ୍ରଛାତ୍ରୀଙ୍କ ପୋଷାକ ବିତରଣରେ ଅନିୟମିତତା

## କଲିକତାର ଅତ୍ୟନ୍ତ ନିମ୍ନମାନର ହରେକମାଲ ପୋଷାକ ବିତରଣ

## ଟେଣ୍ଡର ନେଇଛନ୍ତି ଏସଏଚଜି, ପୋଷାକ ଯୋଗାଉଛନ୍ତି ଦୋକାନୀ

ହିନ୍ଦୋଳ,୨୫।୭(ସମିସ)

ଶିକ୍ଷାର ବିକାଶ ପାଇଁ ସରକାର ପ୍ରତେକ ବର୍ଷ ରାଜକୋଷରୁ କୋଟି କୋଟି ଟଙ୍କା ଅନୁଦାନ ମଞ୍ଜୁର କରୁଛନ୍ତି। ଟଙ୍କାର ଅଭାବରେ ଯେମିତ ଜଣେ ଛାତ୍ର ଶିକ୍ଷାରୁ ବଞ୍ଚିତ ନହୁଏ ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି ସରକାର। କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ, ଛାତ୍ର ଛାତ୍ରୀଙ୍କ ପାଇଁ ମଧ୍ୟାନ ଭୋଜନ, ମାଗଣା ବହି ଠାରୁ ଆରମ୍ଭ କରି ପୋଷାକ ପର୍ଯ୍ୟନ୍ତ। ଏପରିକି ଚଳିତ ବର୍ଷ ସରକାରୀ ବସରେ ମାଗଣାରେ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମନେ ବିଦ୍ୟାଳୟକୁ ଯାଇପାରିବେ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ହିନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ଶିକ୍ଷା ବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଅଧିକାଂଶ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ଠାରୁ ଅଧିକ ସଂଖ୍ୟକ ଛାତ୍ର ଛାତ୍ରୀ ଆସୁଥିବା ଦର୍ଶାଇ ମଧ୍ୟାନ ଭୋଜନ ଟଙ୍କା ହରିଲୁଟ ହେଉଥିବା ନେଇ ବିଗତ ଦିନରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ଏହାର ତଦନ୍ତ ଏଯାଏ ହୋଇପାରିଲା ନାହିଁ। ଏବେ ହିନ୍ଦୋଳ ବ୍ଲକରେ ଚଳିତ ବର୍ଷ ଶିକ୍ଷା ବର୍ଷ





ଆରମ୍ଭରୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ପୋଷାକ ବିତରଣରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ଯାହାକୁ ନେଇ ଉପଖଣ୍ଡର ଅଭିବାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ପାଇଁ ବାର୍ଷିକ ୨ ହଳ ପୋଷାକ ନିମନ୍ତେ ୫୦୦ ଟଙ୍କା, ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପୋଷାକ ପାଇଁ ୫୫୦ ଟଙ୍କା ପ୍ରଦାନ କରୁଛନ୍ତି। ସେହିପରି ବିଦ୍ୟାଳୟରେ ପୋଷାକ ବିତରଣ ନିମନ୍ତେ ଅଞ୍ଚଳ ଏସେଚଜି ଗୋଷ୍ଠି ମାନଙ୍କୁ ଟେଣ୍ଡର ମାଧ୍ୟମରେ ଚୟନ କରିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ଗତବର୍ଷ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ୩୮ ଟି ଏସେଚଜି ଗୋଷ୍ଠିଙ୍କୁ ଚୟନ କଲେ ବିଭାଗୀୟ ଅଧିକାରୀ। ଏହାର କୌଣସି ମାନଦଣ୍ଡ ରହିଲା ନାହିଁ। ସେମାନେ ନିଜେ ପୋଷାକ ତିଆରି କରି ବିଦ୍ୟାଳୟରେ ଦେବେ ବୋଲି ସରକାରଙ୍କ ସ୍ପଷ୍ଟ ନିୟମ ମଧ୍ୟ ରହିଛି। ମାତ୍ର କିଛି ହିନ୍ଦୋଳ ଉପଖଣ୍ଡର ଏସେଚଜି ଗୋଷ୍ଠି ଏହି ପୋଷାକ ଯୋଗାଣ ଲାଗି ଟେଣ୍ଡର ନେଇ ନିଜେ ତିଆରି ନକରି କଲିକତା ଅଞ୍ଚଳରୁ ଆସୁଥିବା ଅତ୍ୟନ୍ତ ନିମ୍ନ ମାନର ହରେକ ମାଲ ପୋଷାକ ଆଣି ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟରେ ପୋଷାକ ଦେଉଥିବା ଦେଖିବାକୁ ମିଳୁଛି। ଶିକ୍ଷା ବିଭାଗର କିଛି ଅଧିକାରୀ ପ୍ରିୟା ପ୍ରୀତି ପୋଷଣ କରି ସେମାନଙ୍କ ଠାରୁ କମସିନ ନେଇ ଅତ୍ୟନ୍ତ ନିମ୍ନ ମାନର ପୋଷାକକୁ ଛାତ୍ର ଛାତ୍ରୀଙ୍କୁ ଦେଉଥିବା ଦେଖିବାକୁ ମିଳୁଛି। ଯାହାକି ବିଭାଗୀୟ ଅଧିକାରୀଙ୍କ ଜ୍ଞାତାସାରରେ ଏହି ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏହିପରି ଦେଖିବାକୁ ଗଲେ ପ୍ରାୟ ଏସେଜି ଗୋଷ୍ଠି କଲିକତା ଅଞ୍ଚଳରୁ ଖୁବ କମ ଦାମର ପୋଷାକ ଆଣି ଛାତ୍ର ଛାତ୍ରୀ ମାନଙ୍କୁ ବିତରଣ କରୁଛନ୍ତି। ଏସଏଚଜି ଗୋଷ୍ଠି ମାନେ ନିଜେ ସ୍ୱାବଲମ୍ବୀ ହେବାପାଇଁ ସେମାନଙ୍କ ଦ୍ୱାରା ପୋଷାକ ତିଆରି କରି ବିଭିନ୍ନ ବିଦ୍ୟାଳୟରେ ପୋଷାକ ଦେବାପାଇଁ ସରକାରୀ ନିୟମ ରହିଥିବା ବେଳେ ଏହାକୁ ତଦନ୍ତ କରିବା ପାଇଁ ଉପଖଣ୍ଡର କୌଣସି ଅଧିକାରୀଙ୍କ ଆନ୍ତରିକତା ନାହିଁ। ପ୍ରକୃତରେ ସେମାନେ ତିଆରି କରି ପୋଷାକ ଦେଉଛନ୍ତି ନା କଲିକତା ଅଞ୍ଚଳର ହରେକ ମାଲ ଯାହାକି ଅତ୍ୟନ୍ତ ନିମ୍ନମାନର ପୋଷାକ ଦେଉଛନ୍ତି ଏହାର ତଦନ୍ତ ହେଉନାହିଁ। ସେମାଙ୍କ ଦ୍ୱାରା ଗୋଟିଏ ପ୍ରକାର ପୋଷାକ ଆଣି ସାମ୍ପୁଲ ଦେଖାଉଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ସେହି ସାମ୍ପୁଲ କୁ ବାଦ ଦେଇ ଅତ୍ୟନ୍ତ ନିମ୍ନ ମାନର ପୋଷାକ ଛାତ୍ର ଛାତ୍ରୀ ମାନଙ୍କୁ ବିତରଣ କରାଯାଉଛି। ଯାହାକି ବିଦ୍ୟାଳୟରେ ଦାୟିତ୍ୱରେ ଥିବା ଶିକ୍ଷକ ମାନଙ୍କ ଜ୍ଞାତ ସାରରେ ହେଉଥିବା ନେଇ ଅଭିଯୋଗ ହେଉଛି। ଏହିପରି ଭାବେ ଉପଖଣ୍ଡର ଶିକ୍ଷା ବିଭାଗରେ ବିଭିନ୍ନ ବିଦ୍ୟାଳୟରେ ଅନିୟମିତତା ବଢିଚାଲିଥିବା ବେଳେ କେବେ ସରକାର ଏହାର ତଦନ୍ତ କରି ଅନିୟମିତତାରେ ଲିପ୍ତ ଥିବା ଅଧିକାରୀ ଓ ଏସଏଚଜି ଗୋଷ୍ଠି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଖଣ୍ଡର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ହିନ୍ଦୋଳ ବିଇଓ ମିନତୀ ଦେହୁରୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଖୁବ କମ ଦିନ ହେଲା ମୁଁ ହିନ୍ଦୋଳ ଦାୟିତ୍ୱ ନେଇଛି। ଗତବର୍ଷ ସରକାରଙ୍କ ଦ୍ୱାରା ଏସେଚଜିମାନଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ମଧ୍ୟ ସେମାନେ ପୋଷାକ ଦେଉଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।




ଶନିବାର ନବୀନ ନିବାସରେ କଟକ ଓ କଳାହାଣ୍ଡି ଜିଲ୍ଲା ବିଜେଡିର ବରିଷ୍ଠ କର୍ମକର୍ତ୍ତା ଓ କର୍ମୀମାନେ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି

## ଶ୍ରୀବିଗ୍ରହଙ୍କୁ ଲାଗି ହେଉଥିବା ଅଳଙ୍କାର

ପୁରୀ,୨୬।୭(ସମିସ):ଶ୍ରୀବଳଭଦ୍ରଙ୍କ ଶ୍ରୀବିଗ୍ରହରେ ସନ୍ନିବେଶିତ ହେଉଥିବା ଅଳଙ୍କାରଗୁଡ଼ିକ ହେଲା ଶ୍ରୀପୟର, ଶ୍ରୀଭୂଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି (ଲୁଗାକୁ ଠିକ୍ ଭାବେ ବାନ୍ଧି ରଖିବା ପାଇଁ), ହଳ, ମୂଷଳ, ବାହାଡ଼ାମାଳି, ବାଘନଖମାଳି, ସେବତିମାଳି ଓ ତ୍ରିଖଣ୍ଡିକା କମରପଟି। ଦେବୀ ସୁଭଦ୍ରା ଲାଗି ହେଉଥିବା ଅଳଙ୍କାରଗୁଡ଼ିକ ହେଲା କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ାମାଳି, କଦମ୍ବମାଳି, ତଡ଼ଗି ୨ଟି ଓ ସେବତିମାଳି। ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହରେ ଲାଗି ହେଉଥିବା ଅଳଙ୍କାରଗୁଡ଼ିକ ହେଲା ଶ୍ରୀପୟର, ଶ୍ରୀଭୂଜ, କିରୀଟ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ାମାଳି, ତାବିଜମାଳି, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡ଼ାମାଳି, ସେବତିମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣଚକ୍ର, ରୌପ୍ୟ ଶଙ୍ଖ ଓ ତ୍ରିଖଣ୍ଡିକା କମରପଟି।

**ବାହୁଡ଼ାରେ ପୁଣି ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବର୍ଷିଲା ବିଜେଡି**

# ରଥଯାତ୍ରା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ

ଭୁବନେଶ୍ୱର,୨୬।୭(ସମିସ): ଚଳିତବର୍ଷର ରଥଯାତ୍ରା ପରିଚାଳନାକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା ରଥଯାତ୍ରାରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବିଜେପି ସରକାର ଉପରେ ବର୍ଷିଛନ୍ତି। ଦଳ ପକ୍ଷରୁ କୁହାଯାଇଛି ଯେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟର ଡବଲ୍ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚଳିତ ବର୍ଷ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି।

ଶ୍ରୀ ଦାସବର୍ମା କହିଥିଲେ ଯେ, ରଥଯାତ୍ରାରେ ବାରମ୍ବାର ଅବ୍ୟବସ୍ଥା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି। ଗତ ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ପୁଣି ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏତେ ପରେ ବି ରାଜ୍ୟ



- ଶ୍ରୀଜଗନ୍ନାଥଙ୍କ ଇଚ୍ଛା କହି ଖସିଯିବାକୁ ଅପଚେଷ୍ଟା
- ଦଳାଚକଟା ମୃତ୍ୟୁକୁ ଶ୍ୱାସରୁଦ୍ଧ କହିବା ନିନ୍ଦନୀୟ
- ସମସ୍ତ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି

ସରକାର ନିଜ ଭୁଲକୁ ସ୍ୱୀକାର କରୁନାହାଁନ୍ତି। ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୱାସରୁଦ୍ଧ ହୋଇ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ନେଇ ରାଜ୍ୟବାସୀଙ୍କୁ ମିଥ୍ୟା କହି ଭ୍ରମିତ କରୁଛନ୍ତି। ରଥଯାତ୍ରା ସମୟରେ ଦଳାଚକଟାରେ ମୃତ୍ୟୁକୁ ରାଜ୍ୟ ସରକାର ସ୍ୱୀକାର କରୁନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମୁଖା ଖୋଲିଦେଇଛି। ରଥଯାତ୍ରା ପରିଚାଳନା ନେଇ ଅତୀତର ତ୍ରୁଟିରୁ ରାଜ୍ୟ ସରକାର କିଛି ଶିକ୍ଷା ଗ୍ରହଣ କରିଲେ ନାହିଁ। ସରକାରଙ୍କ ଅବହେଳାରୁ ବାହୁଡା ଯାତ୍ରାରେ ପୁଣି ଦଳାଚକଟା ଘଟି ଜଣେ ଶ୍ରଦ୍ଧାଳୁଙ୍କ ଜୀବନ ଗଲା। ବଡ଼ଦାଣ୍ଡର ପରିମଳ ବ୍ୟବସ୍ଥା ଠିକ୍ ନ ଥିଲା। ବଗଲା ଧର୍ମଶାଳା ସମ୍ମୁଖରେ ଅଇଁଠା ଖଲି ପଡିଥିଲା। ମା' ସୁଭଦ୍ରାଙ୍କ ରଥ ଆସିବା ବେଳେ ଖଲି ମାଡ଼ି ଲୋକେ ତଳେ ପଡିଯିବାରୁ ଦଳାଚକଟା ଆରମ୍ଭ ହୋଇଥିଲା। ଏହା ବ୍ୟତୀତ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପୂର୍ବରୁ ମୃତ୍ୟୁର କାରଣ ନେଇ ରାଜ୍ୟ ସରକାର କିପରି ବିବୃତ୍ତି ପ୍ରଦାନ କରୁଛନ୍ତି ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ମୃତ୍ୟୁକୁ ନେଇ ମିଛ କହିଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ଅସ୍ୱୀକାର କରି ମିଛ କହୁଛନ୍ତି। ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ ଏବଂ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ତୁଷାରକାନ୍ତି ବେହେରା କହିଥିଲେ ଯେ ୨୦୨୪ ମସିହା ରଥଯାତ୍ରାରେ ପହଣ୍ଡି ସମୟରେ ଚାରମାଳରୁ ବଡ଼ଠାକୁର ପ୍ରଭୁ ବଳଭଦ୍ର ପଡିଯିବା, ପୂର୍ବତନ ରାଜ୍ୟପାଳଙ୍କ ପୁଅ ଏଏସଓଙ୍କୁ ମାଡ଼ ମାରିବା, ୨୦୨୫ ରଥଯାତ୍ରାରେ ଶରଧାବାଲିରେ ଦଳାଚକଟା ଘଟି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଆଦି ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇ ନାହିଁ। ଚଳିତ ବର୍ଷ ରଥଯାତ୍ରାରେ ୩ ଜଣ ଓ ବାହୁଡ଼ା ଯାତ୍ରାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ତେଣୁ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେ ଦାବି କରିଛନ୍ତି।

## ଦେଶର ଛାତ୍ରଛାତ୍ରୀ ଧର୍ମେନ୍ଦ୍ରଙ୍କୁ ବିଦା କଲେ: ଭକ୍ତ

ଭୁବନେଶ୍ୱର,୨୬।୭(ସମିସ): ଦେଶର ଛାତ୍ରସମାଜର ନ୍ୟାୟୋଚିତ ଆନ୍ଦୋଳନ, କଂଗ୍ରେସ ଦଳର ଦେଶବ୍ୟାପି ବିକ୍ଷୋଭ ଯୋଗୁଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପ୍ରଦାନ ଗଣତନ୍ତ୍ରର ବିଜୟ। ତେବେ ଏହା ପ୍ରକୃତରେ ଇସ୍ତଫା ନୁହେଁ, ଦେଶର ଅଗଣିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ତାଙ୍କର ବହିଷ୍କାର। ଏହା ଆରମ୍ଭ



ପଦକ୍ଷେପ ନେଇନାହାନ୍ତି। ତେଣୁ କେବଳ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାରେ କଂଗ୍ରେସ ଦଳର ଆନ୍ଦୋଳନ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ଓଡ଼ିଶାର ସ୍କୁଲ୍ ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ଭୁଲ୍ କରି ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସରକାର ଅନ୍ଧକାର ମଧ୍ୟକୁ

- ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦଙ୍କୁ ବିଦା ନ କଲେ ଆନ୍ଦୋଳନ
- ଭୁବନେଶ୍ୱରରେ ଯନ୍ତରମନ୍ତର ପରିବେଶ ସୃଷ୍ଟି ହେବ

ମାତ୍ର। ଦେଶର ଶିକ୍ଷାବବ୍ୟବସ୍ଥାର ଗୈରୀକରଣ ନାମରେ ଦେଶର ଯୁବସମାଜର ଗରୀବକରଣ କରାଇ ମୋଦୀ ସରକାର ଯେଉଁ ପାପ କରିଛନ୍ତି, ତା'ର ପ୍ରାୟଶ୍ଚିତ ନ କଲେ ଦେଶର ଯୁବଛାତ୍ର ସମାଜ ତଥା କଂଗ୍ରେସ ଦଳ ଅଟକିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଥିଲେ, ନିଟ୍-ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ୨୪ ଜଣ ଛାତ୍ରଛାତ୍ରୀଙ୍କ ଆମ୍ହତ୍ୟାକୁ ନେଇ ଦେଶର ପ୍ରଧାନମନ୍ତ୍ରୀ ଅନୁତପ୍ତ ହାଇେନାହାନ୍ତି କି ଯନ୍ତରମନ୍ତରଠାରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ଦମନଲୀଳା କରିଥିବା ପୁଲିସ ଅଧିକାରୀ ଓ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିନାହାନ୍ତି। ଦେଶର ଶିକ୍ଷାବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ାଇ ଦେଇଥିଲେ ମଧ୍ୟ ତା'ର ନିରାକରଣ ପାଇଁ କୌଣସି ଠେଲିଦେଇଥିଲେ ହେଁ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ସୁଦ୍ଧା ଦେଇନାହାନ୍ତି। ଯେ ପର୍ଯ୍ୟନ୍ତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେଇନାହାନ୍ତି ସେ ଯାଏ ରାଜ୍ୟରେ କଂଗ୍ରେସ ଆହୁରି ଜୋରଦାର ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଓଡ଼ିଶାରେ ସ୍କୁଲ ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ତ୍ରୁଟି ସତ୍ତ୍ୱେ ରାଜ୍ୟର ଯୁବଛାତ୍ର ସମାଜ ଭୁବନେଶ୍ୱରରେ ଏକ ଯନ୍ତରମନ୍ତର ପରି ପରିବେଶ ସୃଷ୍ଟି ନ କରିବା ଆଶ୍ଚର୍ଯ୍ୟଜନକ। ତେବେ ଆଶା, ବିଳମ୍ବରେ ହେଲେ ମଧ୍ୟ ରାଜ୍ୟର ଯୁବଛାତ୍ର ବର୍ଗ ତେଜିବେ। କଂଗ୍ରେସ ଦଳ କେବଳ ମନ୍ତ୍ରୀଙ୍କ ଇସ୍ତଫା ଦାବି ନୁହେଁ, ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ସଂସ୍କାରିତ କରିବା ପାଇଁ ଆନ୍ଦୋଳନ କରିଚାଲିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ଧର୍ମେନ୍ଦ୍ରଙ୍କ ଇସ୍ତଫା ବନାମ ଟୁଇଟ୍ ଝଡ଼

**ଝିଅ ଅର୍ଚ୍ଚିତାଙ୍କ ଇନ୍‌ଷ୍ଟା ପୋଷ୍ଟକୁ ନେଇ ଅଡୁଆରେ ଅପରାଜିତା**


ଭୁବନେଶ୍ୱର,୨୬।୭(ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଜାରି ରହିଥିବା ଆନ୍ଦୋଳନ ମଧ୍ୟରେ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ତାଙ୍କର ଏହି ଇସ୍ତଫା ପରେ ସୌଜନ୍ୟତା ଦୃଷ୍ଟିରୁ ଦଳର ବହୁ ବରିଷ୍ଠ ନେତା ଧର୍ମେନ୍ଦ୍ରଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିଛନ୍ତି । ବିଜେପି ରାଷ୍ଟ୍ରୀୟ ସଭାପତି ନିତିନ ନବୀନଙ୍କଠାରୁ ଆରମ୍ଭ କରି ଗୃହମନ୍ତ୍ରୀ ଅମିତ୍ ଶାହ ଓ ଅନେକ କେନ୍ଦ୍ରୀୟ ନେତା ଧର୍ମେନ୍ଦ୍ରଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ଟୁଇଟ୍ କରିଛନ୍ତି। ପିୟୂଷ ଗୋଏଲ ତାଙ୍କ ଘରକୁ ଯାଇ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଧର୍ମେନ୍ଦ୍ରଙ୍କ ପ୍ରଶଂସାରେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ରାଜ୍ୟର ଅନ୍ୟ କିଛି ନେତା ମଧ୍ୟ ସୌଜନ୍ୟତା ଦେଖାଇଛନ୍ତି ।

ମାତ୍ର ଧର୍ମେନ୍ଦ୍ରଙ୍କ ଇସ୍ତଫାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଝିଅ ଅର୍ଚ୍ଚିତା ଷଡ଼ଙ୍ଗୀଙ୍କ ଇନଷ୍ଟାଗ୍ରାମ୍ ପୋଷ୍ଟ କିନ୍ତୁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି । ଧର୍ମେନ୍ଦ୍ରଙ୍କୁ ଉପହାସ କଲା ଭଳି ପୋଷ୍ଟ କରିଛନ୍ତି ଅପରାଜିତାଙ୍କ ଝିଅ । ଧର୍ମେନ୍ଦ୍ରଙ୍କ ଇସ୍ତଫା ଖବର ପ୍ରଚାରିତ ହେଲା କ୍ଷଣି ଅର୍ଚ୍ଚିତା ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ଧର୍ମେନ୍ଦ୍ରଙ୍କ ଇସ୍ତଫା ସମ୍ପର୍କିତ ଏକ ଖବରକୁ ସେୟାର କରିବା ସହ 'ଜୟ ହିନ୍ଦ' ବୋଲି ଲେଖିଛନ୍ତି। ଏହାସହ ସେ ସେୟାର କରିଥିବା ଏହି ପୋଷ୍ଟକୁ ଡିଲିଟ୍ କରିବେ ନାହିଁ ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ଅନ୍ୟ ଏକ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି ଯେ ଏହି ପୋଷ୍ଟ ପରେ, କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଏହି ଷ୍ଟୋରୀ ଡିଲିଟ୍

**ସାମାଜିକ ଗଣମାଧ୍ୟମରେ ସରଗରମ୍ ଚର୍ଚ୍ଚା**

କରିବା ପାଇଁ ନିଶ୍ଚୟ ମେସେଜ୍ କରିବେ। ଏହା ପୂର୍ବରୁ ମଧ୍ୟ ଏଭଳି ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ତେବେ ଏହା ସତ୍ତ୍ୱେ ସେ କୌଣସି ମତେ ପୋଷ୍ଟ ଡିଲିଟ୍ କରିବେ ନାହିଁ ବୋଲି ଉଲ୍ଲେଖ କରିବା ସହ 'ଜୟ ଜଗନ୍ନାଥ' 'ଜୟ ହିନ୍ଦ' ବୋଲି ଉଲ୍ଲେଖ କରିଛନ୍ତି। କୌତୁହଳର କଥା ହେଉଛି ଅର୍ଚ୍ଚିତା ଏହାସହ ନିଜ ମା'ଙ୍କ ସହ ହୋଇଥିବା ହ୍ୱାଟସଆପ୍ ଚାଟ୍‌ର ଏକ ସ୍କ୍ରିନସଟ୍ ମଧ୍ୟ ସେୟାର କରିଛନ୍ତି।

ଅର୍ଚ୍ଚିତାଙ୍କ ଏହିସବୁ ପୋଷ୍ଟରୁ ଯାହା ବୁଝାପଡୁଛି- ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ




ଅର୍ଚ୍ଚିତା କରିଥିବା ସମ୍ମାନହାନୀ ହେଲା ଭଳି ପୋଷ୍ଟକୁ ଡିଲିଟ୍ କରିବା ପାଇଁ ଧର୍ମେନ୍ଦ୍ରଙ୍କ ପିଏ/ପିଏସ୍ ଅପରାଜିତା ଷଡ଼ଙ୍ଗୀଙ୍କୁ ଅନୁରୋଧ କରିଛନ୍ତି । ଏକଥା ଝିଅ ଅର୍ଚ୍ଚିତାଙ୍କୁ ଜଣାଇଲା ପରେ ସେ ମନା କରିଛନ୍ତି । ପୂର୍ବରୁ କେବେ ବୋଧେ ତାଙ୍କର ଏକ ମେସେଜ୍ ଡିଲିଟ୍ କରିବାକୁ ଧର୍ମେନ୍ଦ୍ରଙ୍କ ପିଏ ତାଙ୍କ ମାମାଙ୍କୁ ବାଧ୍ୟ କରିଥିଲେ। ଆଉ ମାମା କହିଲା ପରେ ସେହି ପୋଷ୍ଟ ଡିଲିଟ୍ କରିବାକୁ ବାଧ୍ୟ ହୋଇଥିଲେ । ମାତ୍ର ଏଥରର ମେସେଜ୍ ଡିଲିଟ୍ କରିବାକୁ ସେ ମନା କରୁଛନ୍ତି । ଓଲଟି ଧର୍ମେନ୍ଦ୍ରଙ୍କ ପିଏଙ୍କ ଉଦ୍ଦେଶ୍ୟରେ ଅର୍ଚ୍ଚିତା ଲେଖିଛନ୍ତି ଯେ- ମୁଁ ଖାତିର କରିବାର ନାହିଁ। ଯାହା ଲେଖିଛି ଡିଲିଟ୍ କରିବି ନାହିଁ।

ଅର୍ଚ୍ଚିତାଙ୍କର ଏହି ଇନଷ୍ଟାଗ୍ରାମ ପୋଷ୍ଟ ଭାଇରାଲ୍ ହେବା ପରେ ବିଜେପି ଶୀର୍ଷ ନେତୃତ୍ୱଙ୍କ ଆଡୁ ଅପରାଜିତାଙ୍କୁ ତାଗିଦ୍ କରାଯାଇଥିବା ଜଣାପଡ଼ିଛି। ଯଥାଶୀଘ୍ର ପୋଷ୍ଟଗୁଡ଼ିକୁ ଡିଲିଟ୍ କରିବାକୁ ନିର୍ଦ୍ଦେଶ ମଧ୍ୟ ମିଳିଛି। ଏହା ପରେ ଅର୍ଚ୍ଚିତାଙ୍କ ଆକାଉଣ୍ଟ ପ୍ରାଇଭେଟ୍ ହୋଇଯାଇଛି। ଏମିତି କି ଘଟଣା ପରେ ଅପରାଜିତା ଷଡ଼ଙ୍ଗୀ ନିଜେ ଏକ ପୋଷ୍ଟ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ କାର୍ଯ୍ୟର ପ୍ରଶଂସା କରିଛନ୍ତି। ଏଭଳି ସମୟରେ ଅପରାଜିତା ତାଙ୍କ ସହ ଥିବା ଉଲ୍ଲେଖ କରିଛନ୍ତି।

ଏହି ଘଟଣାଟି ଧର୍ମେନ୍ଦ୍ର-ଅପରାଜିତାଙ୍କ ମଧ୍ୟରେ କୁହାଯାଉଥିବା ତିକ୍ତ ସମ୍ପର୍କ ପଦାକୁ ଆଣିଥିଲା ବେଳେ ଅପରାଜିତାଙ୍କ ପାଇଁ କିନ୍ତୁ ଅଡୁଆ ସୃଷ୍ଟି କରିଛି । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ତାଙ୍କର ସମ୍ଭାବ୍ୟ ପ୍ରବେଶ ପଥରେ ଏହା ବାଧା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି।

## କ୍ଷେତ୍ରସ୍ତରରେ ସାର ଯୋଗାଣର ସ୍ଥିତି ଅନୁଧ୍ୟାନ କରିବ କଂଗ୍ରେସ

ଭୁବନେଶ୍ୱର,୨୬।୭(ସମିସ): ସମ୍ପ୍ରତି ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ହେତୁ ରୁଆ ବେଉଷଣ କାର୍ଯ୍ୟ ଅଗ୍ରଗତି କରିଚାଲିଛି। କିନ୍ତୁ ଠିକ୍ ସମୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ମିଳୁନାହିଁ। ଫଳରେ ଚାଷୀ କଳାବଜାରୀର ଶିକାର ହେଉଛି। ସରକାର ଠିକଣା ଢ଼ଙ୍ଗରେ ଚାଷୀଙ୍କୁ ଯଥେଷ୍ଟ ସାର ଯୋଗାଇ ଦେଉଥିବା କହୁଥିବା ବେଳେ କ୍ଷେତ୍ରସ୍ତରରେ ଏହା ବାସ୍ତବ ସ୍ଥିତି ଭିନ୍ନ ରହିଛି ବୋଲି ରାଜ୍ୟ କଂଗ୍ରେସର ସମବାୟ ପ୍ରକୋଷ୍ଠ କହିଛି। ପ୍ରକୋଷ୍ଠ ମୁଖ୍ୟ ଅମୀୟ ପଟ୍ଟନାୟକ କହିଛନ୍ତି, ଚାଷ ତରତର ବଣିଜ ମଠ। ତେଣୁ ଏହି ସମୟରେ ଆବଶ୍ୟକ ପରିମାଣର ରାସାୟନିକ ସାର ଯଥା ୟୁରିଆ, ପଟାସ, ଗ୍ରୋମର ପ୍ରଭୃତି କମ୍ପ୍ଲେକ୍ସ ସାର ନିର୍ଦ୍ଧାରିତ ମୂଲ୍ୟ ଓ ସମୟରେ ଚାଷୀଙ୍କୁ ଯୋଗାଇ ଦିଆଯିବା ଦରକାର। ଏହାକୁ ଆଧାର କରି ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ଇତି ମଧ୍ୟରେ ନୟାଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗିର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାକୁ ଗସ୍ତ କରିଛନ୍ତି। କ୍ଷେତ୍ରସ୍ତରରେ ଚାଷୀମାନଙ୍କ ଏହି ସମସ୍ୟା ବୁଝିବା ସହିତ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ନିକଟରେ କଂଗ୍ରେସ ପକ୍ଷରୁ ଚାଷୀଙ୍କର ହକ୍ ପାଇଁ ଦାବି ଉପସ୍ଥାପନ କରିବ। ଏହି ଗସ୍ତ ସମୟରେ ଜିଲ୍ଲାସ୍ତରରେ ସମବାୟବିତ୍, କଂଗ୍ରେସ ନେତୃବୃନ୍ଦ, କର୍ମକର୍ତ୍ତା ଓ କର୍ମୀମାନଙ୍କ ସହିତି ଆଲୋଚନା କରାଯାଇ ସମବାୟ କ୍ଷେତ୍ରକୁ କିପରି ସୁଦୃଢ଼ ଓ ଏହାର ସୁପରିଚାଳନା, ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଏବଂ ସମବାୟ ସମିତି ସଭ୍ୟ/ସଭ୍ୟାମାନଙ୍କର ଅଧିକାରକୁ ନେଇ ସାମଗ୍ରିକ ବିକାଶ ସମ୍ପର୍କରେ ବଳିଷ୍ଠ ପଦକ୍ଷେପ ନେବା ଦିଗରେ କଂଗ୍ରେସ ସଂଗ୍ରାମ ଜାରି ରଖିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ କହିଛନ୍ତି।

## ଶୟନ ଗଲେ ହରି: ଆରମ୍ଭ ହେଲା ଅଶୁଭ କାଳ

**ଆଜି ଶୟନ ଯିବେ ଗରୁଡ଼**

ପୁରୀ,୨୬।୭(ସମିସ): ସନାତନ ପରମ୍ପରାରେ ସୁନାବେଶ ଦିନ ଅର୍ଦ୍ଧରାତିରୁ ଚତୁର୍ମାସ୍ୟା ବ୍ରତ ଆରମ୍ଭ ହୁଏ। ଏହି ଦିନଠାରୁ ମହାପ୍ରଭୁ ଶୟନ ଯାଇଥା'ନ୍ତି। ଏହାକୁ ହରିଶୟନ ଏକାଦଶୀ କୁହାଯାଏ। ଶନିବାରଠାରୁ ହରିଶୟନ କରିଛନ୍ତି। ୪ ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥା'ନ୍ତି। ଠାକୁରଙ୍କର ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନୀ, ସାଧୁସନ୍ଥ, ମହାପୁରୁଷ, ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚତୁର୍ମାସ୍ୟା ବ୍ରତ ପାଳନ କରିଥା'ନ୍ତି। ଏହି ସମୟରେ ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥା'ନ୍ତି। ଏଥିସହ ପଠନ ଓ ପାଠନରେ ସମୟ ବିତାଇଥା'ନ୍ତି। ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରନ୍ତି। ଜ୍ୟୋତିଷ ଶାସ୍ତ୍ର ମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭ କାର୍ଯ୍ୟ ଅର୍ଥାତ୍ ଯଜ୍ଞ, ବିବାହ, ଗୋଦାନ ଆଦି ହୁଏ ନାହିଁ। ସୂର୍ଯ୍ୟଙ୍କର ଉତ୍ତରାୟଣ ହେଲେ ପୁଣି ଶୁଭ କାର୍ଯ୍ୟ ଆରମ୍ଭ ହୁଏ। ମହାପ୍ରଭୁଙ୍କର ରଥ ଉପରେ ସୁନାବେଶ ଓଲାଗି ପରେ ଚନ୍ଦନ ଲାଗି, ବଡ଼ସିଂହାର ବେଶ ଓ ଭୋଗ ହୋଇଥାଏ। ମହାସ୍ନାନ ପୂଜା ଠା ପରେ ଶୟନ ଠାକୁର ରଥକୁ ବିଜେ ହୋଇଥା'ନ୍ତି। ରଥରେ ନୀତି ସରିବା ପରେ ଅର୍ଦ୍ଧରାତିରେ ମହାପ୍ରଭୁଙ୍କଠାରୁ ଆଜ୍ଞା ନେଇ ଶୟନ ଯାଇଥା'ନ୍ତି। ଭାଦ୍ରବ ମାସ ଶୁକ୍ଳ ଏକାଦଶୀ ଦିନ ଠାକୁର ପାଶ୍ୱର୍ ପରିବର୍ତ୍ତନ ଅର୍ଥାତ୍ କଡ଼ ଲେଉଟାଇଥା'ନ୍ତି। ତେଣୁ ଏହାକୁ ପାଶ୍ୱର୍ ପରିବର୍ତ୍ତନ ଏକାଦଶୀ କୁହାଯାଏ। କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଠାକୁର ନିଦ୍ରା ତ୍ୟାଗ କରି ଉଠିଥା'ନ୍ତି। ଏହାକୁ ଦେବ ଉତ୍‌ଥାପନ ଏକାଦଶୀ କୁହାଯାଏ। ଶାସ୍ତ୍ର ଅନୁସାରେ ଯେଉଁମାନେ ପବିତ୍ର ମନରେ ହରିଶୟନ ଏକାଦଶୀ ବ୍ରତ ପାଳନ କରିଥା'ନ୍ତି ତାଙ୍କର ମନସ୍କାମନା ପୂର୍ଣ୍ଣ ହେବା ସହ ସମସ୍ତ ପାପ କ୍ଷୟ ହୋଇଥାଏ। ସେହିପରି ହରିଶୟନ ଏକାଦଶୀ କଥା ପଢ଼ିବା ଓ ଶୁଣିବା ଦ୍ୱାରା ସହସ୍ର ଗୋଦାନ ତୁଲ୍ୟ ପୁଣ୍ୟ ଫଳପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ରବିବାରଠାରୁ ଗରୁଡ଼ ଶୟନ ଯିବେ। ଏହାକୁ ଗରୁଡ଼ ଶୟନ ନୀତି କୁହାଯାଏ।

## ଶ୍ମଶାନରୁ ବଡ଼ଭାଇର ଶବ ଜବତ; ସାନ ଅଟକ

କଣିହାଁ,୨୬।୭(ସମିସ): ଅନୁଗୋଳ ଜିଲ୍ଲା ରେଙ୍ଗାଲି ଥାନା ସୁସୁବା ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଦୀପକ ଦେହୁରୀ। ମୃତଦେହ ଶ୍ମଶାନରେ ପୋତାଯାଇଥିବା ସୂଚନା ମିଳିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ ଦୀପକଙ୍କ ସାନଭାଇ ସିପୁ ଦେହୁରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଶୁକ୍ରବାର ଦୀପକଙ୍କୁ ତାଙ୍କ ପରିବାର ଲୋକେ ଘରେ ମୃତ ଅବସ୍ଥାରେ ଦେଖିଥିଲେ। ପରେ ଗ୍ରାମ ଶ୍ମଶାନରେ ମୃତଦେହ ପୋତି ଦେଇଥିଲେ। ଖବର ପାଇ ରେଙ୍ଗାଲି ଥାନା ଆଇଆଇସି ଚଞ୍ଚଳା ନାୟକ, ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ପୁଷ୍ପିତା ମଧୁସ୍ମିତା ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରିଥିଲେ। ସନ୍ଧ୍ୟାରେ ପୁଲିସ ଶ୍ମଶାନରୁ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ମୃତକଙ୍କ ମା' ମଲ୍ଲୀ ଦେହୁରୀ ଓ ଭାଇ ଲିପୁନ କୁମାର ଦେହୁରୀ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଜେଟିପି-ପୁଲିସ ବିବାଦ; ୨ ଘଣ୍ଟା ନୀତି ବିଳମ୍ବ

ପୁରୀ,୨୬।୭(ସମିସ): ଚଳିତ ବର୍ଷ ରଥଯାତ୍ରାକୁ ଅଘଟଣ ଓ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ସତ୍ତ୍ୱେ ବିବାଦ, ବିଭ୍ରାଟ କିନ୍ତୁ ପିଛା ଛାଡୁନି। ନୀତିକାନ୍ତି ବିଳମ୍ବ, ଅଘଟଣରେ ଭକ୍ତଙ୍କ ମୃତ୍ୟୁ, ରାତି ୧୧ଟାରେ ରଥଟଣା ଭଳି ପ୍ରସଙ୍ଗକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରାଯାଉଥିବାବେଳେ ସୁନାବେଶ ଦିନ ପୁଣି ଏକ ବିବାଦ ଅଧିକାରୀଙ୍କ ଚିନ୍ତାର ବିଷୟ ପାଲଟିଛି। ଜେଟିପି-ପୁଲିସ ମଧ୍ୟରେ ଏହି ବିବାଦର ପ୍ରଭାବ ଠାକୁରଙ୍କ ନୀତିକାନ୍ତିକୁ ମଧ୍ୟ ପ୍ରଭାବିତ କରିଛି। ଫଳରେ ରଥ ଉପରେ ସନ୍ଧ୍ୟା ଧୂପ ନୀତି ୨ ଘଣ୍ଟାରୁ ଉର୍ଦ୍ଧ୍ୱ ବିଳମ୍ବ ହୋଇଥିଲା। ସୂଚନା ଅନୁଯାୟୀ, ସେବାୟତଙ୍କୁ ଚିହ୍ନଟ କରି ଛାଡ଼ିବା ପାଇଁ କପାଳମୋଚନ ମନ୍ଦିର ନିକଟ ପରିକ୍ରମା ମାର୍ଗ ପ୍ରବେଶ ପଥରେ ଜେଟିପି ମୁତୟନ ଥିଲେ। ସେଠାରେ ପୁଲିସ କର୍ମଚାରୀ ବି ନିୟୋଜିତ ହୋଇଥିଲେ। ଏହି ସମୟରେ ସେବାୟତ ଆସିଥିଲେ। ତାଙ୍କ ସହିତ କିଛି ଶ୍ରଦ୍ଧାଳୁ ମଧ୍ୟ ଥିଲେ। ହେଲେ ସେମାନଙ୍କୁ ପୁଲିସ ଛାଡ଼ି ନ ଥିଲା। ଏଥିରେ ଜେଟିପି ହସ୍ତକ୍ଷେପ କରିଥିଲେ। ଫଳରେ ସମ୍ପୃକ୍ତ ଜେଟିପିଙ୍କୁ ପୁଲିସ ସେଠାରୁ ପଳାଇଯିବାକୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ବିବାଦର ସୂତ୍ରପାତ ହୋଇଥିଲା। ଏହି ବିବାଦ କ୍ରମଶଃ ବଢ଼ିଥିଲା। ଏପରିକି ଠେଲାପେଲା ହୋଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ତେବେ ଏହାକୁ ନେଇ ସମ୍ପୃକ୍ତ ଜେଟିପି ତାଙ୍କ ସହକର୍ମୀମାନଙ୍କୁ ଜଣାଇବା ପରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଜେଟିପିମାନେ ମିଶି ଅସହଯୋଗ କରିଥିଲେ। ଫଳରେ ସେମାନେ ପାଳିଆ ସେବାୟତଙ୍କୁ ଡାକି ଯାଇ ନ ଥିଲେ। ଏହି ଖବର ଅଧିକାରୀମାନଙ୍କ ପାଖରେ ପହଞ୍ଚିଥିଲା। ଏହାର ସମାଧାନ ପାଇଁ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଗାରଦରେ ପହଞ୍ଚିଥିଲେ। ସେଠାରେ ସମାଧାନ ପାଇଁ ଆଲୋଚନା ଚାଲିଥିବାବେଳେ ଏପଟେ ରଥ ଉପରେ ସନ୍ଧ୍ୟାଧୂପ ନୀତି ଅଟକି ରହିଥିଲା। ରାତି ୮ଟାରୁ ୯ଟା ମଧ୍ୟରେ ସନ୍ଧ୍ୟା ଧୂପ ସରିବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ଏହାପରେ ୯ଟା ୧୫ରେ ମହାଦୀପ ବନ୍ଦାପନା ହୋଇ ରାତି ୧୦ରୁ ୧୧ଟା ମଧ୍ୟରେ ସୁନାବେଶ ମଇଲମ ଲାଗି ସ୍ଥିର କରାଯାଇଥିଲା। କିନ୍ତୁ ଜେଟିପି-ପୁଲିସ ମଧ୍ୟରେ ବିବାଦର ସମାଧାନ ପାଇଁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ବୁଝାସୁଝା ପରେ ଆପୋଷ ସମାଧାନ କରାଯାଇ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା।

# ଏକ ଭିନ୍ନ ପ୍ରେମ କାହାଣୀ 'ଏତିକି ଥିଲା'

ଓଡ଼ିଆ ସିନେମା ଜଗତରେ ବିଗତ କିଛି ବର୍ଷ ଧରି ଉଚ୍ଚମାନର ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଉଥିବା ଓଡ଼ିଆର ପ୍ରସିଦ୍ଧ ପ୍ରଯୋଜନା ସଂସ୍ଥା 'ଅମୀୟ ପଟ୍ଟନାୟକ ପ୍ରଡକସନ୍ସ' ଏବେ ନିଜର ଏକ ନୂଆ ଚଳଚ୍ଚିତ୍ରର ଘୋଷଣା କରି ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି କରିଛି। ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଏହି ପ୍ରଯୋଜନା ସଂସ୍ଥାର ଆଗାମୀ ଓଡ଼ିଆ ଚଳଚ୍ଚିତ୍ର 'ଏତିକି ଥିଲା'ର ସ୍କ୍ରିପ୍ଟ ପୂଜା ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ପୁରୁଣା ପରମ୍ପରାକୁ ବଜାୟ ରଖି ଭୁବନେଶ୍ୱରର ନୂଆପଲ୍ଲୀ ସ୍ଥିତ ଆରାଧ ଦେବତା ସଙ୍କଟ ମୋଚନ ହନୁମାନ ମନ୍ଦିରରେ ଏହି ପୂଜା ସମ୍ପନ୍ନ ହୋଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ପ୍ରଯୋଜନା ସଂସ୍ଥାର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସିନେମାର ଆଗାମୀ ଯାତ୍ରାର ସଫଳତା କାମନା କରିଥିଲେ। ଆଧୁନିକ ଓଡ଼ିଆ ଦର୍ଶକ ସର୍ବଦା ନୂଆ କାହାଣୀ ଖୋଜୁଛନ୍ତି। ତାହାକୁ ଦୃଷ୍ଟିରେ ରଖି ନିର୍ମାଣ ହେବାକୁ ଯାଉଥିବା 'ଏତିକି ଥିଲା' ହେଉଛି ଏକ ଆବେଗପୂର୍ଣ୍ଣ ଏବଂ ଜଟିଳ ପ୍ରେମ କାହାଣୀ। ଏହି ସିନେମାରେ ମୁଖ୍ୟ ଭୂମିକାରେ ବର୍ଷା ପଟ୍ଟନାୟକ, ଅଭିନେତା ଦୀପନ୍ୱିତ ଦାଶମହାପାତ୍ର ଏବଂ ଅଭିଷେକ ପଣ୍ଡା ପ୍ରମୁଖ ଅଭିନୟ କରିବେ। ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ ଏହାର ନିର୍ଦ୍ଦେଶନା ଦାୟିତ୍ୱ ନେଇଥିବା ବେଳେ ପ୍ରଯୋଜକ ଅନୁପମ ପଟ୍ଟନାୟକ ଏବଂ ବର୍ଷା ପଟ୍ଟନାୟକ ଏହାର ନିର୍ମାଣ କରୁଛନ୍ତି। ସେହିପରି ସଙ୍ଗୀତ ନିର୍ଦ୍ଦେଶକ ସନ୍ଦୀପ ପଣ୍ଡା ସଙ୍ଗୀତ ସଜାଇ ଥିବା ବେଳେ ବିଷ୍ଣୁ ସାହୁ ସିନେମାଟୋଗ୍ରାଫି ଭାର ସମ୍ଭାଳିବେ। ଉନ୍ନତମାନର କାହାଣୀ ଓ ଚିତ୍ରନାଟ୍ୟ ମାଧ୍ୟମରେ 'ଏତିକି ଥିଲା' ନିଶ୍ଚିତ ରୂପେ ଓଡ଼ିଆ ସିନେପ୍ରେମୀଙ୍କ ହୃଦୟ ଜିଣିବାରେ ସଫଳ ହେବ ବୋଲି ପ୍ରଯୋଜନ ସଂସ୍ଥା କହିଛି । ଅନ୍ୟପଟେ ସେପ୍ଟେମ୍ବର ୧୧ ତାରିଖ ଅର୍ଥାତ୍ ଗଣେଶ ପୂଜା ଅବସରରେ ଏହି ବ୍ୟାନରର ବହୁ ପ୍ରତୀକ୍ଷିତ ହରର୍-ଥ୍ରିଲର୍ ସିନେମା 'ଦହନ- ଦି ଇଭିଲ୍ ୱିଦିନ୍' ମଧ୍ୟ ପରଦାକୁ ଆସିବାକୁ ପ୍ରସ୍ତୁତ ହେଉଛି। ■



# ଜୁଲାଇ ୨୭ରୁ 'ଶ୍ରାବଣୀ'

ଜୀ ସାର୍ଥକରେ ଜୁଲାଇ ୨୭ ତାରିଖ ସନ୍ଧ୍ୟା ୭ଟା ୩୦ ମିନିଟରେ ପ୍ରସାରିତ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ନୂଆ ମେଗା ଧାରାବାହିକ 'ଶ୍ରାବଣୀ'। ଏହା ଏପରି ଦୁଇଜଣ ମହିଳାଙ୍କ ଜୀବନ କାହାଣୀ ଉପରେ ଆଧାରିତ, ଯେଉଁମାନଙ୍କ ଚିନ୍ତାଧାରା ଓ ପୃଷ୍ଠଭୂମି ସମ୍ପୂର୍ଣ୍ଣ ଅଲଗା। ଏହି କାହାଣୀର ମୁଖ୍ୟ ଆକର୍ଷଣ ହେଉଛନ୍ତି ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସ୍ନେହୀ ତଥା ସାହସୀ ଝିଅ 'ଶ୍ରାବଣୀ' ଏବଂ କ୍ଷମତାଶାଳୀ, କଠୋର ନିୟମରେ ଓ ଅନୁଶାସନରେ ବନ୍ଧା ତ୍ରିପାଠୀ ପରିବାରର ମୁଖ୍ୟ 'ରାଜେଶ୍ୱରୀ ଦେବୀ'। ଯେତେବେଳେ ଶ୍ରାବଣୀ ତ୍ରିପାଠୀ ପରିବାରରେ ପାଦ ରଖେ, ତା'ର ସରଳତା ଓ ମାନବିକତା ରାଜେଶ୍ୱରୀ ଦେବୀଙ୍କ କଠୋର ଆଭିମୁଖ୍ୟକୁ କ'ଣ ବଦଳାଇ ପାରିବ? ଏହି ଦୁଇ ମହିଳାଙ୍କ ମଧ୍ୟରେ ଏକ ସେତୁ ସାଜିଛନ୍ତି 'ସାଗର', ଯିଏ ନିଜ ମା'ଙ୍କ ପ୍ରତି ଅତୁଟ ବିଶ୍ୱାସ ରଖିବା ସହ ଶ୍ରାବଣୀର ନିଷ୍କପଟତା ପ୍ରତି ଆକୃଷ୍ଟ ହୁଅନ୍ତି। ପାରିବାରିକ ରାଜନୀତି ଏବଂ ଏକ ନିଆରା ପ୍ରେମ କାହାଣୀ ଭିତରେ, ଶ୍ରାବଣୀ ପ୍ରମାଣ କରିବ ଯେ ପ୍ରକୃତ ଶକ୍ତି ଅହଂକାର ବା କ୍ଷମତାରେ ନୁହେଁ, ବରଂ ନିଃସ୍ୱାର୍ଥପର ଭଲପାଇବା ଓ ମାନବିକତାରେ ଥାଏ। ସିରିଏଲ୍‌ର ମୁଖ୍ୟ ଭୂମିକା ଅର୍ଥାତ୍ ଶ୍ରାବଣୀ ଚରିତ୍ରରେ ସୋନାଲି ଚୌଧୁରୀ, ସାଗର ଭୂମିକାରେ ଜ୍ୟୋତି ରଞ୍ଜନ ଏବଂ ରାଜେଶ୍ୱରୀ ଦେବୀ ଚରିତ୍ରରେ ନୀତୁ ସିଂହ ଅଭିନୟ କରିଛନ୍ତି। ■





# ନୂଆ ସିନେମା ପାଇଁ ସ୍କ୍ରିପ୍ଟ ପୂଜା

ରାଜ ବଜାରରେ 'ଶିକାର' ସିନେମାର ଅପୂର୍ବ ସଫଳତା ପରେ ଲେଖକ ପ୍ରିୟବ୍ରତ ପଣ୍ଡା, ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ ଓ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ ପୁଣି ଥରେ ଏକାଠି ହୋଇଛନ୍ତି। ସେମାନେ ଏକ ନୂଆ କାହାଣୀ ସହ ପୂଜା ବଜାରରେ ଆସିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ପବିତ୍ର ବାହୁଡ଼ା ଅବସରରେ ସିନେମାର ସ୍କ୍ରିପ୍ଟ ପୂଜା କରାଯାଇଛି। ଖୁବ୍ ଶୀଘ୍ର ସିନେମାର କାଷ୍ଟ ଘୋଷଣା କରାଯିବ ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ସେହିପରି ପୂଜାରେ ମଧ୍ୟ ଦର୍ଶକ ସିନେମାକୁ ଭରପୂର ଭଲପାଇବା ଦେବେ ବୋଲି ଏହି ଟିମ୍ ଆଶା ରଖିଛି। ■

# ଆଦିତ୍ୟଙ୍କ ନୂଆ ସିନେମା

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଆଦିତ୍ୟ ରୟ କପୁରଙ୍କ ଖୁବ୍ ଶୀଘ୍ର ଏକ ନୂଆ ସିନେମା ଆସୁଛି। ସିନେମାର ଶୀର୍ଷକ ସ୍ଥିର ହୋଇ ନାହିଁ। ମିଲାପ ଜାଭେରିଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଆକ୍ସନରେ ଭରପୂର ଏକ ପ୍ରେମ କାହାଣୀ ବୋଲି କୁହାଯାଉଛି। ସେହିପରି ଉକ୍ତ ସିନେମାର ନିର୍ମାଣ ଭୂଷଣ କୁମାର କରୁଛନ୍ତି। ସେହିପରି ସିନେମାରେ ଆଦିତ୍ୟ ଭାବୁକ ଏବଂ ଜଟିଳ ଚରିତ୍ରରେ ନଜର ଆସିବା କୁହାଯାଉଛି। 'ଆଶିକି-୨ ସିନେମାରେ ପ୍ରେମ ଓ ଯନ୍ତ୍ରଣାରେ ଦର୍ଶକଙ୍କୁ ଗଭୀର ଭାବେ ଯୋଡ଼ି ପାରିଛନ୍ତି। ତେଣୁ ଏହି ଚରିତ୍ର ଲାଗି ଆଦିତ୍ୟ ଉପଯୁକ୍ତ ବୋଲି କୁହାଯାଉଛି। ତେବେ ଏହି ସିନେମାରେ ରୋମାନ୍ସ, ରୋମାଞ୍ଚକ ଆକ୍ସନ ଦୃଶ୍ୟ ଏବଂ ହୃଦୟସ୍ପର୍ଶୀ ସଂଗୀତ ମଧ୍ୟ ରହିବ। ସିନେମାଟିର ସୁଟିଂ ଏହି ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ। ୨୦୨୭ ମସିହାରେ ରିଲିଜ୍ ହେବା ଯୋଜନା ଅଛି। ■



# ବାଦ୍ୟଯନ୍ତ୍ର ବଦଳରେ ସ୍ୟାଣ୍ଡପେପର୍‌ରୁ ଗୀତର ଧୂନ୍

ପରଦା ପଛର କାହାଣୀ

ରାଜେଶ ଖାନ୍ନା ଅଭିନୟ ଜୀବନରେ ଅନେକ ରୋମାଣ୍ଟିକ୍ ଗୀତ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଆଜକୁ ପ୍ରାୟ ୫୨ ବର୍ଷ ପୂର୍ବେ ତାଙ୍କର ଏକ ଆଇକନିକ୍ ଗୀତ ମୁକ୍ତି ଲାଭ କରିଥିଲା। ଯାହାକୁ ଦର୍ଶକେ ଅଦ୍ୟାବଧି ବେଶ୍ ପସନ୍ଦ କରନ୍ତି। ଏହି ଗୀତଟି ୧୯ ୭୪ ମସିହାରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଫିଲ୍ମ 'ଅଜ୍‌ନବୀ' ଥିଲା। ଏହି ଫିଲ୍ମର "ହମ୍ ଦୋନୋ ଦୋ ପ୍ରେମୀ ଦୁନିୟା ଛୋଡ଼୍ ଚଲେ..." ଗୀତର ଧୂନ୍‌କୁ ପ୍ରସ୍ତୁତ କରିବା ପାଇଁ ସଙ୍ଗୀତକର ଆର୍. ଡି. ବର୍ମନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଗୀତରେ ପାରମ୍ପରିକ ବାଦ୍ୟଯନ୍ତ୍ର ପରିବର୍ତ୍ତେ, ସ୍ୟାଣ୍ଡପେପର୍ ସାହାଯ୍ୟରେ ଧୂନ୍ ତିଆରି ହୋଇଥିଲା। ଏଥିରେ ରାଜେଶ ଖାନ୍ନାଙ୍କ ବିପକ୍ଷରେ ଜୀନତ୍ ଅମାନ୍ ଅଭିନୟ କରିଥିଲେ। ଚଳନ୍ତା ମାଲଗାଡ଼ି ଉପରେ ନିର୍ମିତ ଏକ ଗୀତ ମୁକ୍ତିଲାଭ କରିବା ପରେ ଚାର୍ଟବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଏହାକୁ କିଶୋର କୁମାର ଏବଂ ଲତା ମଙ୍ଗେସ୍‌କର୍ ଗାଇଥିଲେ। ଆର୍. ଡି. ବର୍ମନ୍ ଏହାର ସଙ୍ଗୀତ କମ୍ପୋଜ କରିଥିଲେ। ଅନ୍ୟପଟେ ଏହି ଗୀତ ସୁଟିଂ ସମୟରେ ବାଦ୍ୟକାରମାନେ ନୂତନ ଚୁକ୍ତିନାମା, ଦରମା ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଦାବି କରି ଧର୍ମଘଟ କରିଥିଲେ। ଏପରି ସ୍ଥଳେ ଅର୍କେଷ୍ଟ୍ରା ଏବଂ ପ୍ରଚ୍ଛଦପଟ ବାଦ୍ୟଯନ୍ତ୍ର ବିନା ଗୀତ ରେକର୍ଡ କରିବା ପଞ୍ଚମ ଦା'ଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଥିଲା। ଗୀତଟି ମାଲବାହୀ ଟ୍ରେନ୍‌ରେ ସୁଟିଂ ହେଉଥିବାରୁ, ପଞ୍ଚମ ଦା ଏଥିରେ ଟ୍ରେନ୍‌ର ପ୍ରାକୃତିକ ଛୁକ୍, ଛକ୍ ଧୂନ୍ ତିଆରି ଚାହୁଁଥିଲେ। ଏଥିପାଇଁ ସେ ଦୁଇଟି ସାଣ୍ଡପେପର୍ ଟୁକୁଡ଼ାକୁ ପରସ୍ପର ମଧ୍ୟରେ ଘଷିଥିଲେ। ଏଥିରୁ ଟ୍ରେନ୍ ଗତି ପରି ଶବ୍ଦ ବା ଧୂନ୍ ସୃଷ୍ଟି ହୋଇଥିଲା। ଏଥିସହ ପାଟିର ଶବ୍ଦ ଏବଂ କରତାଳିର ତାଳମେଳ ବ୍ୟବହାର କରି ଗୀତର ସମ୍ପୂର୍ଣ୍ଣ ପୃଷ୍ଠଭୂମି ରଚନା କରିଥିଲେ। ବର୍ମନଙ୍କ ଏହି ଚିନ୍ତାଧାରା ଗୀତକୁ ହିନ୍ଦୀ ସିନେମାର ସବୁଠୁ ଅନନ୍ୟ ଏବଂ ସ୍ମରଣୀୟ ଗୀତରେ ପରିଣତ କରିଥିଲା। ■



## ସାକ୍ଷାତକାର

ଟିକ୍‌ଟକ୍‌ରେ ସେ ଭିଡିଓ ତିଆରି କରୁଥିଲେ। ସେଥିରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା। ଟିକ୍‌ଟକ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଥିଲା। ସେ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି। ସେହିପରି 'ଅଳ୍ପଦିନର ଗଳ୍ପ' ଟେଲି ଫିଲ୍ମରେ ଚମତ୍କାର ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣି ଥିଲେ। ଏହାପରେ ସେ ଟାଣି ହୋଇ ଆସିଲେ ଧାରାବାହିକକୁ। 'ବଡ଼ବୋହୂ' ତାଙ୍କର ପ୍ରଥମ ଧାରାବାହିକ। ଏବେ ନୂତନ ମେଗାଧାରାବାହିକ 'ଶ୍ରାବଣୀ'ରେ ଦର୍ଶକ ତାଙ୍କ ଅଭିନୟର ଯାଦୁ ଦେଖିବାକୁ ପାଇବେ। ଏହି ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ଭଦ୍ରକର ଜ୍ୟୋତିରଞ୍ଜନ ପଣ୍ଡା। ଅଭିନୟ ଯାତ୍ରା ତାଙ୍କର କିପରି ଆରମ୍ଭ ହୋଇଥିଲା ଜାଣିବା ଜ୍ୟୋତିଙ୍କ ମୁହଁରୁ।

# "ଦର୍ଶକଙ୍କ ପ୍ରଶଂସା କ୍ୟାରିୟରରେ ଆଗକୁ ନେଇଛି"

**ଜ୍ୟୋତିରଞ୍ଜନ ପଣ୍ଡା, ଅଭିନେତା**

**ଅଭିନେତା ହେବାକୁ କାହିଁକି ଭାବିଲେ?**

- ଛୋଟ ବେଳୁ ଅଭିନେତା ହେବି ବୋଲି ଭାବି ନ ଥିଲି। ହେଲେ ଦଶମ ପରେ ବାବୁଶାନଙ୍କୁ ଦେଖି ତାଙ୍କ ରୋଲ ପ୍ଲେ କରିବା ପାଇଁ ଟିକ୍‌ଟକ୍‌ରେ ଭିଡିଓ ତିଆରି ଆରମ୍ଭ କରିଲି। ମୋ ଭିଡିଓ ଅନେକଙ୍କୁ ପସନ୍ଦ ଆସିଲା। ଏହା ପରେ ମୋତେ ମ୍ୟୁଜିକ୍ ଆଲବମ୍ କରିବାକୁ ସୁଯୋଗ ମିଳିଲା। ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ ମଧ୍ୟରୁ 'ତମ ହୃଦୟ ଦେବ କି', 'ପ୍ରେମରେ ଦୟାମାୟା ନାହିଁ' ଆଦି ମ୍ୟୁଜିକ୍ ଭିଡିଓ ହିଟ୍ ହୋଇଛି। ଏହା ପରେ ଜୀ ସାର୍ଥକରେ ଅଶୋକ ପତି ସାର୍‌ଙ୍କ ନିର୍ଦ୍ଦେଶନାରେ ଟେଲି ଫିଲ୍ମ 'ଅଳ୍ପଦିନର ଗଳ୍ପ'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲି। ପରେ ତରଙ୍ଗର 'ବଡ଼ବୋହୂ' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା। ସେଥିରେ ସାନପୁଅ ଆଶିଷ ଭୂମିକାରେ ଅଭିନୟ କରିଥିଲି। ଉଭୟ ଚରିତ୍ରକୁ ଦର୍ଶକଙ୍କ ଭଲପାଇବା ମିଳିଥିଲା। ଦର୍ଶକଙ୍କ ପ୍ରଶଂସା ମୋତେ କ୍ୟାରିୟରରେ ଆଗକୁ ନେଇଛି।

**ସୁଟିଂ ସେଟ୍‌ରେ ପ୍ରଥମ ଦିନ ଭୟ ଲାଗିଥିଲା କି?**

- କ୍ୟାମେରା ସାମ୍ନାରେ ମୁଁ କେବେ ଭୟ କରେନି ବରଂ ମୋତେ କାମ କରିବାକୁ ଭଲ ଲାଗେ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ୨୦୧୯ ମସିହା କଥା, ସେତେବେଳେ ମ୍ୟୁଜିକ୍ ଭିଡିଓରୁ ପାଞ୍ଚ ହଜାର ଟଙ୍କା ମିଳୁଥିଲା। ସେଥିରେ ଆଉ କ'ଣ କରିହେବ?

**ନୂତନ ମେଗାଧାରାବାହିକ 'ଶ୍ରାବଣୀ'ରେ ଆପଣ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି ଏନେଇ କ'ଣ କହିବେ?**

- 'ଶ୍ରାବଣୀ' ରେ ମୁଁ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛି। ଏଥିରେ ମୋର ଚରିତ୍ର ସାଗର ତ୍ରିପାଠୀ ହୋଇଛି। ମୁଁ ମୋ ମା'ଙ୍କ କଥାରେ ଚାଲେ। ମା'ଙ୍କ ନିଷ୍ପତ୍ତି ଯାହା ମୋର ନିଷ୍ପତ୍ତି ମଧ୍ୟ ସେଇଆ। ହେଲେ ଶ୍ରାବଣୀ ହେଉଛି ଜଣେ ଗାଉଁଲି ଝିଅ। ସେ ସ୍ନେହୀ ଓ ସାହସୀ ଝିଅ। ସେ ସବୁବେଳେ ମୋ ମା'ଙ୍କୁ ଭଲ ଲାଗିବା ପରି କାମ କରନ୍ତି। ହେଲେ ଦୁର୍ଭାଗ୍ୟବଶତଃ ଏହା ମା'ଙ୍କ ଆଖିରେ ନେଗେଟିଭ୍ ହୋଇଯାଏ। ବାକି କାହାଣୀ ଦର୍ଶକ ଧାରାବାହିକରେ ଦେଖିବାକୁ ପାଇବେ। ଆଶା ଅଛି 'ଶ୍ରାବଣୀ' ଦର୍ଶକଙ୍କ ହୃଦୟକୁ ଛୁଇଁବ। କାରଣ ଏହି ଧାରାବାହିକରେ ଚିରାଚରିତ ପ୍ରେମ କାହାଣୀ କି ଶାଶୁବୋହୂ କାହାଣୀ ଦେଖିବାକୁ ମିଳିବନି। ଏଥିରେ କିଛି ନୂଆ କଥା ଦେଖିବାକୁ ମିଳିବ।

**ଫିଟ୍‌ର ରାଜ୍?**

- ଧାରାବାହିକ ସୁଟିଂରେ ବ୍ୟସ୍ତ ରହୁଥିବାରୁ ଜିମ୍ ଯିବାକୁ ସମୟ ମିଳେନି। ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

- ଗୀଟାର ବଜାଏ। ଗୀତ ଗାଏ।

**ଅଭିନୟକୁ ଜୀବନ୍ତ କରିବାକୁ କ'ଣ କରନ୍ତି?**

- ବାବୁସାନ୍ ଭାଇଙ୍କ ମୁଁ ବହୁତ ବଡ଼ ପ୍ରଶଂସକ। ଯାହା ବି ଶିଖିଛି ତାଙ୍କଠୁ ଶିଖିଛି। ତାଙ୍କୁ ଦେଖି ଦେଖି ଗୀତ ଆଉ ଅଭିନୟ ଶିଖିଛି।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି? ଆପଣଙ୍କ ଡ୍ରିମ୍ ରୋଲ?**

- ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖିଛି। ମୋତେ ଯାହା ବି ଚରିତ୍ର ମିଳିବ ସେ ସବୁଥିରେ ଭଲ କରିବି। ତେବେ ମୁଁ ଏମିତି ଏକ ଚରିତ୍ରରେ ଅଭିନୟ କରିବି ଯେଉଁଥିରେ ଗୋଟିଏ ସମୟରେ ମୁଁ ଦର୍ଶକଙ୍କୁ ହସାଉଥିବି, କନ୍ଦାଇ ପାରୁଥିବି।

**ଯେଉଁମାନେ ଅଭିନୟ ଜଗତକୁ ଆସୁଛନ୍ତି ସେମାନଙ୍କୁ କ'ଣ କହିବେ?**

- ରାତାରାତି ପ୍ରସିଦ୍ଧ ହେବା ନାଁରେ ନ ଆସି ଅଭିନୟକୁ ପ୍ରକୃତରେ ଭଲ ପାଇ ଆସିବା ଉଚିତ। କାରଣ ନିଷ୍ଠାର ସହିତ ଆସି କାର୍ଯ୍ୟ କଲେ ସଫଳତା ପାଇ ପାରିବେ। ■



# ଅନାହତଙ୍କୁ ଐତିହାସିକ ବିଶ୍ୱ ଜୁନିଅର ସ୍କ୍ୱାଶ୍ ଟାଇଟଲ୍



୨୧ ବର୍ଷ ପରେ ପ୍ରଥମ ଭାରତୀୟ

ଓଣ୍ଟାରିଓ, ୨୫।୭ (ଏଜେନ୍ସି): ପ୍ରଥମ ଭାରତୀୟ ଭାବେ ଅନାହତ ସିଂହ ବିଶ୍ୱ ଜୁନିଅର ସ୍କ୍ୱାଶ ଚାମ୍ପିଅନସିପ୍ ଟାଇଟଲ୍ ଜିତିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। କାନାଡାରେ ଶନିବାର ରାତିରେ ଖେଳାଯାଇଥିବା ବାଳିକା ସିଙ୍ଗଲ୍ସ ଫାଇନାଲରେ ଅନାହତ ୩-୦ (୧୧-୩, ୧୧-୭, ୧୧-୯) ଗେମରେ ଇଜିପ୍ଟର ରୁକାୟା ସାଲେମଙ୍କୁ ପରାସ୍ତ କରିଥିଲେ। ଚାମ୍ପିଅନ ହେବା ସହ ୧୮ ବର୍ଷୀୟା ଅନାହତ ଇଜିପ୍ଟର ୧୫ ବର୍ଷର ପ୍ରାଧାନ୍ୟର ଅନ୍ତ ଘଟାଇଛନ୍ତି। ୨୦୧୧ ମସିହାରୁ ଇଜିପ୍ଟ କ୍ରମାଗତ ଭାବରେ ଜୁନିଅର ବିଶ୍ୱ ଚାମ୍ପିଅନସିପର ବାଳିକା ସିଙ୍ଗଲ୍ସରେ ଟାଇଟଲ୍ ଜିତି ଆସୁଥିଲା। ୨୧ ବର୍ଷ ପରେ ଅନାହତ ପ୍ରଥମ ଭାରତୀୟ ଭାବେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ତାଙ୍କ ପୂର୍ବରୁ ୨୦୦୫ ସଂସ୍କରଣରେ ଜ୍ୟୋତ୍ସ୍ନା ଚିନାପ୍ପା ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍ ରହିଥିଲେ।

## ଏସୀୟ ୫-ଏ ସାଇଡ୍ ହକି | ପାକିସ୍ତାନକୁ ହରାଇଲା ଭାରତ

ମସ୍କାଟ,୨୫।୭ (ଏଜେନ୍ସି): ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭-୩ ଓ ଓମାନକୁ ୧୦-୧ ଗୋଲରେ ପରାସ୍ତ କରି ଭାରତର ଏସୀୟ ସବ୍‌ଜୁନିଅର ୫-ଏ ସାଇଡ୍ ବାଳକ ହକି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ପାକିସ୍ତାନ ସହ ମଧ୍ୟ ଭାରତର ମୁକାବିଲା ହେବ। ଭାରତ ପକ୍ଷରୁ ପ୍ରହଲ୍ଲାଦ ରାଜଭର ୪ଟି, ଶାହରୁଖ ଅଲୀ, ଅଧିନାୟକ କେତନ ଖୁସ୍‌ୱା ୩ଟି ଲେଖାଏଁ, କରଣ ଗୌତମ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ସେହିପରି ଚୀନ୍‌ଠାରୁ ୩-୬ ଗୋଲରେ ପରାଜିତ ହେବା ପରେ ଓମାନକୁ ୧୦-୦ ଗୋଲରେ ପରାସ୍ତ କରି ଭାରତ ବାଳିକା ଦଳ ଦ୍ୱିତୀୟ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଭାରତ ପକ୍ଷରୁ ଏହି ଦୁଇଟି ମୁକାବିଲାରେ କିରଣ ଏକ୍କା ଓ ସନ୍ଦୀପା ସିଂ ୩ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ସେମିଫାଇନାଲରେ କାଜାକସ୍ତାନ ସହ ଭାରତର ମୁକାବିଲା ହେବ। ଆଜି ସମସ୍ତ ମ୍ୟାଚ୍ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଚାମ୍ପିଅନ ହୋଇଥିବା ଦଳ ଏଫ୍‌ଆଇଏଚ୍ ୟୁଥ୍ ୫-ଏ ସାଇଡ୍ ଫର୍ମାଟର ପ୍ରଥମ ୱାର୍ଲ୍ଡ କପ୍ ଖେଳିବା ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।



ଶନିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ସର୍ବଭାରତୀୟ ଜୁନିଅର ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

## ଡୁରାଣ୍ଡ କପ୍ ଉଦ୍‌ଘାଟନୀ ଜିତିଲା ମୋହନ ବାଗାନ

କୋଲକାତା, ୨୫।୭ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୫ତମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ୧-୦ ଗୋଲରେ ଚିର ପ୍ରତିଦ୍ୱନ୍ଦ୍ୱୀ ଇଷ୍ଟ ବେଙ୍ଗଲକୁ ପରାସ୍ତ କରିଥିଲା। ଏହି ହାଇଭୋଲଟେଜ ମୁକାବିଲାର ୫୨ତମ ମିନିଟରେ ସାହଲ ଅବଦୁଲ ସମାଦ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ।

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ଝାଣ୍ଟୁଙ୍କ ସଫଳତା | ପରିବା ବିକାଳିରୁ ପଦକ ବିଜେତା



ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସ୍‌ଗୋ,୨୫।୭ (ଏଜେନ୍ସି):

ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ପ୍ରଥମ ପଦକ ବିଜୟୀ ହୋଇଛନ୍ତି ପାରା ଶକ୍ତିଉତ୍ତୋଳନ ଝାଣ୍ଟୁ କୁମାର। ପୁରୁଷ ହେଭିୱେଟ ପାରା ଶକ୍ତିଉତ୍ତୋଳନରେ ଭାଗନେଇଥିବା ଝାଣ୍ଟୁ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ରାତିରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଏକ ଟେକ୍ନିକାଲ ଫାଉଲ ଲାଗି ଝାଣ୍ଟୁ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଥିଲେ। ଏଥିରେ କିନ୍ତୁ ଦୁଃଖ କିମ୍ବା ଅନୁଶୋଚନା କରି ନ ଥିଲେ ଝାଣ୍ଟୁ। ତାଙ୍କର ଲକ୍ଷ୍ୟ ଥିଲା ଭାରତ ଲାଗି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ବିଜୟ ଧାରା ଜାରି ରଖିବା। ସେଥିରେ ସେ ସଫଳ ହୋଇଥିଲେ। ଏହା ସହ ସେ ମଧ୍ୟ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପ୍ରଥମ ପଦକ ବିଜେତା ହୋଇଥିଲେ।

ଝାଣ୍ଟୁଙ୍କ ଜୀବନ ଆରମ୍ଭ ହୋଇଥିଲା ଜଣେ ପରିବା ବିକାଳିରୁ। ଛୋଟବେଳେ ପୋଲିଓ ହୋଇଥିବାରୁ ଦେହର ନିମ୍ନଭାଗ ବା ଗୋଡ ଦୁଇଟି ଅଚଳ ହୋଇପଡ଼ିଥିଲା। ବିହାରରେ ପାଠ ପଢ଼ିବା ବା ଖେଳିବା ଭାଗ୍ୟରେ ଥିଲେ ମିଳିଥାଏ। ଏଭଳି ସମୟରେ ସେ ପିତାଙ୍କ ପରିବା ବ୍ୟବସାୟରେ ମନୋନିବେଶ କଲେ। ସେଥିରୁ ଯାହା ରୋଜଗାର ହେଉଥିଲା ପରିବାର ପୋଷଣ ହୋଇଯାଉଥିଲା। ଦିନେ ସଲମାନ ଖାନ୍‌ଙ୍କ ବଡ଼ି ଦେଖିବା ପରେ ନିଜକୁ ସେଭଳି କରିବାକୁ ସେ ଜିମ୍ ଯାଇଥିଲେ। ସେହିଠାରୁ ଆରମ୍ଭ ହୋଇଥିଲା ତାଙ୍କ ଖେଳ ଜୀବନ। ବିନା ପ୍ରଶିକ୍ଷଣରେ ବିହାର ପକ୍ଷରୁ ପ୍ରତିନିଧିତ୍ୱ କରି ପ୍ରଥମ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ଗାନ୍ଧି ନଗରଠାରେ ତାଙ୍କୁ ପେସାଦାର ପ୍ରଶିକ୍ଷଣ ଶିବିର ଲାଗି ସୁଯୋଗ ମିଳିଥିଲା। ଏଠାରେ କେବଳ ଉନ୍ନତ ପ୍ରଶିକ୍ଷଣ ମିଳି ନ ଥିଲା, ବରଂ ଭଲ ଖାଇବାକୁ ମିଳିଥିଲା। ଏହା ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଯେଉଁଠାରେ ପରିବା ବେପାର କରୁଥିଲେ, ସରକାର ସେଠାରେ ଏକ ବିଶାଳକାୟ କୋଠା ନିର୍ମାଣ କରିବା ପରେ ଝାଣ୍ଟୁ ବେରୋଜଗାର ହୋଇ ପଡ଼ିଥିଲେ। ଗାନ୍ଧିନଗରର ପ୍ରଶିକ୍ଷଣ ଶିବିର ତାଙ୍କୁ ଖେଳରେ ସଫଳତା ଦେଇପାରିବ ବୋଲି ଆତ୍ମବିଶ୍ୱାସ ଦେଇଥିଲା। ୨୦୨୫ରେ ସେ ୨୦୫ କେଜି ଓଜନ ଉଠାଇ ଜାତୀୟ ରେକର୍ଡ ଭାଙ୍ଗିଦେଇଥିଲେ। ଖେଲୋ ଇଣ୍ଡିଆ ଗେମ୍ସରେ ୨୦୬ କେଜି ଓଜନ ଉଠାଇଥିଲେ। ଏହି ବର୍ଷ ବେଜିଂରେ ଅନୁଷ୍ଠିତ ୱାର୍ଲ୍ଡ ପାରା ପାୱାର ଲିଫ୍ଟିଙ୍ଗ୍‌ରେ କାଂସ୍ୟ ଓ ଏସିଆ ଓସେନିଆ ଚାମ୍ପିଅନସିପ୍‌ରେ ଆଉ ଏକ କାଂସ୍ୟ ପଦକ ଜିତି ନିଜକୁ ଭାରତର ଜଣେ ଅଗ୍ରଣୀ ପାୱାର ଲିଫ୍ଟର ଭାବେ ପ୍ରତିଷ୍ଠା କରିସାରିଥିଲେ। ଏବେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ତାଙ୍କର ସଫଳ ଜୀବନରେ ଆଉ ଏକ ଅଧ୍ୟାୟ ଯୋଡି ଦେଇଛି।

## ପୁରୁଷ ବକ୍ସିଂ; ପ୍ରି-କ୍ୱାର୍ଟରରେ ସଚିନ

ରାଜ୍ୟଗୋଷ୍ଠୀ ପୁରୁଷ ବକ୍ସିଂରେ ଭାରତର ସଚିନ ସିୱାଚ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୬୦ କିଲୋଗ୍ରାମ୍ ଶ୍ରେଣୀ ରାଉଣ୍ଡ-୩୨ ମୁକାବିଲାରେ ସେ କାନାଡାର କୋଏମା ଅଲ-ଅହମାଦିଏଙ୍କୁ ପରାସ୍ତ କରିଥିଲେ। ଏହାପରେ ଇଂଲଣ୍ଡର ୱିଲିୟମ ହେୱିଟଙ୍କର କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିବା ଲାଗି ସଚିନ ମୁକାବିଲା କରିବେ।

## ରୂପା ରାଣୀ-ପିଙ୍କିଙ୍କ ହ୍ୟାଟ୍ରିକ ବିଜୟ

ଲନ୍ ବାଉଲ୍ସ ପେୟାର ଇଭେଣ୍ଟରେ ଭାରତର ରୂପା ରାଣୀ ତିର୍କୀ ଓ ପିଙ୍କି କ୍ରମାଗତ ତୃତୀୟ ବିଜୟ ହାସଲ କରିଛନ୍ତି। ଏହି ଯୋଡି ଟୋଙ୍ଗାର ପ୍ୟାରିସ୍ ବେକର ଓ ମିଲିକା ନାଥନଙ୍କ ଯୋଡିଙ୍କୁ ଟାଇ ବ୍ରେକରରେ ହରାଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ପୂର୍ବରୁ ରୂପା ଓ ପିଙ୍କି ଯୋଡ଼ି ମାଲଟା ଓ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଏହି ଭାରତୀୟ ଯୋଡି ଆଉ ଏକ ବିଜୟ ହାସଲ କରିପାରିଲେ ଇଭେଣ୍ଟରେ ଦେଶକୁ ଆଉ ଏକ ପଦକ ମିଳିବା ନିଶ୍ଚିତ ହେବ।

## ନିରାଶ କଲେ ବାସ୍କେଟବଲ, ସୁଇମିଂ ଖେଳାଳି

ଶନିବାର ଖେଳାଯାଇଥିବା ୩ ଗୁଣା ୩ ହ୍ୱିଲଚେୟାର ବାସ୍କେଟବଲ ଓ ସୁଇମିଂ ଇଭେଣ୍ଟରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ୩ ଗୁଣା ୩ ବାସ୍କେଟବଲ ଗ୍ରୁପ୍-ବି'ର ଏକ ମୁକାବିଲାରେ ୱେଲ୍‌ସ ୧୬-୧ ପଏଣ୍ଟରେ ଭାରତକୁ ହରାଇ ଏକ ବିଶାଳ ବିଜୟ ହାସଲ କରିଛି। ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ୍ ସନ୍ତରଣରେ ଭାରତରୁ ୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କିନ୍ତୁ ଜଣେ ହେଲେ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଦକ୍ଷଣ ଶଶିକୁମାର ୧୫ତମ ଓ ଆର୍ଯ୍ୟନ ନେହେରା ୧୬ତମ ସ୍ଥାନ ଅଧିକାର କରିଥିଲେ।

# ଆଗୁଆ ଟି-୨୦ ସିରିଜ କବ୍‌ଜା କଲା ଭାରତ

ହରାରେ, ୨୫।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଶନିବାର ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚରେ ଭାରତ ୯୦ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ମଧ୍ୟ ଭାରତ ୭ ୱିକେଟରେ ଜିତିଥିଲା। ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଶ୍ରେୟସ ଆୟରଙ୍କ ଦଳ ଟି-୨୦ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ତୃତୀୟ ମ୍ୟାଚଟି ରବିବାର ଏଠାରେ ଖେଳାଯିବ।



ଆଜି ତୃତୀୟ ଟି-୨୦ | ଖେଳ ଆରମ୍ଭ- ଅପରାହ୍ଣ ୪ଟା ୩୦ | ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ଇଶାନ-ତିଲକଙ୍କ ବିସ୍ଫୋରକ

ଶନିବାର ଅନୁଷ୍ଠିତ ଦ୍ୱିତୀୟ ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ ୫ ୱିକେଟରେ ୨୧୯ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଇଶାନ କିଶାନ ଓ ତିଲକ ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଇଶାନ ୪୪ଟି ବଲରେ ସର୍ବାଧିକ ୮୧ ରନ କରିଥିଲେ। ଯେଉଁଥିରେ ୯ଟି ଚୌକା ଓ ୨ଟି ଛକା ସାମିଲ ଥିଲା। ସେହିଭଳି ୫ଟି ଚୌକା ଓ ୩ଟି ଛକା ବଳରେ ତିଲକ ୨୯ ବଲରେ ୬୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର୍ ବୈଭବ ସୂର୍ଯ୍ୟବଂଶୀ ୨୦, ଅଭିଷେକ ଶର୍ମା ୮, ଅଧିନାୟକ ଶ୍ରେୟସ ଆୟର ୨୫, ରିଙ୍କୁ ସିଂ ୧୨ ଓ ଶିବମ ଦୁବେ ୬* ରନ କରିଥିଲେ।

ଜବାବରେ ଘରୋଇ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୫ ଓଭରରେ ୧୨୯ ରନରେ ସମସ୍ତ ୱିକେଟ ହରାଇ ପରାଜୟବରଣ କରିଥିଲା। ବ୍ୟାଟିଂରେ ବିଫଳ ହୋଇଥିବା ଅଭିଷେକ ବୋଲିଂରେ ୩ଟି ଏବଂ ଯଶ ଠାକୁର ଓ ପ୍ରିନ୍ସ ଯାଦବ ୨ଟି ଲେଖାଏ ୱିକେଟ ନେଇଥିଲେ। ଇଶାନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# ବିଶ୍ୱରେକର୍ଡ ୧୯ତମ ପଦକ ଜିତିଲେ ଚାର୍ଡ ଲି



ଗ୍ଲାସଗୋ, ୨୫।୭ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଦକ୍ଷିଣ ଆଫ୍ରିକା ସନ୍ତରଣକାରୀ ଚାଡ ଲି କ୍ଲୋସ ସବୁଠୁ ଅଧିକ ପଦକ ଜିତି ସଫଳତମ ପୁରୁଷ କ୍ରୀଡ଼ାବିତ୍ ହୋଇଛନ୍ତି। ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶନିବାର ପୁରୁଷ ୪ ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ କାଂସ୍ୟ ପଦକ ବିଜୟୀ ଦକ୍ଷିଣ ଆଫ୍ରିକା ଦଳରେ କ୍ଲୋଜ ପ୍ରମୁଖ ସଦସ୍ୟ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୪ ବର୍ଷୀୟ କ୍ଲୋଜଙ୍କ ଏହା ୧୯ତମ ପଦକ ଥିଲା। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ସାମିଲ ରହିଛି। ୧୮ ବର୍ଷ ବୟସରେ ଚାଡ୍ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେଇ ଏହି ମେଗା ପ୍ରତିଯୋଗିତାରେ ପ୍ରଥମଥର ପାଦ ଥାପିଥିଲେ। ସେହି ସଂସ୍କରଣରେ ସେ ୨ଟି ସ୍ୱର୍ଣ୍ଣ ସହ ମୋଟ୍ ପାଞ୍ଚଟି ପଦକ ବିଜୟୀ ହୋଇଥିଲେ। ଏହାପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦୧୪ ସଂସ୍କରଣରେ ୭, ୨୦୧୮ ରେ ୫ ଓ ୨୦୨୩ରେ ମାତ୍ର ଗୋଟିଏ ପଦକ ବିଜୟୀ ହୋଇଥିଲେ। ଏବେ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ସବୁଠୁ ସଫଳ ପୁରୁଷ କ୍ରୀଡ଼ାବିତ୍ ହୋଇଛନ୍ତି। ଏହିକ୍ରମରେ ସେ ଅଷ୍ଟ୍ରେଲୀୟ ସୁଟର ଫିଲ୍ ଆଦାମ୍ସ ଓ ଇଂଲଣ୍ଡର ମିକ୍ ଗୌଲ୍ଟଙ୍କୁ ପଛରେ ପକାଇଛନ୍ତି। ଉଭୟ ଆଦାମ୍ସ ଓ ଗୌଲ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମୋଟ୍ ୧୮ଟି ଲେଖାଏ ପଦକ ଜିତିଥିଲେ। ମହିଳାରେ ଅଷ୍ଟ୍ରେଲିଆ ସନ୍ତରଣକାରୀ ଇମା ମ୍ୟାକକେନ ୨୦ ପଦକ ଜିତି ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ରହିଛନ୍ତି।

# ଗଞ୍ଜାମ, ଭୁବନେଶ୍ୱରର ପ୍ରାଧାନ୍ୟ





ରାଜ୍ୟ ଜୁନିଅର ଭାରୋତ୍ତୋଳନ

ଭୁବନେଶ୍ୱର, ୨୫।୭ (ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଓ ଭୁବନେଶ୍ୱରର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଦ୍ୱିତୀୟ ଦିନରେ ଶନିବାର ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ପାପାଲି ଜେନା, ପୂଜା ସେଠୀ, ସନ୍ଧ୍ୟା ଶର୍ମା, କବିତା ମହନ୍ତ, ୧୨ ବର୍ଷରୁ କମ୍ ବାଳକରେ ସୂର୍ଯ୍ୟକାନ୍ତ ଖରା, ରାଜବୀର ଦଳାଇ, ୧୪ ବର୍ଷରୁ କମ ବାଳକରେ ଶିବା ରାଓ, ତପନ ମାଝୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅତିଥି ରାଜ୍ୟ ଭାରୋତ୍ତୋଳନ ସଂଘ ଉପସଭାପତି ପରେଶ ମହନ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ରାଜ୍ୟ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

# ରାଜ୍ୟ ସିନିଅର ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୭ (ସମିସ): କିଟ୍ ଡିମ୍ଡ ୟୁନିଭର୍ସିଟି ପରିସରରେ ରାଜ୍ୟ ୬୭ତମ ରାଜ୍ୟ ସିନିଅର ଫିଡେ ରେଟିଂ ଚେସ୍ ଚାମ୍ପିଅନସିପ୍‌କୁ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅଲ୍ ଓଡ଼ିଶା ଚେସ ସଂଘ (ଏଓସିଏ), ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହା ଜୁଲାଇ ୨୯ ତାରିଖ ଯାଏ ଖେଳାଯିବ। ଏଥିରେ ୨୨ଟି ଜିଲାରୁ ୨୦ଜଣ ମହିଳା ଓ ୭୬ ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସମେତ ମୋଟ ୧୪୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଶନିବାର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଟପ୍ ସିଡ୍ ଆଶୀର୍ବାଦ ସ୍ୱାଇଁଙ୍କ ସମେତ ୩୦ଜଣ ଖେଳାଳି ମିଳିତଭାବେ ପୂରା ପଏଣ୍ଟ ହାସଲ କରିଛନ୍ତି। ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଚାଟାର୍ଡ ଆକାଉଟାଣ୍ଟ ରାଜନାରାୟଣ ତ୍ରିପାଠୀ, ପ୍ରିୟବ୍ରତ ପଣ୍ଡା ଅତିଥିଭାବେ ଯୋଗ ଦେଇଥିଲେ। ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରାରମ୍ଭିକ ଦେଇଥିଲାବେଳେ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍ବିଟର ନିହାରରଞ୍ଜନ ସାସ୍‌ମଲ ଓ ପିଙ୍କି ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ପରିଚାଳିତ ହେବ।



ନନ୍ଦିଘୋଷ
NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification: Master's Degree / P.G. Diploma in Journalism
Experience: Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification: Master's Degree / P.G. Diploma in Journalism
Experience: Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS